# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 43 ◆ISSUE-96 ◆MONDAY ◆29 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୬ ◆ସୋମବାର ◆୨୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ବିରାଜିଲେ ମା'** ଆଜି ପୀଠେ ମହାଷ୍ଟମୀ, ମଣ୍ଡପରେ ସପ୍ତମୀ ପୂଜା

## ଏସିଆ କପ୍‌ରେ ରୋମାଞ୍ଚକ ବିଜୟ

# ଟ୍ରଫି ନେଲାନି ଭାରତ

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଦୁବାଇ ଗ୍ରାଉଣ୍ଡରେ ଧୂଳି ଚଟାଇ ଭାରତ ନବମଥର ପାଇଁ ଏସିଆ କପ୍ ଟାଇଟଲ୍ ହାସଲ କରିଛି । ଦୁଇ ଦେଶ ମଧ୍ୟରେ ଶତ୍ରୁତା କାରଣରୁ ଆରମ୍ଭରୁ ବହୁଚର୍ଚ୍ଚିତ ଏହି ଟି -୨୦ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚକ ଥିଲା । ପ୍ରଥମ ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଉଭୟ ଦଳର କ୍ୟାପ୍‌ଟେନ୍ ପରସ୍ପର କରମର୍ଦ୍ଦନ ନ କରିବାକୁ ନେଇ ବାଦବିବାଦ ସୃଷ୍ଟି ହୋଇଥିଲା । ଟୁର୍ଣ୍ଣାମେଣ୍ଟ ବିଜୟ ପରେ ଏସିସି ସଦସ୍ୟଙ୍କ ହାତରୁ କୁଲ୍‌ଦୀପ ଯାଦବ 'ମୋଷ୍ଟ ଭେଲୁଏବଲ୍ ପ୍ଲେୟାର' ଏବଂ ଅଭିଷେକ ଶର୍ମା 'ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ' ପୁରସ୍କାର ଗ୍ରହଣ କରିଥିଲେ ହେଁ ଏସିସି ସଭାପତି ପାକିସ୍ତାନର ମୋହସିନ୍ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଦଳ ମନା କରିଦେଇଥିଲା । ଚାମ୍ପିଅନ ଭାରତୀୟ ଦଳକୁ ବିସିସିଆଇ ୨୧ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଛି । (ଖେଳ ବିବରଣୀ: ପୃଷ୍ଠା-୧୨)



ବିଜୟର କର୍ଣ୍ଣଧାର ତିଲକ ବର୍ମା

# ବିହାର ନିର୍ବାଚନ ସହ ନୂଆପଡ଼ା ଉପନିର୍ବାଚନ

■ **ଭୁବନେଶ୍ୱର, ୨୮।୯ (ସମିସ):** ବିହାର ବିଧାନସଭା ନିର୍ବାଚନ ସହ ଅନୁଷ୍ଠିତ ହେବ ନୂଆପଡ଼ା ଉପ ନିର୍ବାଚନ। ରବିବାର ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ନିର୍ବାଚନ କମିଶନ। ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ବିହାର ନିର୍ବାଚନ ସହ ଦେଶର ବିଭିନ୍ନ ସ୍ଥାନରେ ୮ଟି ବିଧାନସଭା ନିର୍ବାଚନ ନିମନ୍ତେ ଉପନିର୍ବାଚନ କରାଯିବ। ବିହାର ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ପରିଚାଳନା ପାଇଁ ମୋଟ ୪୭୦ ଅଧିକାରୀଙ୍କୁ ନିୟୋଜିତ କରାଯିବ। ଏଥିରେ ୩୨୦ ଆଇଏଏସ, ୬୦ ଆଇପିଏସ ଓ ୯୦ ଅନ୍ୟ ଅଧିକାରୀଙ୍କୁ ନିୟୋଜିତ କରାଯିବ ବୋଲି କମିଶନ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆଙ୍କ ଅକାଳ ପରଲୋକ ଯୋଗୁଁ ଏଠାରେ ଉପନିର୍ବାଚନ କରାଯିବାକୁ ନିଷ୍ପତ୍ତି ହୋଇଥିବାରୁ ଏହାକୁ ସୁରୁଖୁରୁରେ ସମ୍ପାଦିତ କରିବା କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ▶ପୃଷ୍ଠା-୭



## ତେଜିଲା ଦଳାଚକଟା ରାଜନୀତି

# ଦୁର୍ଘଟଣା ନା ଷଡ଼ଯନ୍ତ୍ର



- ବିଜୟଙ୍କ ରାଲି ଦଳାଚକଟା ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି
- ମୃତକଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ ଦେବେ ବିଜୟ
- ଷଡ଼ଯନ୍ତ୍ର କରିଥିଲେ ଡିଏମ୍‌କେ ନେତା: ଟିଭିକେ
- ଟିଭିକେ ନେତାଙ୍କ ବିରୋଧରେ ରୁଜୁହେଲା ଏତଲା
- ସରକାରଙ୍କୁ ରିପୋର୍ଟ ମାଗିଲା ସ୍ୱରାଷ୍ଟ୍ର ମନ୍ତ୍ରାଳୟ

■ **ଚେନ୍ନଇ, ୨୮।୯ (ଏଜେନ୍ସି):** ଅଭିନେତାରୁ ରାଜନେତା ପାଲଟିଥିବା ଥଲପତି ବିଜୟଙ୍କ ରାଜନୈତିକ ରାଲିରେ ଦଳଚକଟା ଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚି ଯାଇଛି। ମୃତକଙ୍କ ମଧ୍ୟରେ ୧୬ ମହିଳା, ୧୦ ଶିଶୁ ସାମିଲ ଅଛନ୍ତି। ୯୫ ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫୧ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଆଇସିୟୁରେ ଚିକିତ୍ସା ଚାଲିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ▶ପୃଷ୍ଠା-୭







### ୟୁନେସ୍କୋ ନେଟ୍‌ୱର୍କରେ ସ୍ଥାନ ପାଇଲା

## ସ୍ପିତି ଉପତ୍ୟକା ଦେଶର ପ୍ରଥମ ଶୀତଳ ମରୁସ୍ଥଳ



ସିମ୍‌ଲା,୨୮।୯(ଏଜେନ୍ସି): ହିମାଚଳ ପ୍ରଦେଶର ଲାହୌଲ-ସ୍ପିତି ଜିଲ୍ଲାରେ ଥିବା ସ୍ପିତି ଉପତ୍ୟକା ଦେଶର ପ୍ରଥମ ଶୀତଳ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ଭାବେ ମାନ୍ୟତା ପାଇଛି। ଏହିକ୍ରମରେ ସ୍ପିତି ଉପତ୍ୟକାକୁ ୟୁନେସ୍କୋର ସମ୍ମାନଜନକ ମାନବ ଓ ବାୟୋସ୍ପିଅର ପ୍ରୋଗ୍ରାମ୍ (ଏମ୍‌ଏବି)ରେ ସାମିଲ କରାଯାଇଛି। ଗତ ସେପ୍ଟେମ୍ବର ୨୬ ଚୀନ୍‌ର ହାଙ୍ଗଝୁରେ ଅନୁଷ୍ଠିତ ଅନ୍ତର୍ଜାତୀୟ କୋର୍ଡିନେଟିଂ କାଉନସିଲ (ଏମ୍‌ଏବି- ଆଇସିସି) ବୈଠକର ୩୭ତମ ସଂସ୍କରଣରେ ସ୍ପିତି ଉପତ୍ୟକାକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏଥିସହ ଏମ୍‌ଏବି ନେଟୱର୍କରେ ଭାରତର ୧୩ଟି ବାୟୋସ୍ପିଅର ରିଜର୍ଭ ସାମିଲ ହୋଇଛି। ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁ ଏହା ସମ୍ଭବପର ହୋଇ ପାରିଛି। ଜଳବାୟୁ ପରିବର୍ତ୍ତନର ଯୁଗରେ ହିମାଚଳର ସମୃଦ୍ଧ ପ୍ରାକୃତିକ, ସାଂସ୍କୃତିକ ପରମ୍ପରାକୁ ଅତୁଟ ରଖିବାକୁ ରାଜ୍ୟ ସରକାର ପ୍ରୟାସ କରିଆସୁଛନ୍ତି। ସ୍ପିତିର ଏହି ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ୭,୭୭୦ ବର୍ଗ କିମି ଭୌଗଳିକ କ୍ଷେତ୍ରରେ ପରିବ୍ୟାପ୍ତ।

### ଆର୍ଜେଣ୍ଟିନା ଡ୍ରଗ୍ସ ଗ୍ୟାଙ୍ଗର ଜଘନ୍ୟ କାଣ୍ଡ

## ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ତିନି ଯୁବତୀଙ୍କୁ ହତ୍ୟା



ବଏନେସ ଏରିଜ୍, ୨୮।୯ (ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ଆର୍ଜେଣ୍ଟିନାରେ ଡ୍ରଗ୍ସ ଗ୍ୟାଙ୍ଗ୍ ୩ ଜଣ ଯୁବତୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ଆଉ ଏହି ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ଦୃଶ୍ୟକୁ ଇନ୍‌ଷ୍ଟାଗ୍ରାମ୍‌ରେ ଲାଇଭ ଦେଖାଇବାର ଦୁଃସାହାସ କରିଛି। ଗତ ୧୯ ତାରିଖରେ ଏହି ହୃଦୟ ବିଦାରକ ଘଟଣା ଘଟିଛି। ଏହି ଗ୍ୟାଙ୍ଗର ଗୁଣ୍ଡାମାନେ ପ୍ରଥମେ ଏହି ଝିଅମାନଙ୍କୁ ଅମାନୁଷିକ ଭାବେ ବାଡେଇଥିଲେ। ଏହା ପରେ ସେମାନଙ୍କ ଆଙ୍ଗୁଠି କାଟି ଦେଇଥିଲେ। ନଖ ଉପାଡି ଦେଇଥିଲେ ଏବଂ ଶେଷରେ ତଣ୍ଟି ଚିପି ହତ୍ୟା କରିଥିଲେ। ପୁଲିସ ସୂଚନା ମୁତାବକ, ଏହି ମହିଳାଙ୍କୁ ପାର୍ଟି କରିବା ବାହାନାରେ ଡକାଯାଇ ଭ୍ୟାନରେ ନିଆଯାଇଥିଲା। ଗ୍ୟାଙ୍ଗର ନିୟମ ଭାଙ୍ଗିଥିବାରୁ ଦଣ୍ଡ ସ୍ୱରୂପ ୩ ମହିଳାଙ୍କୁ ହତ୍ୟା କରାଯାଇଥିଲା। 'ଯିଏ ମୋର ଡ୍ରଗ୍ସ ଚୋରି କରିବ ତାଙ୍କର ଅବସ୍ଥା ଏହିପରି ହେବ' ବୋଲି ଗ୍ୟାଙ୍ଗ ଲିଡର ଭିଡିଓରେ କହୁଥିବାର ଦେଖାଯାଇଥିଲା। ମୃତକ ୩ ଯୁବତୀଙ୍କ ମଧ୍ୟରେ ଦୁଇ ଜଣ ସମ୍ପର୍କୀୟ ଭଉଣୀ ମୋରେନା ବେର୍ଡିନ ଓ ବ୍ରେଣ୍ଡା ଡେଲ କାଷ୍ଟିଲୋ। ଏହି ଦୁଇ ଭଉଣୀଙ୍କ ବୟସ ୨୦ ବର୍ଷ। ସେହିପରି ଅନ୍ୟଜଣେ ହେଲେ ୧୫ ବର୍ଷୀୟା ଲାରା ଗୁଟିଏରେଜ। ବଏନେସ ଏରିଜ୍‌ସ୍ଥିତ ବାସଭବନ ନିକଟରୁ ଏହି ୩ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି।

### କରୁର ଦଳାଚକଟା ମାମଲା

# ବିଜୟଙ୍କ ଭୁଲ୍ ପାଇଁ ଅଘଟଣ!




ଚେନ୍ନଇ, ୨୮।୯ (ଏଜେନ୍ସି):

ରାଜନୈତିକ ଲଢ଼େଇ ପୂର୍ବରୁ ଅଭିନେତା ଥଲପତି ବିଜୟ ଆଇନ ଜାଲରେ ଫସି ଯାଇଛନ୍ତି। କରୁର ରାଲିରେ ଦଳଚକଟା ପାଇଁ ଅଭିନେତାଙ୍କୁ ଦାୟୀ କରାଯାଉଥିବାବେଳେ ତାଙ୍କ ଦଳ ଟିଭିକେ କ୍ଷମତାସୀନ ଡିଏମ୍‌କେକୁ ଦୋଷ ଦେଉଛି। ଡିଏମ୍‌କେ ନେତାଙ୍କ ଷଡ଼ଯନ୍ତ୍ର ପାଇଁ ଏହି ଅଘଟଣ ଘଟିଲା ବୋଲି କୁହାଯାଇଛି। ଆଉ କିଛି ରିପୋର୍ଟରେ ବିଜୟ ଠିକ୍ ସମୟରେ ନ ପହଞ୍ଚିବାରୁ ଦଳଚକଟା ଘଟିଥିବା ଦାବି କରାଯାଇଛି। ତେଣୁ ଏହାର ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ବିଜୟଙ୍କୁ ଆଉ ରାଲି ନ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଜଣେ ପୀଡ଼ିତା କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ ଶନିବାର ଟିଭିକେ ମୁଖ୍ୟଙ୍କ ଦୁଇଟି ରାଲି ଥିଲା। ନମକଲରେ ସକାଳ ୮ଟା୪୫ରେ ସଭା କରିବା ପାଇଁ ତାଙ୍କୁ ଅନୁମତି ଦିଆଯାଇଥିଲା। କିନ୍ତୁ ବିଜୟ ନିର୍ଦ୍ଧାରିତ ସମୟରେ ସେଠାରେ ପହଞ୍ଚି ନ ଥିଲେ। ସେ ପ୍ରାୟ ୬ ଘଣ୍ଟା ବିଳମ୍ବରେ ଦ୍ୱିପହର ୨ଟା୪୫ରେ ଜନସଭାରେ ଯୋଗ ଦେଇଥିଲେ। କିନ୍ତୁ ଅଭିନେତାଙ୍କୁ ଦେଖିବା ପାଇଁ ଲୋକେ ସକାଳୁ ଭିଡ଼ ଜମାଇ ଥିଲେ। ଖରାରେ ଭୋକ ଉପାସରେ ଏତେ ସମୟ ଅପେକ୍ଷା କରି ଲୋକେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। କିଛି ଲୋକ ଚେତାଇ ହରାଇ ପଡିବାରେ ଲାଗିଥିଲେ। ଏଥିଯୋଗୁଁ ସ୍ଥିତି ବିଗିଡି ଯାଇଥିଲେ। ଏହା ଦେଖି କିଛି ଲୋକ ଦୌଡିବାରେ ଲାଗିଥିଲେ। ନିୟନ୍ତ୍ରଣ ହରାଇ ଅନେକ ପଡ଼ି ଯାଇଥିଲେ। ଏଥିରେ ଅନେକ ଆହତ ହୋଇଥିଲେ। ଜଣେ ମହିଳାଙ୍କ ଗୋଡ଼ ମଧ ଭାଙ୍ଗି ଯାଇଥିଲା। ଆୟୋଜକମାନେ ଭିଡ଼ ପରିଚାଳନା ପାଇଁ କିଛି ବ୍ୟବସ୍ଥା କରି ନ ଥିଲେ। ସେମାନଙ୍କୁ ସ୍ଥିତି ସମ୍ଭାଳିବାକୁ କହି ବିଜୟ ୩ଟା ୪୫ରେ ନମକଲରୁ ବାହାରି ଯାଇଥିଲେ। ତେବେ ସେ ଏହି ଅଘଟଣରୁ କିଛି ଶିକ୍ଷା ଗ୍ରହଣ କରି ନ ଥିଲେ। ପୁଣି ୬ ଘଣ୍ଟା ବିଳମ୍ବରେ କରୁର ରାଲିରେ ପହଞ୍ଚି ଥିଲେ। ଏଠାରେ ସନ୍ଧ୍ୟା ୭ଟା ୪୫ରେ କିଛି ଲୋକ ବିଜୟଙ୍କ ବସ୍ ଅଭିମୁଖେ ବଢ଼ିବାରୁ ଏବଂ ବିଜୟ ନିଖୋଜ ଶିଶୁକୁ ଖୋଜିବା ପାଇଁ କହିବାରୁ ଦଳାଚକଟା ଘଟିଥିଲା। ପରସ୍ପରକୁ ଧକ୍କା ଦେବାରୁ ଦୀର୍ଘ ସମୟ ହେଲା ଖରାରେ ଅପେକ୍ଷା କରି ରହିଥିବା ଅନେକ ଲୋକ ଅଚେତ ହୋଇଗଲେ। ଗରମ ଏବଂ ଭିଡ଼ ଯୋଗୁଁ ଅନେକ ନିଃଶ୍ୱାସ ନେଇପାରି ନ ଥିଲେ। ଅନେକ ପିଲା ମଧ ନିଜ ପରିବାର ସଦସ୍ୟଙ୍କଠାରୁ ଅଲଗା ହୋଇ ଯାଇଥିଲେ। ଆଉ କିଛି ଚାପି ହୋଇ ଯାଇଥିଲେ। ବିଜୟଙ୍କ ମଞ୍ଚ ନିକଟରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ କିମ୍ବା ସ୍ୱେଚ୍ଛାସେବୀ ନଥିଲେ। ଫଳସ୍ୱରୂପ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

ଅନ୍ୟପକ୍ଷରେ ଲୋକଙ୍କ କ୍ରୋଧକୁ ଦେଖି ଚେନ୍ନଇ ସ୍ଥିତ ଅଭିନେତା ବିଜୟଙ୍କ ଘରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ଟିଭିକେର ସବୁ ଜିଲ୍ଲା ଅଧକ୍ଷଙ୍କ ସୁରକ୍ଷା ବଢ଼ାଇବା ପାଇଁ ପୁଲିସ ନିର୍ଦ୍ଦେଶ ଦେଇଛି। ଦଳାଚକଟାକୁ ନେଇ ଡିଏମ୍‌କେ ଅଭିନେତାଙ୍କୁ ସମାଲୋଚନା କରିଛି। ମାର୍ଗଦର୍ଶିକା ଉଲ୍ଲଙ୍ଘନ କରିବାରୁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଇଛି। ଆୟୋଜନକାରୀ ପାଣି ଏବଂ ଖାଦ୍ୟର ବ୍ୟବସ୍ଥା କରି ନଥିଲେ। ବିଜୟଙ୍କ ସମର୍ଥକ ମଧ ନିୟମକୁ ଫୁ କରି ଦେଇଥିଲେ। ଲୋକେ ଚେତା ହରାଇ ପଡୁଥିବାବେଳେ ବିଜୟ ଅଭିଭାଷଣ ଦେବା ଜାରି ରଖିଥିଲେ। ଏହି ସମୟରେ ଆମ୍ବୁଲାନ୍ସକୁ ମଧ ଛଡ଼ା ଯାଇ ନ ଥିଲା। ତେବେ ବିଜୟଙ୍କ ଓକିଲ ସବୁ ନିୟମ ପାଳନ କରାଯାଇଥିବା କହିଛନ୍ତି। ଏହାକୁ ନେଇ ଟିଭିକେ ସାଧାରଣ ସମ୍ପାଦକ ଏନ. ଆନନ୍ଦ, ଯୁଗ୍ମ ସଚିବ ନିର୍ମଳ କୁମାର ଏବଂ କରୁର ଜିଲ୍ଲା ସଚିବ ଭିପି ମାଥିୟଝାଗନଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ତାଙ୍କ ବିରୋଧରେ ଉଦ୍ଦେଶ୍ୟ ରହିତ ହତ୍ୟାକାଣ୍ଡ ଏବଂ ଅନ୍ୟାନ୍ୟ ଧାରା ଲଗାଯାଇଛି।

## 'ଟଙ୍କା ନୁହେଁ; ଭଉଣୀକୁ ଫେରାଇଦିଅ'



ଚେନ୍ନଇ, ୨୮।୯ (ଏଜେନ୍ସି): ତାମିଲନାଡୁ କରୁରରେ ଆୟୋଜିତ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ୨୨ ବର୍ଷୀୟ ବ୍ରିନ୍ଦା ପହଞ୍ଚି ଥିଲେ। ସେ ଅଭିନେତାଙ୍କ ବଡ଼ ଫ୍ୟାନ ଥିଲେ। ସେଥିପାଇଁ ୨ ବର୍ଷର ପୁଅକୁ ଭଉଣୀ ପାଖରେ ଛାଡ଼ି ଅଭିନେତାଙ୍କ ଟିକେ ଝଲକ ପାଇବା ପାଇଁ ରାଲିକୁ ଯାଇଥିଲେ। ମାତ୍ର ଏହା ତାଙ୍କ ଶେଷ ଯାତ୍ରା ପାଲଟି ଯାଇଥିଲା। ଦଳାଚକଟାରେ ତାଙ୍କ ଜୀବନ ଚାଲି ଯାଇଥିଲା। ବ୍ରିନ୍ଦାଙ୍କ ଭଉଣୀ ତାଙ୍କୁ ଶନିବାର ୪ଟାବେଳେ ଫୋନ କରିଥିଲେ। କିନ୍ତୁ ସେ କଲ୍ ଉଠାଇ ନ ଥିଲେ। ରାତି ୧୦ଟା ପରେ ତାଙ୍କ ଫୋନ ସ୍ୱିଚଅଫ୍ ହୋଇଯାଇଥିଲା। ତେବେ ରବିବାର ସକାଳେ ଭଉଣୀର ମୃତ୍ୟୁ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏବେ ସେ ୨୦ ଲକ୍ଷ ଟଙ୍କା ନୁହେଁ, ବରଂ ଭଉଣୀଙ୍କୁ ବିଜୟ ଫେରାଇ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏହି ଟଙ୍କା ଦ୍ୱାରା ଆମର ହୋଇଥିବା କ୍ଷତି ଭରଣା ହୋଇଯିବ ନାହିଁ। ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିବାରୁ ଏଭଳି ଘଟଣା ଘଟିଲା। ଲୋକଙ୍କ ପାଇଁ ଖାଦ୍ୟ ଏବଂ ପାନୀୟର ବ୍ୟବସ୍ଥା କରାଯାଇ ନ ଥିଲା। ଖାଲି କ୍ଷତିପୂରଣ ଦେଇଦେଲେ ସବୁ କିଛିର ସମାଧାନ ହୋଇଯିବ ନାହିଁ। ଆମେ ଟଙ୍କା ନୁହେଁ, ଭଉଣୀଙ୍କୁ ଫେରି ପାଇବାକୁ ଚାହୁଁଛୁ। ଭଉଣୀକୁ ବିଜୟ ଫେରାଇ ଦେଇପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ସେଲିବ୍ରିଟିଙ୍କ ସମ୍ପତ୍ତି ଜବତ କରିବ ଇଡି!

ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍ ପାଇଁ '୧Xବେଟ୍'ର ପ୍ରଚାରପ୍ରସାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କିଛି ଖେଳାଳି ଏବଂ ଅଭିନେତାଙ୍କୁ ଗିରଫ କରିପାରେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କିଛି ସେଲିବ୍ରିଟି ଏହି ଆପ୍‌ର ପ୍ରଚାର ପାଇଁ ମିଳିଥିବା ଅର୍ଥରୁ ସମ୍ପତ୍ତି କ୍ରୟ କରିଛନ୍ତି। ତେଣୁ ଏହାକୁ ଅପରାଧରୁ ଆୟ କରାଯାଇଥିବା ସମ୍ପତ୍ତି ଧରାଯାଉଛି। ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ କିଛି ସେଲିବ୍ରିଟିଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ଜବତ କରିବା ଇଡି ଖୁବଶୀଘ୍ର ନିର୍ଦ୍ଦେଶ ଜାରି କରିବ। ଆଉ କିଛି ସେଲିବ୍ରିଟି ୟୁଏଇ ଭଳି ଦେଶରେ ସମ୍ପତ୍ତି କିଣିଥିବା ଜଣାପଡ଼ିଛି। କିନ୍ତୁ ଏହାର ମୂଲ୍ୟାଙ୍କନ କରାଯାଇ ନାହିଁ। ଗତ କିଛି ଦିନ ତଳେ ଇଡି ଏହି ମାମଲାରେ କ୍ରିକେଟର ଯୁବରାଜ ସିଂହ, ସୁରେଶ ରୈନା, ରବିନ ଉଥପ୍ପା, ଶିଖର ଧାୱନ, ଅଭିନେତା ସୋନୁ ସୁଦ, ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ, ଅଙ୍କୁଶ ହାଜରାଙ୍କ ସମେତ କିଛି ଇନ୍‌ଫ୍ଲୁଏନ୍ସରଙ୍କୁ ଜେରା କରିଥିଲା।

## ମଦ ପାଇଁ ମା'କୁ ହତ୍ୟା କଲା ପୁଅ

ସାହାରନପୁର, ୨୮।୯ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ୍ୟପାନ କରିବାକୁ ପଇସା ନ ଦେବାରୁ ଜଣେ ମା'ଙ୍କୁ ତାଙ୍କ ପୁଅ ଅତି ନୃଶଂସ ଭାବେ ହତ୍ୟା କରିଛି। ରବିବାର ପୁଲସ ଏ ନେଇ ସୂଚନା ଦେଇଛି। ନାଗରକୋଟୱାଲି ଥାନାର ନୀର୍ଭୟପୁରମ କଲୋନୀରେ ଶନିବାର ରାତିରେ ଏହି ଘଟଣା ଘଟିଥିଲା। ୫୫ ବର୍ଷୀୟ ଆଶାଦେବୀଙ୍କୁ ତାଙ୍କ ପୁଅ ଅକ୍ଷୟ ମଦ ପିଇବା ପାଇଁ ପଇସା ମାଗିଥିଲେ। କିନ୍ତୁ ପାଖରେ ପଇସା ନଥିବାରୁ ଆଶାଦେବୀ ଟଙ୍କା ଦେବାକୁ ମନା କରିଥିଲେ। ମାତ୍ର ପୁଅ ସୁନା ଗହଣା ବିକିଦେବାକୁ କହିଥିଲେ। ଏହାକୁ ବି ଏଡାଇ ଦେବାରୁ ଉତ୍‌କ୍ଷୀପ୍ତ ହୋଇ ଅକ୍ଷୟ ମାଙ୍କୁ ମାଡ଼ ମାରିବା ସହ ତାଙ୍କ ମୁଣ୍ଡକୁ କାନ୍ଥରେ ପିଟି ପିଟି ହତ୍ୟା କରିଥିଲା।

## ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୨୮ ।୯ (ଏଜେନ୍ସି): ଜମ୍ମୁ-କଶ୍ମୀର କୁପୱାରା ଜିଲ୍ଲାରେ କେରନ ସେକ୍ଟରରେ ଭାରତୀୟ ସେନା ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଆତଙ୍କବାଦୀ ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ଦେଇ ଭାରତ ସୀମା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଦୁଇଜଣଙ୍କ ମୃତଦେହ ଏଲ୍‌ଓସିର ନିକଟରେ ପଡିଛି। ସୀମା ସେପଟୁ ଗୁଳିମାଡ଼ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ଦୁଇ ନିହତ ଆତଙ୍କାବାଦୀଙ୍କୁ ବାହର କରିବା ପାଇଁ ସେନା ଚେଷ୍ଟିତ ରହିଛି। ମୃତ ଆତଙ୍କବାଦୀଙ୍କ ପରିଚୟ ଓ ସେମାନେ କେଉଁ ସଂଗଠନର ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ।

## ଦେଶ ଛାଡ଼ିବେନି ଓଲି

କାଠମାଣ୍ଡୁ,୨୮ ।୯ (ଏଜେନ୍ସି): ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ସମେତ ୫ ଜଣ ନେତା ଏବଂ ଅଧିକାରୀଙ୍କ କାଠମାଣ୍ଡୁ ଛାଡି ବାହାରକୁ ଯିବା ଉପରେ କଟକଣା ଲଗାଇ ଦିଆଯାଇଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଗୌରୀ ବାହାଦୂର କାର୍କିଙ୍କ ଅଧକ୍ଷତାରେ ଗଠିତ ନ୍ୟାୟିକ କମିଟି ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଓଲିଙ୍କୁ ବାଦ୍ ଦେଲେ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକ, ଗୃହ ସଚିବ ଗୋକର୍ଣ୍ଣ ମାଣି ଦୁବାଡି, ଅଭ୍ୟନ୍ତରୀଣ ଗୁଇନ୍ଦା ବିଭାଗ ମୁଖ୍ୟ ହୁତ ରାଜ ଥାପ୍ପା ଓ କାଠମାଣ୍ଡୁର ତତ୍‌କାଳୀନ ଜିଲ୍ଲା ଅଧିକାରୀ ଛବି ରିଜାଲଙ୍କୁ ରାଜଧାନୀ ଛାଡି ନଯିବାକୁ ନିର୍ଦ୍ଦେଶ ହୋଇଛି। ଏହି କମିଟି ଜେନ୍- ଜେଡ୍ ଆନ୍ଦୋଳନ ଅବସରରେ ହୋଇଥିବା ଗୁଳିକାଣ୍ଡ ଘଟଣାର ଯାଞ୍ଚ କରୁଛି। କେବଳ ସେତିକି ନୁହଁ ଏମାନଙ୍କ ପାସପୋର୍ଟ ନୀଳମ୍ବନ କରିବାକୁ ଓ ଏମାନଙ୍କ ଉପରେ କଡ଼ା ନଜର ରଖିବାକୁ କମିଟି ନିର୍ଦ୍ଦେଶ ଦେଇଛି। ଅବଶ୍ୟ ଓଲି ପୂର୍ବରୁ ଦେଶ ଛାଡି ବାହରକୁ ଯିବିନାହିଁ ବୋଲି କହିଥିଲେ।

### ଛାତ୍ରୀଙ୍କ ଯୌନ ଶୋଷଣ ମାମଲା

## ଚୈତନ୍ୟାନନ୍ଦ ଆଗ୍ରାରୁ ଗିରଫ



ନୂଆଦିଲ୍ଲୀ,୨୮ ।୯(ଏଜେନ୍ସି): ଯୌନ ଶୋଷଣ ମାମଲାରେ ଦିଲ୍ଲୀ ବସନ୍ତକୁଞ୍ଜ ସ୍ଥିତ ଶ୍ରୀ ସାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟ ରିସର୍ଚ୍ଚର ମୁଖ୍ୟ ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ୍ ପାର୍ଥସାରଥୀ ଶେଷରେ ଗିରଫ ହୋଇଛନ୍ତି। ଦିଲ୍ଲୀ ପୁଲିସ ଶନିବାର ରାତିରେ ତାଙ୍କୁ ଆଗ୍ରାର ଏକ ହୋଟେଲରୁ ଗିରଫ କରିଛି। ସେ ନିଜ ଶିକ୍ଷାନୁଷ୍ଠାନର କେତେଜଣ ଛାତ୍ରୀଙ୍କୁ ଯୌନ ଶୋଷଣ କରିଥିବା ଗମ୍ଭୀର ଅଭିଯୋଗ ହୋଇଥିଲା। ମେଡିକାଲ ଯାଞ୍ଚ ପାଇଁ ପୁଲିସ ତାଙ୍କୁ ସଫଦରଗଞ୍ଜ ହସ୍ପିଟାଲ ନେଇଥିଲା। ଏହାପରେ ତାଙ୍କୁ ପଟିଆଲ ହାଉସ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ୫ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି।

ଏହି ଅଭିଯୋଗ ପରେ ଚୈତନ୍ୟାନନ୍ଦ ଫେରାର ହୋଇ ଯାଇଥିଲେ। ତାଙ୍କର ଶେଷ ଲୋକେସନ ଆଗ୍ରାରେ ମିଳିଥିଲା। ଦିଲ୍ଲୀ ପୁଲିସର କିଛି ଟିମ୍ କ୍ରମାଗତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା ଓ ଶେଷରେ ତାଙ୍କୁ ଠାବ କରିବାରେ ସଫଳ ହୋଇଥିଲେ। ତାଙ୍କୁ ଏବେ ବସନ୍ତକୁଞ୍ଜ ଥାନା ଅଣାଯାଇ ପଚରା ଉଚରା କରାଯାଉଛି। ତାଙ୍କଠାରୁ ଦୁଇଟି ନକଲି ଭିଜିଟିଂ କାର୍ଡ ପୁଲିସ ଜବତ କରିଛି। ଗୋଟିଏ କାର୍ଡରେ ତାଙ୍କୁ ଜାତିସଂଘର ସ୍ଥାୟୀ ରାଷ୍ଟ୍ରଦୂତ ଏବଂ ଅନ୍ୟଟିରେ ବ୍ରିକ୍ସ ଜଏଣ୍ଟ କମିଶନ ଓ ଭାରତର ସ୍ୱତନ୍ତ୍ର ଦୂତ ଭାବେ ଦର୍ଶାଯାଇଛି। ସେ ଶନିବାର ଅପରାହ୍ନ ୪ଟାରେ ଗିରଫ ହୋଇଥିବା ହୋଟେଲରେ ପହଞ୍ଚିଥିଲେ ବୋଲି ରେସିପିଓସନିଷ୍ଟ କହିଛନ୍ତି। ସେ ହୋଟେଲରେ ଥିବା ବେଳେ ତାଙ୍କୁ କେହି ଭେଟିବାକୁ ଆସି ନ ଥିଲେ। ନାଇଟ୍ ସିଫ୍ଟରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ତାଙ୍କର ଏଣ୍ଟ୍ରି କରାଇ ଥିଲେ। ରାତିରେ ପାଖାପାଖି ୩.୩୦ରେ ଦୁଇଜଣ ପୁଲିସ କର୍ମୀ ନିଜକୁ ଦିଲ୍ଲୀ କ୍ରାଇମ ବ୍ରାଞ୍ଚର ଇନିସପେକ୍ଟର ଭାବେ ପରିଚୟ ଦେଇ ତାଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ୧୦ ମିନିଟ କଥା ହେବା ପରେ ଦୁହିଁ ଚୈତନ୍ୟାନନ୍ଦଙ୍କୁ ନେଇ ଯାଇଥିଲେ।

ଆର୍ଥିକ ଭାବେ ଦୁର୍ବଳ ଥିବା ଛାତ୍ରୀଙ୍କୁ ସେ ନିଶାଣ କରୁଥିଲେ। ଗର୍ଲ୍ସ ହଷ୍ଟେଲରେ ସିକ୍ରେଟ କ୍ୟାମେରା ଲଗାଇବା, ବିଳମ୍ବିତ ରାତିରେ ଛାତ୍ରୀଙ୍କୁ ରୁମ୍ ଡକାଇବା, ହ୍ୱାଟ୍ସଆପ୍‌ରେ ଅଶ୍ଳୀଳ ମେସେଜ ଦେବା ଭଳି ହୀନ କାର୍ଯ୍ୟ କରୁଥିଲେ। ବିଦେଶ ବୁଲାଇବା ଏବଂ ଅଧିକ ମାର୍କ ଦେବାକୁ କହି ସେ ଛାତ୍ରୀଙ୍କ ନିଜ ଜାଲରେ ଫସାଉ ଥିଲେ। ୧୭ ଛାତ୍ରୀ ତାଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ କରିଥିଲେ। ଛାତ୍ରୀଙ୍କୁ ନିଜ ରୁମ୍‌କୁ ଡକାଇ କମ୍ ଗ୍ରେଡ ଦେବା କହି ଚୈତନ୍ୟାନନ୍ଦ ବ୍ଲାକମେଲ୍ କରୁଥିଲେ। ପୂର୍ବରୁ ମଧ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଥିଲା। ୬୨ ବର୍ଷୀୟ ଏହି ବାବା ଉଚ୍ଚ ଶିକ୍ଷିତ ହୋଇ ମଧ ନୀଚ କାମ କରିଥିଲେ। ସେ ଚିକାଗୋ ବିଶ୍ୱ ବିଦ୍ୟାଳୟରୁ ଏମ୍‌ବିଏ ଓ ପିଏଚ୍‌ଡି କରିଥିଲେ। ସେ ଏକାଧାରରେ ଦାର୍ଶନିକ, ଲେଖକ ଓ ଅଧାପକ ଥିଲେ। ୨୮ ଟି ବହି ସହ ସେ ୧୪୩ଟି ରିସର୍ଚ୍ଚ ପେପର ମଧ ଲେଖିଛନ୍ତି।

## ୟେମେନ୍‌ରେ ଏଲ୍‌ପିଜି ଟ୍ୟାଙ୍କର ଉପରେ ଇସ୍ରାଏଲ ଆକ୍ରମଣ

ସନ୍ନା,୨୮ ।୯ (ଏଜେନ୍ସି): ୟେମେନରେ ଏକ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଟ୍ୟାଙ୍କର ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା ବୋଲି ପାକିସ୍ତାନ ସ୍ୱରାଷ୍ଟ୍ର ମନ୍ତ୍ରୀ ମୋହସିନ ନକ୍‌ବୀ ସୂଚନା ଦେଇଛନ୍ତି। ଗତ ୧୭ ତାରିଖରେ ୟେମେନର ରାସ୍ ଅଲ-ଇସା ବନ୍ଦରରେ ଥିବା ଏହି ଟ୍ୟାଙ୍କର ଉପରେ ଇସ୍ରାଏଲ ଡ୍ରୋନ ଆକ୍ରମଣ କରିଥିଲା। ଏହି ବନ୍ଦର ହୁତୀ ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ରହିଛି। ଏହି ଟ୍ୟାଙ୍କର ଇରାନର ଆବାସ ବନ୍ଦରରୁ ଆସୁଥିଲା। ଏଥିରେ ୨୭ ଜଣିଆ ଚାଳକ ଦଳ ଥିଲା। ଏମାନଙ୍କ ମଧ୍ୟରେ ୨୪ଜଣ ପାକିସ୍ତାନୀ, ୨ ସିଂହଳୀ ଓ ଜଣେ ନେପାଳୀ ନାଗରିକ ଥିଲେ।




ମୁକ୍ତା ଆକବର ଟ୍ୟାଙ୍କରର କ୍ୟାପ୍ଟେନ ଭାବେ ଦାୟିତ୍ୱରେ ଥିଲେ। ଡ୍ରୋନ ଆକ୍ରମଣ ଯୋଗୁଁ ଏଲ୍‌ପିଜି ଟ୍ୟାଙ୍କରରେ ବିସ୍ଫୋରଣ ହୋଇ ନିଆଁ ଲାଗି ଯାଇଥିଲା। ତେବେ ଚାଳକ ଦଳ ତୁରନ୍ତ ନିଆଁକୁ ଲିଭାଇବାରେ ସଫଳ ହୋଇଥିଲେ ବୋଲି ନକ୍‌ବୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହାପରେ ହୁତୀ ବିଦ୍ରୋହୀଙ୍କ ନୌକା ଟ୍ୟାଙ୍କରକୁ ଘେରି ଯାଇଥିଲା। ଏହି ଆତଙ୍କବାଦୀ ଚାଳକ ଦଳକୁ ଜାହାଜରେ ବନ୍ଦୀ କରି ରଖିଥିଲା। ୧୦ ଦିନ ପରେ ଏହାକୁ ଛାଡ଼ି ଦେଇଥିଲେ। ଏବେ ଏହି ଟ୍ୟାଙ୍କର ୟେମେନର ଅଞ୍ଚଳରୁ ବାହରକୁ ଆସିଛି। ଟ୍ୟାଙ୍କରର ସବୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଇସ୍ରାଏଲ ପୂର୍ବରୁ ୟେମେନର କଣ୍ଟ୍ରୋଲ ହେଡକ୍ୱାର୍ଟର ଉପରେ ଆକ୍ରମଣ କରିଥିଲା।

## ଜୁବିନଙ୍କ ମ୍ୟାନେଜର, ଆୟୋଜକଙ୍କ ବିରୋଧରେ ଅଭିଯୋଗ



ନୂଆଦିଲ୍ଲୀ,୨୮ ।୯(ଏଜେନ୍ସି): ବଲିଉଡ୍ ତଥା ଆସାମ ତାରକା ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ତାଙ୍କ ପରିବାର ଲୋକେ ତଦନ୍ତ ଦାବି କରିଛନ୍ତି। ଜୁବିନଙ୍କ ମ୍ୟାନେଜର ସିର୍ଦ୍ଧାର୍ଥ ଶର୍ମା ଓ ନର୍ଥ- ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲର ଆୟୋଜକ ଶ୍ୟାମକାନୁ ମହନ୍ତଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଆସାମ କ୍ରିମିନାଲ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି)ରେ ଅନ୍‌ଲାଇନ୍‌ରେ ଏହି ଅଭିଯୋଗ ଦାଖଲ କରାଯାଇଛି। ଜୁବିନଙ୍କ ପତ୍ନୀ ଗାରିମା ଗର୍ଗ, ଭାଉଜ ପମି ବୋରଠାକୁର ଓ ଦାଦା ମନୋଜ ବୋରଠାକୁର ଏହି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ସିଦ୍ଧାର୍ଥ ଓ ଶ୍ୟାମକାନୁଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଯାଞ୍ଚ ଭଲ ଭାବେ ହେଉ ଓ ପୂରା ଟିମ୍ ଯାଞ୍ଚର ପରିସରରେ ରହୁ। ସତ କଣ ସାମ୍ନାକୁ ଆସୁ। ଯିଏ ବି ଦୋଷୀ ତାଙ୍କୁ ଛଡ଼ା ନ ଯାଉ ବୋଲି ସେ କହିଛନ୍ତି। ଗତ ୧୯ ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ଦୁର୍ଘଟଣା ସମ୍ମୁଖୀନ ହୋଇ ଜୁବିନ ମୃତ୍ୟୁବରଣ କରିଥିଲେ। ୫୨ ବର୍ଷୀୟ ଜୁବିନ ତାଙ୍କ କ୍ୟାରିଅରରେ ୪୦ଟି ଭାଷାରେ ମୋଟ ୩୮,୦୦୦ ଗୀତ ଗାଇଥିଲେ

### ଟଙ୍କା ପାଇଁ ବିବାହରେ ଫାଟ

# ଛାଡ଼ପତ୍ର ପାଇଁ ୪୨% ପୁରୁଷ ନେଇଛନ୍ତି ଋଣ

ମୁମ୍ବଇ, ୨୮।୯ (ଏଜେନ୍ସି):

ଭାରତରେ ଦାମ୍ପତ୍ୟ ଜୀବନ କଳହପୂର୍ଣ୍ଣ ହେବାରେ ଲାଗିଛି। ଏଥିଯୋଗୁଁ ଦିନକୁ ଦିନ ଛାଡ଼ପତ୍ର ମାମଲା ବଢ଼ି ଚାଲିଛି। ଏହା କାରଣ ଜାଣିବା ଏକ ଆର୍ଥିକ ପରାମର୍ଶଦାତା କମ୍ପାନୀ କରିଥିବା ସର୍ଭେରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏଥିରୁ ଜଣାପଡ଼ିଛି ଯେ ବିବାହ ପରେ ୪୨ ପ୍ରତିଶତ ପୁରୁଷ ଛାଡ଼ପତ୍ର ସମ୍ବନ୍ଧିତ ଖର୍ଚ୍ଚ ପାଇଁ ଋଣ ନେଇଛନ୍ତି। ସେହିପରି ୪୬ ପ୍ରତିଶତ ମହିଳା କାମ କରିବା ଛାଡ଼ି ଦେଇଥିଲେ କିମ୍ବା ହ୍ରାସ କରିଥିଲେ। 'ୱାନ ଫାଇନାନ୍ସ ଆଡଭାଇଜର କମ୍ପାନୀ'ର ସର୍ଭେରୁ ଏହା ଜଣାପଡିଛି। ଏଥିରେ ଟିୟର-୧ ଏବଂ ଟିୟର-୨ ସହରର ଛାଡ଼ପତ୍ର ନେଇଥିବା କିମ୍ବା ଆବେଦନ କରିଥିବା ୧୨୫୮ ଦମ୍ପତିଙ୍କ ରାୟ ନିଆଯାଇଥିଲା।




ସର୍ଭେରେ କୁହାଯାଇଛି ଯେ ଭରଣପୋଷଣ ଖର୍ଚ୍ଚ ଦେବା ପରେ ୨୯ ପ୍ରତିଶତ ପୁରୁଷଙ୍କ ଆୟ ନକରାତ୍ମକ ସ୍ଥିତିକୁ ଚାଲି ଯାଇଥିଲା। ଆୟର ୩୮ ପ୍ରତିଶତ ଅଂଶ ଭରଣପୋଷଣ ଦେବାରେ ଖର୍ଚ୍ଚ ହୋଇଥିଲା। ଛାଡ଼ପତ୍ର ସମ୍ବନ୍ଧିତ ଖର୍ଚ୍ଚରେ ୧୯ ପ୍ରତିଶତ ମହିଳା ୫ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ କରିଥିଲେ। ସେହିପରି ୪୯ ପ୍ରତିଶତ ପୁରୁଷ ମଧ ଏତେ ଟଙ୍କା ଖର୍ଚ୍ଚ କରିଥିଲେ।

**ଟଙ୍କାକୁ ନେଇ ଝଗଡ଼ା ହୋଇଥିବା ମାନିଛନ୍ତି ୬୭%**

ବିବାହ ପରେ ଟଙ୍କାକୁ ନେଇ ବିବାଦ ହେଉଥିଲା ବୋଲି ୬୭ ପ୍ରତିଶତ ଲୋକ କହିଥିଲେ। ଆର୍ଥିକ ବିବାଦ ଏବଂ ଅସମାନତା ଯୋଗୁଁ ଛାଡ଼ପତ୍ର ହୋଇଥିବା ୪୩ ପ୍ରତିଶତ ସ୍ୱୀକାର କରିଥିଲେ। ବିବାହ ସମୟରେ ୫୬ ପ୍ରତିଶତ ମହିଳା ନିଜ ସ୍ୱାମୀଙ୍କଠାରୁ କମ୍ ଆୟ କରୁଥିଲେ। କେବଳ ୨ ପ୍ରତିଶତ ମହିଳା ସ୍ୱାମୀଙ୍କଠାରୁ ଅଧିକ ଦରମା ପାଉଥିଲେ।

ୱାନ ଫାଇନାନ୍ସର ସହ ପ୍ରତିଷ୍ଠାତା ତଥା ସିଇଓ କେଭଲ ଭାନଶାଲୀ କହିଛନ୍ତି ଯେ ଟଙ୍କା ହିଁ ଛାଡ଼ପତ୍ରର ମୁଖ୍ୟ କାରଣ ପାଲଟି ଯାଇଛି। ଅନ୍ୟଠାରୁ କମ୍ ଅର୍ଥ ଆୟ କରୁଥିବାର ଭାବନାରୁ ବିବାଦ ସୃଷ୍ଟି ହୋଇଥାଏ। ଏହା ଦାମ୍ପତ୍ୟ ଜୀବନକୁ ଛାରଖାର କରିଦିଏ। ତେଣୁ ବିବାହ ପାଇଁ ଭାବପ୍ରବଣତା ସହିତ ଆର୍ଥିକ ଭାବେ ମଜବୁତ ହେବା ମଧ ଜରୁରୀ। ବିଶେଷଜ୍ଞଙ୍କ ଅନୁଯାୟୀ ବିବାହ ପୂର୍ବରୁ ଟଙ୍କାକୁ ନେଇ ଖୋଲାଖୋଲି ଭାବେ ଆଲୋଚନା କରିବା ଉଚିତ। ବର୍ତ୍ତମାନର ଋଣ, ଭବିଷ୍ୟତର ସଞ୍ଚୟ, ଉଭୟଙ୍କ ମାତାପିତାଙ୍କ ଦାୟିତ୍ୱ, ଆୟରେ ଅନିଶ୍ଚିତତା ଏବଂ ଜୀବନଶୈଳୀକୁ ନେଇ ଥିବା ଆଶା ବିଷୟରେ ପୂର୍ବରୁ ଆଲୋଚନା କରିବା ଜରୁରୀ। ଏହା ଦ୍ୱାରା ସମ୍ବନ୍ଧରେ ସ୍ଥିରତା ଆସିବ ଏବଂ ବିବାଦରୁ ଦୂରେଇ ରହିହେବ।

## ନବରାତ୍ରୀରେ ଗ୍ରହମାନଙ୍କ ଅଦ୍ଭୁତ ସଂଯୋଗ

# ଗଜବାହନରେ ଆସିଲେ ମା'



ଭୁବନେଶ୍ୱର,୨୮।୯(ସମିସ): ଶାରଦୀୟ ପୂଜାରେ ଧରାବତରଣ କରଛନ୍ତି ଜଗତଜନନୀ ମା' ଦୁର୍ଗା। ମା'ଙ୍କ ନବରାତ୍ରି ପୂଜା ଆରମ୍ଭ ହୋଇଯାଇଛି। ହିନ୍ଦୁ ଧର୍ମରେ ନବରାତ୍ରିର ବିଶେଷ ମହତ୍ତ୍ୱ ରହିଛି। ପ୍ରତିବର୍ଷ ଆଶ୍ୱିନ ମାସରେ ପାଳିତ ହେଉଥିବା ଶାରଦୀୟ ନବରାତ୍ରିରେ ମହିଷାମର୍ଦ୍ଦିନୀ ମା' ଦୁର୍ଗା ଓ ତାଙ୍କର ୯ ରୂପର ପୂଜାର୍ଚ୍ଚନା ହୋଇଥାଏ। ଏଥର ନବରାତ୍ରି ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇଛି ଓ ଅକ୍ଟୋବର ୨ ତାରିଖରେ ଦଶହରାରେ ଏହା ଶେଷ ହେବ। ତେବେ ଚତୁର୍ଥୀ ତିଥି ବୃଦ୍ଧି ହେତୁ ଚଳିତବର୍ଷ ନବରାତ୍ରୀ ଦଶଦିନ ପାଳନ ହେଉଛି ଓ ମା' ଦୁର୍ଗା ଗଜ ଅର୍ଥାତ୍ ହାତୀ ବାହନରେ ଧରାବତରଣ କରିଛନ୍ତି।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ହାତୀ ଉପରେ ବିରଜମାନ କରି ଧରାପୃଷ୍ଠକୁ ଦେବୀଙ୍କ ଆଗମନ ସୁଖ ଓ ସମୃଦ୍ଧି ଆଣିବ। ଅନ୍ୟପକ୍ଷରେ କିଛି ଜ୍ୟୋତିଷଙ୍କ ଆକଳନ ଚଳିତ ବର୍ଷ ୨୦୨୫ ସାଂଖ୍ୟିକ ଅନୁସାରେ ମଙ୍ଗଳଙ୍କ ବର୍ଷ । ଯେଉଁଠାରେ ୨୦୨୫ ସଂଖ୍ୟାକୁ ମିଶାଇଲେ ୯ ହୋଇଥାଏ। ମଙ୍ଗଳ ଯୁଦ୍ଧକାରକ ଓ ଏହା ଶକ୍ତି, ସାହସ ଏବଂ ପରିବର୍ତ୍ତନର ପ୍ରତୀକ । ସେହିପରି ଚଳିତ ବର୍ଷ ରାଶି ଉପରେ ଶନିଙ୍କ ଗତି ପଶ୍ଚାତଭିମୁଖୀ ବା ବକ୍ରୀ ରହିଛି। ଶନିଙ୍କୁ କର୍ମର ଦାତା ବୋଲି ବିବେଚନା କରାଯାଏ ଏବଂ ଏହାର ପଛକୁ ଗତି ସମସ୍ତ ରାଶି ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇବ। କେବଳ ସେତିକି ନୁହଁ ବୃହସ୍ପତି ମଧ୍ୟ ପଛକୁ ଚଳନ କରିସାରିଛନ୍ତି। ଯାହାର ଅର୍ଥ ହେଉଛି ଯେତେବେଳେ ବୃହସ୍ପତି ପଛକୁ ଯାଆନ୍ତି ଏହା ଜଣେ ବ୍ୟକ୍ତିଙ୍କ ଜୀବନରେ ବିଳମ୍ବ, ବାଧା କିମ୍ବା ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ହେଲେ ସବୁଠୁ ବଡ କଥା ହେଲା ଏହି ସବୁ ସଂକେତ ମିଶିଗଲେ ଯୁଦ୍ଧର ସୂଚନା ଦେଇଥାଏ ବୋଲି କିଛି ଜ୍ୟୋତିଷ ମତ ଦେଇଛନ୍ତି। ଏକ ପକ୍ଷରେ ଗଜବାହନରେ ମା'ଙ୍କ ଆଗମନ ସୁଖ ସମୃଦ୍ଧି ଆଣିଥିବାବେଳେ ଶନିଙ୍କ ବକ୍ରୀ ଗତି ଓ ମଙ୍ଗଳଙ୍କ ବର୍ଷ ଯୁଦ୍ଧ ଓ ବିଶୃଙ୍ଖଳା ସୃଷ୍ଟି କରିପାରେ ବୋଲି ଜ୍ୟୋତିଷମାନେ ଆକଳନ କରିଛନ୍ତି।

## ଦୁଇ ଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଉଦ୍‌ଯାପିତ

# ମଧ୍ୟସ୍ଥତା ବର୍ତ୍ତମାନ ସମୟର ଆବଶ୍ୟକତା: ନ୍ୟାୟମୂର୍ତ୍ତି ସୁନ୍ଦରେଶ

ଭୁବନେଶ୍ୱର,୨୮।୯(ସମିସ): ସ୍ଥାନୀୟ ଲୋକସସେବା ଭବନରେ ଆୟୋଜିତ ଦୁଇ-ଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ-୨୦୨୫ର ଉଦଯାପନୀ ସମାରୋହ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ସମ୍ମିଳନୀର ଉଦଯାପନୀ ସମାରୋହରେ ସୁପ୍ରିମକୋର୍ଟର ନ୍ୟାୟମୂର୍ତ୍ତି ଏମ.ଏମ. ସୁନ୍ଦରେଶ ଯୋଗଦେଇ ରାମାୟଣ ଯୁଗର ଉଦାହରଣ ଦେଇ କହିଲେ ଯେ ମହାବୀର ହନୁମାନ ହେଉଛନ୍ତି ଜଣେ ବଡ଼ ମଧ୍ୟସ୍ଥି । କାରଣ ସେ ସତ୍ୟ ଓ ନ୍ୟାୟର ମଧ୍ୟସ୍ଥତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ତେଣୁ ମଧ୍ୟସ୍ଥତାର ପ୍ରାସଙ୍ଗିକତା ଅତୀବ ପୁରାତନ। ଏହାକୁ ବର୍ତ୍ତମାନ ଉପଯୋଗୀ କରିବାର ଆବଶ୍ୟକତା ରହିଛି ବୋଲି ନ୍ୟାୟମୂର୍ତ୍ତୀ ପ୍ରକାଶ କରିଥିଲେ।

ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ଯେ ଓଡ଼ିଶା ମାଟି ହେଉଛି ମଧ୍ୟସ୍ଥତାର ମାଟି। ଆମର ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ହେଉଛି ମଧ୍ୟସ୍ଥତାର ଏକ ନିଚ୍ଛକ ପ୍ରଦର୍ଶନ। ଆମ ଦେଶରେ ଏବେ ପ୍ରାୟ ୪ କୋଟି ବିଭିନ୍ନ ମାମଲା ରହିଛି। ଏହାକୁ ସମାଧାନ କରିବାରେ ମଧ୍ୟସ୍ଥତା ଉଲ୍ଲେଖନୀୟ ଯୋଗଦାନ କରିବ । କରୋନା ମହାମାରୀ ଆମକୁ ଅନ୍ ଲାଇନ୍ ମାଧ୍ୟମରେ ମାମଲା ଶୁଣାଣି ପାଇଁ ପଥ ଦେଖାଇଥିଲା। ଏବେ ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି ପାଇଛି । କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ହେଉଛି। ବିଭିନ୍ନ ରାଜ୍ୟରେ ମାତୃଭାଷାରେ ଆଇନଗତ ମାମଲାର ଶୁଣାଣି କରାଯିବା ଉପରେ ସେ ମତ ରଖିଥିଲେ। ବିବାଦ ସୃଷ୍ଟି ନକରାଯିବା, ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବା, ଶିକ୍ଷା, ସଚେତନତା ମାଧ୍ୟମରେ ମଧ୍ୟସ୍ଥତା ସଂସ୍କୃତି ସୃଷ୍ଟି କରିବା ଉପରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ନିଜ ସମ୍ବୋଧନରେ କହିଲେ ଯେ ମଧ୍ୟସ୍ତତା ବିଭିନ୍ନ କ୍ଷେତ୍ରରେ ରହୁଥିବା ମାମଲାରେ ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥା। ଏହି ସମ୍ମିଳନୀରୁ ଆଲୋଚିତ ନିଷ୍କର୍ଷ ଆଧାରରେ ଦେଶରେ ମଧ୍ୟସ୍ତତା ବ୍ୟବସ୍ଥାରେ ଉନ୍ନତି ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସେ ମତପ୍ରକାଶ କରିଥିଲେ। ସେହିପରି ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଅହସାନୁଦ୍ଦିନ ଅମାନୁଲ୍ଲାହ ଯୋଗ ଦେଇ କହିଲେ ଯେ ଆଇନ ଗତ ମାମଲାରେ ଜଣେ ଜିତେ ଓ ଜଣେ ହାରେ। ତେଣୁ ଜଣେ ଦୁଃଖ ପାଏ। କିନ୍ତୁ ମଧ୍ୟସ୍ତତା ଜରିଆରେ ହୋଇଥିବା ମାମଲାର ସମାଧାନରେ ଉଭୟ ପକ୍ଷ ସନ୍ତୁଷ୍ଟ ହୋଇଥାନ୍ତି। ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ନ୍ୟାୟ ମୂର୍ତ୍ତି ସଞ୍ଜୟ କରୋଲ ଯୋଗ ଦେଇ ଆଇନ ଗତ ମାମଲା ଫଇସଲାରେ ମଧ୍ୟସ୍ତତାର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ସେ କହିଥିଲେ ଯେ ଦେଶରେ ବିଭିନ୍ନ ଆଇନଗତ ମାମଲା ବଢି ଚାଲିଛି। ବିଶେଷ କରି ସମାଜର ଅବହେଳିତ ବର୍ଗର ଲୋକେ ସେମାନଙ୍କର ନ୍ୟାଯ୍ୟ ଅଧିକାର ପାଇବାକୁ ବଞ୍ଚିତ ହେଉଛନ୍ତି। ସମ୍ମିଳନୀରେ ଯୋଗଦେଇଥିବା ବିଚାରପତି, ଆଇନଜୀବୀ ଏବଂ ମହାଧିବକ୍ତା, ପ୍ରଶାସନିକ ଅଧିକାରୀମାନଙ୍କୁ ଏ ସଂପର୍କରେ ଚିନ୍ତା କରିବାର ଆବଶ୍ୟକତା ରହିଛି । ତୃଣମୂଳସ୍ତରରେ ରହୁଥିବା ସମସ୍ୟାକୁ ସମାଧାନ କରିବାରେ ସମସ୍ତଙ୍କର ସମ୍ମିଳିତ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ରାଜନୈତିକ ହେଉ ବା ଅନ୍ୟ ବିଭିନ୍ନ କ୍ଷେତ୍ରରେ ହେଉ, ବିବାଦ ଉପୁଜିବା ପୂର୍ବରୁ ମଧ୍ୟସ୍ଥତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସଙ୍ଗମ ସାହୁ, ନ୍ୟାୟମୂର୍ତ୍ତି କୃଷ୍ଣ ରାମ ମହାପାତ୍ର, ନ୍ୟାୟମୂର୍ତ୍ତି ଡଃ. ସଞ୍ଜୀବ କୁମାର ପାଣିଗାହୀ, ସଲିସିଟର ଜେନେରାଲ ତୁଷାର ମେହେଟା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ ଯେ ଆଜିଆଜି ଦିବସବ୍ୟାପୀ ବିଭିନ୍ନ ପ୍ରସଙ୍ଗକୁ ନେଇ ମୋଟ ୫ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା।



ଶିକ୍ଷା, ସଚେତନତା ମାଧ୍ୟମରେ ମଧ୍ୟସ୍ଥତା ସଂସ୍କୃତି ସୃଷ୍ଟି କରିବା ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗୁରୁତ୍ୱାରୋପ

■ ଆସୁଛି ଆଉ ଏକ ଲଘୁଚାପ

# ନବମୀ, ଦଶମୀରେ ବର୍ଷା ଆଶଙ୍କା

ଭୁବନେଶ୍ୱର, ୨୮।୯ (ସମିସ): ଦୁର୍ଗାପୂଜାରେ ଓଡ଼ିଶା ଉପରେ ରହିବ ପୁଣି ଗୋଟିଏ ଲଘୁଚାପର ପ୍ରଭାବ। ଅକ୍ଟୋବର ପହିଲାରେ ପୁଣି ଏକ ଲଘୁଚାପ ଯୋଗୁଁ ରାଜ୍ୟରେ ସୃଷ୍ଟି ହେବ ବର୍ଷା ସ୍ଥିତି। ଫଳରେ ଅନେକ ସ୍ଥାନରେ ପୂଜା ଫିକା ପଡ଼ିବ। ବିଶେଷକରି, ନବମୀ ଓ ଦଶମୀରେ ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଥିବାରୁ ଏଥର ପାର୍ବଣ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ର ଆଶଙ୍କା କରୁଛି ଯେ ସେପ୍ଟେମ୍ବର ୩୦ ତାରିଖ ମଙ୍ଗଳବାର ଦିନ ଉତ୍ତର ଆଣ୍ଡାମାନସାଗରରେ ଏକ ଉପର ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ଅକ୍ଟୋବର ୧ ତାରିଖ (ବୁଧବାର) ପାଖାପାଖି ଉତ୍ତର ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ପ୍ରଭାବରେ ମହାଷ୍ଟମୀଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ।

ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୩୦ ତାରିଖ ଦିନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇ ଅକ୍ଟୋବର ୨ ସୁଦ୍ଧା ଏହା ଅବପାତରେ ପରିଣତ ହେବ। ଏହା କ୍ରମଶଃ ଦକ୍ଷିଣ-ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଇପାରେ। ତଥାପି ଉପକୂଳରୁ ଦୂରରେ ରହିବ। ସମ୍ଭବତଃ ୩ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳ ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ର ଉପକୂଳକୁ ଏହା ସ୍ପର୍ଶ କରିବ। ରାଜ୍ୟରେ ୩୦ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ମାତ୍ର ଅକ୍ଟୋବର ୧ (ନବମୀ)ରେ ଉତ୍ତର ଉପକୂଳରେ ବିକ୍ଷିପ୍ତ ଏବଂ ପୁରୀ ଓ ଗଞ୍ଜାମ ଜିଲ୍ଲା, ନୟାଗଡ଼ ଓ ଗଜପତିରେ ସ୍ୱଳ୍ପ ବର୍ଷା ହୋଇପାରେ। ସେହିପରି ଅକ୍ଟୋବର ୨ରେ (ଦଶମୀ) ରେ ମଧ୍ୟାହ୍ନ ପର୍ଯ୍ୟନ୍ତ ପୁରୀ ଓ ଗଞ୍ଜାମ ଜିଲ୍ଲା ଓ ସମୁଦ୍ର ସଂଲଗ୍ନ ଅଞ୍ଚଳରେ ବିକ୍ଷିପ୍ତ ବର୍ଷା ହୋଇପାରେ। ମଧ୍ୟାହ୍ନ ପରେ ବର୍ଷା ବଢ଼ିପାରେ। ଅକ୍ଟୋବର ୩ରେ ରାଜ୍ୟରେ ଅଧିକାଂଶ ସ୍ଥାନରେ ବର୍ଷା ହୋଇପାରେ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

ପୂର୍ବଲଘୁଚାପରପ୍ରଭାବକମିବାପରେରାଜ୍ୟରେବର୍ଷାରପରିମାଣହ୍ରାସହୋଇଛି।ତେଣୁ ରାଜ୍ୟରେବନ୍ୟାସ୍ଥିତିନାହିଁବୋଲିଜଳସମ୍ପଦବିଭାଗସ୍ପଷ୍ଟକରିଛି।ଜଳସମ୍ପଦବିଭାଗସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ବର୍ତ୍ତମାନ କୌଣସି ସ୍ଥାନରେ କି କୌଣସି ନଦୀରେ ବନ୍ୟା ଭୟ ନାହିଁ। ବର୍ଷାର ପ୍ରଭାବ କମିଛି। ଗତକାଲି କେବଳ ୩ଟି ବ୍ଲକ ସଦର ମହକୁମାରେ ୫୦ ମିଲିମିଟର ବର୍ଷା ହୋଇଛି। ସମସ୍ତ ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଛି।

# ନୂଆପଡ଼ା ଦଖଲ ପାଇଁ ୩ ଦଳର ଦୃଢ଼ୋକ୍ତି

■ ଆମ ଖାତାରେ ୬୫ ହଜାର ଭୋଟ: ଭକ୍ତ
■ ଆସନ ଦଖଲ ନେଇ ମନମୋହନଙ୍କ ଦମ୍ଭ
■ ବିପୁଳ ଭୋଟରେ ବିଜୟୀ ହେବୁ: ପ୍ରମିଳା

ଭୁବନେଶ୍ୱର, ୨୮।୯(ସମିସ): ବିହାର ନିର୍ବାଚନ ସମୟରେ ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବ। ଏହି ଆସନକୁ ନେଇ ନିର୍ବାଚନ କମିସନ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ରାଜନୈତିକ ଦଳଗୁଡ଼ିକ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ଏହି ଆସନରେ ତ୍ରିକୋଣୀୟ ଲଢ଼େଇ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସ ସମସ୍ତଙ୍କଠାରୁ ପାଦେ ଆଗକୁ ବଢ଼ି ଆମ ଖାତାରେ ୬୫ ହଜାର ଭୋଟ୍ ରହିଛି ବୋଲି କହୁଥିବା ବେଳେ ବିଜେଡି ଏହି ଆସନରେ ବହୁ ଭୋଟ୍‌ରେ ଜିତିବ ଓ ଆସନ ବଜାୟ ରଖିବ ବୋଲି କହିଛି। ଅନ୍ୟପଟେ, ବିଜେପି ଏକାକୀ ସରକାର ଗଠନ କରିବା ପରେ ଏହା ଦଳ ପାଇଁ ପ୍ରଥମ ଉପନିର୍ବାଚନ ହୋଇଥିବାରୁ ଏହି ଆସନ ଜିତି ରାଜ୍ୟରେ ଦଳର ସ୍ଥିତି ମଜଭୁତ କରିବାକୁ ଜୋରଦାର ଉଦ୍ୟମ କରୁଥିବା ଜଣାପଡ଼ିଛି।

ନୂଆପଡ଼ା ଆସନକୁ ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ନୂଆପଡ଼ାରେ ଆମେ ନିଶ୍ଚୟ ଜିତିବୁ, ଯଶସ୍ୱୀ ହେବୁ। ଆମେ ଜିତିବା ପାଇଁ ଲୋକମାନେ ଚାହୁଁଛନ୍ତି। ସେ ଅଞ୍ଚଳରେ ବିକାଶ ବହୁତ ପଛରେ ଅଛି। ବିଜେପି ଜିତିଲେ ସେ ଅଞ୍ଚଳର ଥିବା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବ ବୋଲି ମନମୋହନ କହିଛନ୍ତି। ଏହାବ୍ୟତୀତ ଦଳର ପ୍ରାର୍ଥୀ କିଏ ହେବେ, ସେ ସମ୍ପର୍କରେ ସଂସଦୀୟ ଦଳର ନିଷ୍ପତ୍ତି ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ନୂଆପଡ଼ା ଉପନିର୍ବାଚନକୁ ନେଇ ଉତ୍ସାହୀ ଥିବା ପରିଲକ୍ଷିତ ହୋଇଛି। ଏହାସହ ପୂର୍ବଥରର ସ୍ୱାଧୀନ ପ୍ରାର୍ଥୀ ତଥା ବର୍ତ୍ତମାନର ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ ଏଠାରୁ କଂଗ୍ରେସ ପ୍ରାର୍ଥୀ ହେବା ନେଇ ଏକପ୍ରକାର ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଘାସିରାମ ମାଝୀ ନୂଆପଡ଼ା ମାଟିର ପୁଅ। ମାଟିର ମଣିଷ ଘାସିରାମ ମାଝୀ ହିଁ ଜିତିବେ। ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ୱାର୍ ରୁମ୍ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ୬ଟି ଜୋନ୍‌ରେ ୬ଟି କମିଟି ହୋଇସାରିଲାଣି। ଆସନ୍ତା ୫ କିମ୍ବା ୬ ତାରିଖ ଆଡ଼କୁ ସେ ନୂଆପଡ଼ା ଯିବେ ଏବଂ କଂଗ୍ରେସର ବିଜୟ ପର୍ବ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦ ହଜାର ଭୋଟ ପାଇଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ୧୫ ହଜାର ଭୋଟ ପାଇଥିଲେ। ବର୍ତ୍ତମାନ ଘାସିରାମ ମାଝୀ ହେଉଛନ୍ତି ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି। ତେଣୁ ଆମ ଖାତାରେ ୬୫ ହଜାର ଭୋଟ ଅଛି ବୋଲି ସେ କହିଛନ୍ତି।

ଦୁଇ ଦଳର ସଭାପତିଙ୍କ ଦାବିକୁ ଖଣ୍ଡନ କରି ବିଜେଡି ଏହି ଆସନରେ ବିପୁଳ ଭୋଟ୍‌ରେ ବିଜୟୀ ହେବ ବୋଲି ବିଜେଡି ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ନିଜର ଭୋଟ୍ ଅନ୍ୟଆଡ଼େ ବିଜେପିକୁ ଦେଇ ଦେଇଛି। ନୂଆପଡ଼ା ଆସନ ବିଜେଡିର ଥିଲା। ଏହା ବିଜେଡିର ରହିବ। ବିଜେପିକୁ ଦେଢ଼ବର୍ଷରେ ଲୋକେ ଘୃଣା କଲେଣି। ନୂଆପଡ଼ାରେ ଲୋକେ ସେମାନଙ୍କୁ ଉଚିତ ଜବାବ ଦେବେ। ସେଠାରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଯିଏ ମଧ୍ୟ ସେଠାକୁ ଆସିଲେ ବିଜେଡି ଓ ଦଳର ସଭାପତି ନବୀନ ପଟ୍ଟନାୟକ ଯାହାକୁ ଟିକଟ ଦେବେ, ସେଠାରେ ତାଙ୍କର ବିଜୟ ହେବ। ଏମିତିକି ସ୍ୱର୍ଗତ ଢୋଲକିଆଙ୍କଠାରୁ ମଧ୍ୟ ଏଥର ପ୍ରାର୍ଥୀ ଅଧିକ ଭୋଟ୍‌ରେ ଜିତିବେ ବୋଲି ପ୍ରମିଳା ଦୃଢ଼ୋକ୍ତି ବାଢ଼ିଛନ୍ତି।

## ରାଜ୍ୟ ବିଜେପି ସରକାର ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବ ବିଜେଡି

# ଗାନ୍ଧୀ ଜୟନ୍ତୀରୁ ସଂକଳ୍ପ, ଗୋପବନ୍ଧୁ ଜୟନ୍ତୀରୁ ଜନ ସଂପର୍କ ପଦଯାତ୍ରା

ଭୁବନେଶ୍ୱର,୨୮।୯(ସମିସ): ଆସନ୍ତା ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଓ ସାର୍ବଜନୀନ ଦଶହରା ପଡୁଥିବାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ବିଜୁ ଜନତା ଦଳ ଜନ ସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ ନେବ। ଏହାପରେ ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ପଦଯାତ୍ରା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି କାର୍ଯ୍ୟକ୍ରମ ଜାରି ରହିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ ସହ ଗତ ୧୫ ମାସର ବିଜେପି ସରକାରଙ୍କ ବିଫଳତାକୁ ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦଳର ପଦଯାତ୍ରା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ପବିତ୍ର ଗାନ୍ଧୀ ଜୟନ୍ତୀରେ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ସଙ୍କଳ୍ପ ନିଆଯିବ। ଏହାପରେ ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ସମୟରେ ବିଜେପି ସରକାରଙ୍କ ବିଫଳତାକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରାଯିବ।




■ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ମହିଳା ଅସୁରକ୍ଷିତ
■ ମଦମୁକ୍ତ ଓଡ଼ିଶା ଗଠନ ନାରା ପ୍ରହସନରେ ପରିଣତ
■ ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ଚୋରି କରିଛନ୍ତି ସରକାର

ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜେପି ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି। ହେଲେ ଗତ ୧୫ ମାସର ବିଜେପି ସରକାରଙ୍କ କାର୍ଯ୍ୟକଳାପ ଦେଖି ରାଜ୍ୟବାସୀ ଅତିଷ୍ଠ ହେଲେଣି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟରେ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ କରାଯାଇଥିବା ବିଏସ୍‌କେୱାଇ ବହୁତ ଉପକାରୀ ହୋଇଥିଲା ବେଳେ ବିଜେପି ସରକାରଙ୍କ ଦ୍ୱାରା ଆୟୁଷ୍ମାନ ଯୋଜନା ଆସିବା ପରେ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି। ମଦମୁକ୍ତ ଓ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଏବେ ୭୦ଟି ନୂଆ ମଦ ଦୋକାନ ଓ ଦୁଇଟି ମଦ କାରଖାନା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ସାର ଅଭାବରୁ ରାଜ୍ୟର ଚାଷୀ ଆଜି ରାଜରାସ୍ତାରେ ଛିଡ଼ା ହୋଇଛନ୍ତି। ପଞ୍ଚାୟତ ସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତ କରି ସରକାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ତେଣୁ ଏହି ସବୁ ପ୍ରସଙ୍ଗକୁ ନେଇ ବିଜେଡି ରାଜ୍ୟ ବିଜେପି ସରକାରଙ୍କୁ ପଦଯାତ୍ରା ମାଧ୍ୟମରେ ଘେରିବ ବୋଲି ସେ ସୂଚନା ଦେଇଛନ୍ତି।

# ସାପ କାମୁଡ଼ାରେ ମା'-ଝିଅ ମୃତ

ତୁରୁମୁଙ୍ଗା, ୨୮।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଡ଼ବିଲ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମା'-ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମସାଥୀ ରଞ୍ଜନ କୁମାର ନାୟକଙ୍କ ସ୍ତ୍ରୀ ଯାତ୍ରୀ ନାୟକ(୩୮) ଏବଂ ତାଙ୍କ ଶାଶୂ ତୁରୁମୁଙ୍ଗା ଥାନା କାଶୀପୁର ଗ୍ରାମର ଫୁଲମଣି ନାୟକ(୭୧)। ଯାତ୍ରୀଙ୍କ ଘରକୁ ବୁଲି ଆସିଥିଲେ ଫୁଲମଣି। ଶୁକ୍ରବାର ରାତିରେ ଖାଇ ସାରି ମା'-ଝିଅ ଘର ଚଟାଣରେ ଶୋଇଥିବା ବେଳେ ଏକ ଚିତିସାପ ଦୁହିଁଙ୍କୁ କାମୁଡ଼ି ଦେଇଥିଲା। କିନ୍ତୁ, ଫୁଲମଣି ଏ ସଂପର୍କରେ ଜାଣି ପାରିନଥିଲେ। ପରିବାରଲୋକ କେବଳ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ତେବେ ସେମାନେ ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗୁଣିଆ ନିକଟକୁ ନେଇଯାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଠାକୁରମୁଣ୍ଡା, ଘଷିପୁରା ଓ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘସିପୁରା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଫୁଲମଣିଙ୍କୁ ସାପ କାମୁଡ଼ିଥିବା ଜଣାପଡ଼ି ନଥିବାରୁ କିଛି ସମୟ ପରେ ଘରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଚାପିଦେଲା ହାଇୱା; ଦମ୍ପତି ମୃତ

ବରଗଡ଼,୨୮।୯(ସମିସ): ବରଗଡ଼ ଜିଲ୍ଲାରେ ରବିବାର ଏକ ହୃଦୟ ବିଦାରକ ଦୁର୍ଘଟଣାରେ ଆଖି ପିଛୁଳାକେ ପୂରା ପରିବାର ଛାରଖାର ହୋଇଯାଇଛି। ବରଗଡ଼ ଗୁରୁଦ୍ୱାରା ଛକଠାରେ ଏକ ସ୍କୁଟି ଉପରେ ହାଇୱା ଚଢ଼ିଯିବାରୁ ଘଟଣାସ୍ଥଳରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏହାସହ ସେମାନଙ୍କ ସାଙ୍ଗରେ ଥିବା ଦୁଇ ଶିଶୁଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।



■ ଦୁଇ ଆହତ ଶିଶୁ ହସ୍ପିଟାଲକୁ ସ୍ଥାନାନ୍ତର
■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ସୂଚନାନୁସାରେ, ଆଜି ଗୁରଦ୍ୱାରା ଛକଠାରେ ଏକ ହାଇୱା ସ୍କୁଟି ଉପରେ ଚଢ଼ିଯାଇଥିଲା। ଏଥିରେ ସ୍କୁଟିରେ ଥିବା ଦମ୍ପତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଅମ୍ବାଭୋନାର ଅଞ୍ଚଳର ହରେକୃଷ୍ଣ ଡୁଙ୍ଗୁରୀ ଓ କୁନ୍ତଳା ଡୁଙ୍ଗୁରୀ। ହରେକୃଷ୍ଣ ବରଗଡ଼ ତହସିଲ ଅଫିସରେ ଅସ୍ଥାୟୀ ପିଅନ ଭାବେ କାର୍ଯ୍ୟ କରନ୍ତି।

ଦୁର୍ଘଟଣା ପରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ସେଠାରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଜନତାଙ୍କୁ ନିୟନ୍ତ୍ରଣ କରିଥିଲା। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ହାଇୱା ଭିତରୁ ଡ୍ରାଇଭରକୁ କଡ଼ା ସୁରକ୍ଷା ମଧ୍ୟରେ ଉଦ୍ଧାର କରି ଟାଉନ୍ ଥାନାକୁ ନେଇଥିଲା। ସହରର ହଳଦୀପାଲି ଛକଠୁ ବିକାଶ ସ୍କୁଲ ଛକ ପର୍ଯ୍ୟନ୍ତ ସକାଳ ୮ରୁ ସନ୍ଧ୍ୟା ୮ ମଧ୍ୟରେ କୌଣସି ଭାରୀଯାନ ସହର ମଧ୍ୟକୁ ପ୍ରବେଶ କରିପାରିବନି ବୋଲି ପୂର୍ବତନ ଜିଲ୍ଲାପାଳ ମନିଷା ବାନାର୍ଜୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲ୍ଲାପାଳଙ୍କ ବଦଳି ପରେ ସେ ସବୁ ନୀତି ନିୟମକୁ କେହି ଖାତିର୍ କରୁନାହାନ୍ତି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାର ପ୍ରତିକାର କିପରି ଭାବେ ହୋଇପାରିବ, ସେ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ବାପ-ଝିଅଙ୍କୁ ପୋଡ଼ି ହତ୍ୟା ଉଦ୍ୟମ

ଅନୁଗୋଳ,୨୮।୯(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ ଯାଉଥିବା ଭାଗୀରଥିପୁର ଗ୍ରାମର ରବି ସାହୁ ଓ ତାଙ୍କ ଝିଅ ରିଙ୍କି ସାହୁଙ୍କୁ ଆଠମଲ୍ଲିକ ଥାନା ଯଦପୁର ଗ୍ରାମର ବୀରେନ୍ଦ୍ର ସାହୁ, ବିଭୁ ସାହୁ, ଜିତେନ୍ଦ୍ର ସାହୁ ପେଟ୍ରୋଲ ପକାଇ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଶନିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବି ଓ ରିଙ୍କି ଘରକୁ ଯାଉଥିବା ବେଳେ ୩ ଅଭିଯୁକ୍ତ ସେମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ପରେ ଠେଙ୍ଗାରେ ଆକ୍ରମଣ କରି ରିଙ୍କିଙ୍କ ସୁନା କାନଫୁଲ ନେଇଯାଇଥିଲେ। ରିଙ୍କି ଓ ରବି ପ୍ରତିବାଦ କରିବାରୁ ସେମାନଙ୍କୁ ପେଟ୍ରୋଲ ପକାଇ ନିଆଁ ଲଗାଇଦେବାକୁ ଉଦ୍ୟମ କରିଥିଲେ। ତେବେ ବାପ-ଝିଅ ଅଳ୍ପକେ ବର୍ତ୍ତିଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଉଭୟ ଆଠମଲ୍ଲିକ ମେଡିକାଲରେ ଚିକିତ୍ସିତ ହେବା ପରେ ରବି ଥାନାରେ ଅଭିଯୋଗ କରିଛନ୍ତି।

# ୩ ହାତୀଦାନ୍ତ ଜବତ, ୪ ଗିରଫ



କେନ୍ଦୁଝର, ୨୮।୯ (ସମିସ): ପୁଲିସ ଏବଂ ବନ ବିଭାଗ ମିଳିତ ଚଢ଼ଉ କରି ଏକ ହାତୀଦାନ୍ତ ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୩ଟି ହାତୀଦାନ୍ତ ଜବତ ହୋଇଛି। ଗିରଫ ଅଭିଯକ୍ତମାନେ ହେଲେ, କଟକ ଆଲିଶା ବଜାର ଅଞ୍ଚଳର ବୀରକିଶୋର ବେହେରା (୫୩), ଅନୁଗୋଳ ଜିଲ୍ଲା ପାରାବିଲ ଅଞ୍ଚଳର ଅରୁଣ ସାହୁ (୩୫), ଅନୁଗୋଳ ଜିଲ୍ଲା ଭଗାମୁଣ୍ଡା ଅଞ୍ଚଳର ପ୍ରଦୀପ ସିଂ, ପାଇକସାହି ଅଞ୍ଚଳର ପ୍ରତାପ ବେହେରା (୩୬)। ଏହି ରାକେଟ୍‌ର ମୁଖ୍ୟ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଜବତ ହାତୀ ଦାନ୍ତଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରାପ୍ତବୟସ୍କ ଦନ୍ତା ହାତୀର ହୋଇଥିବା ବେଳେ ଅନ୍ୟ ୨ଟି ମଧ୍ୟ ବୟସ୍କ ହାତୀର ବୋଲି ଜଣାପଡ଼ିଛି। ଆଠମଲ୍ଲିକ ଫରେଷ୍ଟ ଡିଭିଜନ୍‌ରେ ଏହି ହାତୀଗୁଡ଼ିକୁ ଶିକାର କରାଯାଇଥିବା ସନ୍ଦେହ କରାଯାଉଛି। କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଗତ ୨୬ ତାରିଖ ରାତି ପ୍ରାୟ ୯ଟାରେ ପୁଲିସ ଓ ବନ ବିଭାଗ ଟିମ୍ ସଦର ଥାନା ଅନ୍ତର୍ଗତ ତଳକାଇପୁର କ୍ରସର୍ ନିକଟରେ ଚଢ଼ଉ କରି ବୀରକିଶୋର ଓ ଅରୁଣକୁ ଗିରଫ କରିଥିଲେ। ପରେ ସେମାନଙ୍କୁ ପଚରାଉଚରା କରି ୨୭ ତାରିଖରେ ପ୍ରଦୀପ ଏବଂ ଆଜି ପ୍ରତାପକୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୫୧ ସେମି ଲମ୍ବ ୨କେଜି ୨୬ ଗ୍ରାମ, ୨୮ ସେମି ଲମ୍ବ ୬୦୦ ଗ୍ରାମ ଏବଂ ୨୦ ସେମି ଲମ୍ବ ୩୮୭ ଗ୍ରାମର ମୋଟ ୩ଟି ହାତୀଦାନ୍ତ ଜବତ ହୋଇଛି। ଏଥିସହ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ମାମଲା ରୁଜୁ କରିଛି।

## ୬୮ ତମ ଅର୍ନ୍ତଜାତୀୟ ବଧିର ସପ୍ତାହ ପାଳିତ




ଅନୁଗୋଳ,୨୮ ।୯ (ସମିସ): ଅନୁଗୋଳ ଜିଲ୍ଲା ବଧିର ସଂଘ ତରଫରୁ ଅନ୍ତର୍ଜାତୀୟ ବଧିର ସପ୍ତାହ ପାଳିତ ହୋଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୂକ ଓ ବଧିର ଭାଇଭଉଣୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲ। ଆର୍ନ୍ତଜାତିକ ବଧିର ସପ୍ତାହ ବିଶ୍ୱ ବଧିର ସଂଘର ପ୍ରାରମ୍ଭିକ ପ୍ରଚେଷ୍ଟା ଏବଂ ଏହି ପ୍ରଚେଷ୍ଟା ପ୍ରଥମେ ଇଟାଲୀ ରାଜଧାନୀ ରୋମ୍‌ରେ ୧୯୫୮ରେ ବାସ୍ତବ ରୂପ ନେଇଥିଲା। ସେହିଦିନଠାରୁ ବିଶ୍ୱ ବଧିର ସମ୍ପ୍ରଦାୟ ପ୍ରତିବର୍ଷ ସେପ୍ଟେମ୍ବର ଶେଷ ସପ୍ତାହରେ ଏହି ସପ୍ତାହ ପାଳନ କରିଆସୁଛି। ଏହି ଅବସରରେ ପଦଯାତ୍ରା, ତର୍କ ପ୍ରତିଯୋଗିତା, ପ୍ରଚାର ଅଭିଯାନ ଅନୁଷ୍ଠିତ ହୋଇଥିଲା। ମୂକ ବଧିରମାନଙ୍କୁ ଏକାଠି କରିବା ଏବଂ ସେମାନେ ଯେ ଏକ ଓ ଅଭିନ୍ନ ଏହା ଅବଶିଷ୍ଟ ବିଶ୍ୱବାସୀଙ୍କୁ ଜଣାଇବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ନିର୍ଦ୍ଦିଷ୍ଟ ମାନବିକ ଅଧିକାର ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହା ଅନୁଗୋଳର ୧୧ତମ ବାର୍ଷିକ ବଧିର ସମ୍ମିଳନୀ ଥିଲା। ସମ୍ମିଳନୀରେ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର, ଦୁର୍ଗା ହୋଟେଲ ମ୍ୟାନେଜର ସୁନୀଲ କୁମାର ସାହୁ ଓ ଓଡ଼ିଶା ବଧିର ସଂଘ ଉପାଧ୍ୟକ୍ଷ ମନୋରଞ୍ଜନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳ ଜିଲ୍ଲା ବଧିର ସଂଘ ସଭାପତି ପର୍ଶୁରାମ ଦାଶ, ସମ୍ପାଦକ ବିଶ୍ୱଜିତ୍ ହୋତା, ଉପସଭାପତି ସନ୍ତୋଷ ବେହେରା, ସାଙ୍କେତିକ ଭାଷା ଉପସ୍ଥାପକ ସମୀର କୁମାର ନାୟକ ଓ ବଧିର ସଂଘ ସଦସ୍ୟ ଇତିଶ୍ରୀ ଗଡ଼ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବଧିରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## କୁସୁପଙ୍ଗା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



ଅନୁଗୋଳ,୨୮ ।୯ (ସମିସ): କୁସୁପଙ୍ଗା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ସାମାଜସେବୀ ଗଙ୍ଗାଧର ସାମଲ ଯୋଗଦେଇ ଛାତ୍ର ସମାଜ ଚାକିରି ପଛରେ ନ ଗୋଡ଼ାଇ ଚାକିରି ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ରମାନେ ଶିକ୍ଷିତ ହୋଇ ଚାକିରି ସୃଷ୍ଟି କଲେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଯୋଗଦେଇ ଶିକ୍ଷିତ ସାମଜ ପାଶ୍ଚାତ୍ୟ ସଂସ୍କୃତିକୁ ନ ଆପାଣାଇ ଓଡ଼ିଆ ସଂସ୍କୃତିକୁ ସମ୍ମାନ ଦେବାକୁ ଅନୁରୋଧ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଢେଙ୍କନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କଠିନ ପରିଶ୍ରମ କଲେ ଜଣେ ଛାତ୍ର ନିଶ୍ଚିତ ସଫଳତା ପାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଖିଳ କୁମାର ମହାପାତ୍ର, ସାମାଜସେବୀ ନରେନ୍ଦ୍ର କୁମାର ସାହୁ, କୁସୁପଙ୍ଗା ସରପଞ୍ଚ ଶ୍ରୀମତୀ ନାୟକ, ସମିତି ସଭ୍ୟା ସ୍ନିଗ୍ଧାରାଣୀ ଭଞ୍ଜ ଓ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅନିତା ଜେନା ଯୋଗଦେଇଥିଲେ। ଏହି ଅବସରରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସଫଳ ଛାତ୍ର ଓ ସ୍କୁଲ ପ୍ରତିଷ୍ଠାତା ସଭ୍ୟଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ନିରୋଦ କୁମାର ତ୍ରିପାଠୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

### ■ ଅସାରାଏ ବର୍ଷାରେ ବେହାଲ ବାଇପାସ୍

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

ତାଳଚେର,୨୮ ।୯ (ସମିସ): ରବିବାର ସକାଳ ପ୍ରାୟ ୯ଟାରେ ତାଳଚେର ସହରରେ ଅସାରାଏ ବର୍ଷା ହେବା ଫଳରେ ଛକ, ବଜାର, ମାର୍କେଟ, ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିଲା। ହଠାତ୍ ଆକଶରେ କଳାବାଦଲ ଢାଙ୍କି ଅସାରାଏ



ବର୍ଷା ହେବା ଫଳରେ ମୁଖ୍ୟ ଟ୍ରାଫିକ ଛକ ବାଇପାସ୍ ରାସ୍ତାର ଉଭୟ ପାଶ୍ୱର୍ରେ ବର୍ଷାଜଳ ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା। ବର୍ଷାପାଣି ସହିତ ଡ୍ରେନ ଜାମ ହେବା ଫଳରେ ପଚାଶଢ଼ା ଆବର୍ଜନା ପାଣି ରାସ୍ତାରେ ଜମି ରହିଥିବାରୁ ପଥଚାରୀ, ବାଟୋଇ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିଥିଲେ। ବାଇପାସ୍ ଟ୍ରାଫିକ ଛକ ରାସ୍ତା ଓ ନିକଟରେ ଥିବା ୟୁକୋବ୍ୟାଙ୍କ ସମ୍ମୁଖ ରାସ୍ତା ହାଲୁକା ବର୍ଷା ହେଲେ ପୋଖରୀର ଭ୍ରମ ସୃଷ୍ଟି କରିଥାଏ। ଦୁର୍ଗନ୍ଧରେ ସେହି ଅଞ୍ଚଳ ଫାଟି ପଡ଼ିଥାଏ। ସେଠାରେ ଘର କରି ରହୁଥିବା ଲୋକ, ପଥଚାରୀ ଓ ବ୍ୟବସାୟୀମାନେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଅଧିକାଂଶ ସମୟରେ ଦାବି କରୁଛନ୍ତି। ତେବେ ପୌରପରିଷଦ ମୋଟା ଅଙ୍କର ଟିକସ ନେଇ ଚାଲିଥିଲେ ମଧ୍ୟ ଏ ବାବଦରେ ସାମାନ୍ୟତମ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏଠି ଲୋକପ୍ରତିନଧି କିମ୍ବା ପ୍ରଶାସନ କେହି ହେଲେ ଏଥିପ୍ରତି ଦୃଷ୍ଟି ନ ଦେବା ଘଟଣା ପରିତାପର ବିଷୟ ହୋଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନଏଚଆଇ, ସ୍ଥାନୀୟ ପୂର୍ତ୍ତବିଭାଗ, ଉପଜିଲ୍ଲାପାଳ ଓ ପୌରପରିଷଦ କେହି ହେଲେ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ମତ ପ୍ରକାଶ ପାଇଛି। ଏଥିପ୍ରତି ଅନୁଗୋଳ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବିପଦସଙ୍କୁଳ ଅବସ୍ଥାରେ ମେଡିକାଲ ଗୃହ ଓ କ୍ୱାର୍ଟର୍ସ

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ବଇଣ୍ଡା,୨୮ ।୯ (ସମିସ):

ଅନୁଗୋଳ ଜିଲ୍ଲା ବଇଣ୍ଡା ମେଡିକାଲ ଗୃହ ଓ କ୍ୱାର୍ଟର୍ସଗୁଡ଼ିକରେ ବର୍ଷାହେଲେ ପାଣି ଗଳୁଛି। ଫଳରେ ରୋଗୀ ଓ କର୍ମଚାରୀ ଅସୁବିଧାର ସମୁଖୀନ ହେଉଛନ୍ତି। ନୂତନ ମେଡିକାଲ ଗୃହ ଓ କ୍ୱାର୍ଟର୍ସ ନିର୍ମାଣ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଶନିବାର ବଇଣ୍ଡା ଗ୍ରାମବାସୀ ପୁନର୍ବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଏ ନେଇ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ ବହୁବର୍ଷ ହେବ ବଇଣ୍ଡାରେ ମେଡିକାଲ ସ୍ଥାପନ ହୋଇଥିବା ବେଳେ ବର୍ତ୍ତମାନ ଉକ୍ତ ଗୃହରେ ସାମାନ୍ୟ ବର୍ଷା ହେଲେ ପାଣି ଗଳୁଛି।



ଅନେକ କୋଠରିରେ ପାଣି ଗଳୁଥିବା ବେଳେ ବର୍ଷାଦିନେ ରୋଗୀମାନେ ଅସୁବିଧାର ସମୁଖୀନ ହେଉଛନ୍ତି। ଏପରିକି କ୍ୱାର୍ଟର୍ସଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଡାକ୍ତର କ୍ୱାର୍ଟର୍ସ ଦୀର୍ଘବର୍ଷ ହେବ ଭାଙ୍ଗିଯାଇଥିବାରୁ ଡାକ୍ତର ସ୍ଥାୟୀ ଭାବେ ରହୁନାହାନ୍ତି। ଏଠାରେ କ୍ୱାର୍ଟର୍ସ ନ ଥିବାରୁ କିଛିଦିନ ପୂର୍ବେ ନିଯୁକ୍ତି ପାଇଥିବା ଡାକ୍ତର ଅନୁଗୋଳରେ ରହୁଛନ୍ତି। ଫଳରେ ରୋଗୀ ସଠିକ ସେବା ପାଇପାରୁ ନାହାନ୍ତି। ଅନ୍ୟପକ୍ଷରେ ମେଡିକାଲରେ ନିଯୁକ୍ତ କିଛି କର୍ମଚାରୀ ମେଡିକାଲ ବାହାରେ ଭଡ଼ାରେ ରହୁଥିବାରୁ ସଠିକ ସମୟରେ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନୂତନ ମେଡିକାଲ ଗୃହ ନିର୍ମାଣ ପାଇଁ ପୂର୍ବ ସରକାର ଅମଳରେ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ନିର୍ମାଣ ହେଉନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

### ■ ଖଳଚାନ୍ଦିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ପେନାଲଟି ସୁଟଆଉଟରେ ରେଙ୍ଗାଲମୁଣ୍ଡା ବିଜୟୀ



ଖମାର,୨୮ ।୯ (ସମିସ): ଖମାର ନିକଟ ମୁଣ୍ଡରିବେଡ଼ା ପଞ୍ଚାୟତ ଖଳଚାନ୍ଦିଆ ଗ୍ରାମରେ ରବିବାର ୪ର୍ଥ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ବାଞ୍ଜିମୁଣ୍ଡା ଏକାଦଶ ଏବଂ ରେଙ୍ଗାଲମୁଣ୍ଡା (ଇଞ୍ଜିଡ଼ି) ଏକାଦଶ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ହୋଇଥିଲା। ପେନାଲଟି ସୁଟଆଉଟରେ ରେଙ୍ଗାଲମୁଣ୍ଡା ୭-୦ ଗୋଲରେ ବିଜୟୀ ହୋଇଛି।

ମୁଖ୍ୟଅତିଥି ଭାବେ ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଓଡ଼ିଶା ପ୍ରଦେଶ କାର୍ଯ୍ୟକାରୀ ସଭାପତି ତଥା ପାଳଲହଡ଼ା ବିର୍ସା ବିକାଶ ସମିତି ସଭାପତି ଈଶ୍ୱର ଚନ୍ଦ୍ର ପିଙ୍ଗୁଆ, ସମ୍ମାନିତ ଅତିଥି ଭାବେ ବିର୍ସା ବିକାଶ ସମିତି ସାଙ୍ଗଠନିକ ସମ୍ପାଦକ ତଥା 'ସକାଳ'ର ଖମାର ପ୍ରତିନିଧି ସୌରଭ କୁମାର ବେହେରା, ୱାର୍ଡସଭ୍ୟା କୁନି କୁଙ୍କାଲ ଯୋଗଦେଇଥିଲେ। ବିର୍ସା ମୁଣ୍ଡା ୟୁଥ କ୍ଲବ ସଦସ୍ୟ ଗୁରୁଚରଣ ବଦରା, ରଞ୍ଜନ ପୂର୍ତ୍ତି, ମୁକେଶ ପୂର୍ତ୍ତି, ଗିରୀଶ କରୁଆ, ସୁରେଶ ପୂର୍ତ୍ତି, ଗୁରୁଚରଣ ଲାମାଇ, ଯୋଗେଶ୍ୱର କୁଙ୍କାଲ, ଚନ୍ଦ୍ରଶେଖର ଲାମାଇ, ଦିବ୍ୟସାଗର କୁଙ୍କାଲ, ଅଜୟ ଦେଓଗାନ, ଦୋଳଗୋବିନ୍ଦ କୁଙ୍କାଲ ଏବଂ ଜଗନ୍ନାଥ କୁଙ୍କାଲ ପ୍ରମୁଖଙ୍କ ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି।

### ଅନୁଗୋଳରେ ଭୁଶୁଡ଼ିଗଲାଣି ସ୍ୱାସ୍ଥ୍ୟସେବା

## ନର୍ସିଂହୋମ ଯାଇ ସର୍ବସ୍ୱାନ୍ତ ହେଉଛନ୍ତି ଜନତା

ଅନୁଗୋଳ,୨୮ ।୯ (ସମିସ): ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର ମେଡିକାଲରେ ବଢୁଛି ଦଲାଲରାଜ। ନର୍ସିଂହୋମ ମାଲିକମାନେ ସରକାରୀ ଡାକ୍ତରଙ୍କୁ ହାତକରି ହେଉଛନ୍ତି ମାଲାମାଲ। ସରକାରୀ ଡାକ୍ତରଖାନାରେ ସର୍ବନିମ୍ନ ସୁବିଧା ମିଳିପାରୁନି। ବାଧହୋଇ ଲୋକେ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ଉପରେ ନିର୍ଭର କରୁଛନ୍ତି। ଲୋକଙ୍କ ଦୁର୍ବଳତାର ସୁଯୋଗ ନେଇ ଦଲାଲମାନେ ସେମାନଙ୍କୁ ବେହିସାବ ଲୁଟୁଛନ୍ତି। ସମସ୍ତଙ୍କ ଜାଣତରେ ଏହି ଶୋଷଣ ଚାଲୁଛି। ହେଲେ ପ୍ରଶାସନ ନିଦାବିଷ୍ଟ ସାଜିଛି। ଲୋକଙ୍କ ସୁବିଧା ପ୍ରତି ସ୍ୱାସ୍ଥ୍ୟ ବିଭାଗ ଯେମିତି ଆଖି ବୁଜିଦେଇଛି। ଅନୁଗୋଳ ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ସରକାର ମେଡିକାଲ କଲେଜ ଖୋଲିଛନ୍ତି। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଏଠାକୁ ଆସୁଛନ୍ତି। ହେଲେ ତାହା ସ୍ୱଳ୍ପ ସମୟ ପାଇଁ। ଯେନତେନ ପ୍ରକାରେ ଉପସ୍ଥାନ ପକାଇ ଦେଇ ଡାକ୍ତରମାନେ ପଳାଉଛନ୍ତି। ଆଉ ଡାକ୍ତରଙ୍କ ଏହି ଅବହେଳା ନର୍ସିଂହୋମଗୁଡ଼ିକ ପାଇଁ ବିରାଡ଼ି କପାଳରେ ଶିକା ଛିଣ୍ଡିଲା ପରି ହେଉଛି। ଏହାର ଫାଇଦା ନେବା ପାଇଁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସୁଦୂର ଭୁବନେଶ୍ୱରୁ ନାମୀଦାମୀ ଡାକ୍ତରଙ୍କୁ ଏଠାକୁ ଡକାଇ ବ୍ୟବସାୟ ଆରମ୍ଭ କରିଛନ୍ତି। ଦଲାଲମାନେ ବଡ଼ ଡାକ୍ତରଙ୍କ ନାଁ କହି ରୋଗୀଙ୍କୁ ନର୍ସିଂହୋମକୁ ଟାଣି ନେଉଛନ୍ତି।

**ପ୍ରଶାସନ ନିଦାବିଷ୍ଟ**

ନର୍ସିଂହୋମକୁ ଯିବାମାତ୍ରେ ଗରିବ ଲୋକଟିଏ ହଜାର ହଜାର ଟଙ୍କା ଗଣୁଛି। ଡାକ୍ତର ଫି'ଠାରୁ ଟେଷ୍ଟିଂ ପର୍ଯ୍ୟନ୍ତ ୫ ହଜାରରୁ କମ ଟଙ୍କାରେ କୌଣସି ଚିକିତ୍ସା ହେଉନାହିଁ। ଆଉ ଯଦି ଅଧିକ ଚିକିତ୍ସା ଆବଶ୍ୟକ ତେବେ ରୋଗୀଙ୍କୁ ନର୍ସିଂହୋମ ମାଲିକମାନେ ଭୁବନେଶ୍ୱର ପଠାଇ ଦେଉଛନ୍ତି। ଫଳରେ ଗରିବ ଲୋକଟିଏ ସର୍ବସ୍ୱାନ୍ତ ହୋଇଯାଉଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏଥିସହ ସରକାରୀ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଲୋକେ ନିବେଦନ କରିଛନ୍ତି।

## ନମପଶି ଫୁଟବଲ ଟୁର୍ଣ୍ଣାମେଣ୍ଟ: ବାରକୋଟ ଚାମ୍ପିଅନ




ପାଲଲହଡ଼ା,୨୮ ।୯ (ସମିସ):

ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ନମପଶିଠାରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ବାରକୋଟ ଏବଂ ଫପଣ୍ଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାରକୋଟ ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ଡା. ଅବିନାଶ ସାମଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲ, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ଅନୁଗୋଳ ସମବାୟ ଅଧ୍ୟକ୍ଷ ସନ୍ତୋଷ ପ୍ରଧାନ, ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ତେଲକୋଇ ସମିତି ଅଧ୍ୟକ୍ଷ ବିକ୍ରମ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବିଲ୍ ମାଗିବାରୁ ମହିଳା ସମିତି ସଭ୍ୟଙ୍କୁ କନିଷ୍ଠ ଯନ୍ତ୍ରୀଙ୍କ ମାଡ଼

### ■ ପାଲଟା ଅଭିଯୋଗ କଲେ କନିଷ୍ଠ ଯନ୍ତ୍ରୀ

କିଶୋରନଗର,୨୮ ।୯ (ସମିସ): କିଶୋରନଗର ଥାନା ଧଡ଼ରପାଳ ସମିତି ସଭ୍ୟା ସସ୍ମିତା ସାହୁ କେନ୍ଦୁନାଳୀ ଗାଁରେ ନିର୍ମିତ କମ୍ୟୁନିଟି ସେଣ୍ଟରର ବିଲ୍ ମାଗିବାରୁ କନିଷ୍ଠ ଯନ୍ତ୍ରୀ ସରସ୍ୱତୀ ନାଏକ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସମିତି ସଭ୍ୟା ସସ୍ମିତା ସାହୁ ଗତ ୨୬ ତାରିଖ ବ୍ଲକକୁ ଆସି କନିଷ୍ଠ ଯନ୍ତ୍ରୀଙ୍କୁ ବିଲ୍ କଥା କହିବାରୁ କନିଷ୍ଠ ଯନ୍ତ୍ରୀ ତାଙ୍କୁ ଗାଳିଗୁଲଜ ଓ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ସସ୍ମିତା କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି କନିଷ୍ଠ ଯନ୍ତ୍ରୀ ସରସ୍ୱତୀ ନାୟକଙ୍କୁ ସସ୍ମିତା ଓ ତାଙ୍କ ସ୍ୱାମୀ ହତ୍ୟା ଧମକ ଦେବା ସହ ଜାତିଆଣ ଆକ୍ଷେପ କରିଥିବା ନେଇ ସରସ୍ୱତୀ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଆଉ ଏକ ମାମଲା ରୁଜୁ କରିଛି।

### ■ ରେଙ୍ଗାଳି ବିସ୍ଥାପିତଙ୍କ ଥଇଥାନ ଓ କ୍ଷତିପୂରଣ ସମୀକ୍ଷା

## ମାସକ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ ନିଷ୍ପତ୍ତି

ପାଲଲହଡ଼ା,୨୮ ।୯ (ସମିସ): ରେଙ୍ଗାଳି ବହୁମୁଖୀ ଜଳଭଣ୍ଡାର ଯୋଜନାରେ ବିସ୍ଥାପିତଙ୍କୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ ନେଇ ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଦେବଗଡ଼ ଜିଲ୍ଲା ରିଆମାଳ ତହସିଲଦାର, ପାଲଲହଡ଼ା ଅତିରିକ୍ତ ତହସିଲଦାର, ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲଦାର, କଣିହାଁ ତହସିଲଦାର ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶରତ କୁମାର ବାଗଙ୍କ ସମେତ ରେଙ୍ଗାଳି ଜୋନ୍ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ୧୯୭୩ରେ ରେଙ୍ଗାଳି ଜଳଭଣ୍ଡାର ଯୋଜନା ଆରମ୍ଭ ହୋଇଥିଲା। ଏଥିରେ ପାଲଲହଡ଼ା, ଦେବଗଡ଼ ଓ ତାଳଚେରର ସମୁଦାୟ ୨୪୬ ଗାଁର ଲୋକେ ବିସ୍ଥାପିତ ହୋଇଥିଲେ। ୫୨ ବର୍ଷ ପରେ ମଧ୍ୟ ସେମାନଙ୍କୁ ଥଇଥାନ କରାଯାଇ ନାହିଁ କି ସମସ୍ତ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। ଏ ନେଇ ବିସ୍ଥାପିତ ପ୍ରଜା ସଂଗ୍ରାମ ସମିତି ପକ୍ଷରୁ ଦାବି ସହ ବହୁବାର ଆନ୍ଦୋଳନ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଥଇଥାନ କରିବା ପାଇଁ ସର୍ଭେ କାମ ଆରମ୍ଭ ହୋଇଥିବା ସମୀକ୍ଷା ବୈଠକରେ କୁହାଯାଇଛି। ଗୋଟିଏ ମାସ ମଧ୍ୟରେ ସର୍ଭେ କାମ ଶେଷ ହେବ। ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।


## ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

କିଶୋରନଗର,୨୮ ।୯ (ସମିସ): କିଶୋରନଗର ଥାନା ଜଏରାଟ ପଞ୍ଚାୟତ ବ୍ରାହ୍ମଣୀପାଲ୍ଲୀ ଗାଁରେ ରବିବାର ସନ୍ଧ୍ୟାରେ ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ ହୋଇଛି। ଜମି ବିବାଦକୁ କେନ୍ଦ୍ରକରି ଗ୍ରାମର ହଜାରୀ ପ୍ରଧାନ (୪୦) ତାଙ୍କ ବଡ଼ଭାଇ କସି ପ୍ରଧାନ (୫୦)ଙ୍କ ବେକକୁ ଗାଁ ଦାଣ୍ଡରେ ଟାଙ୍ଗିଆରେ ଚୋଟ ମାରିଥିଲେ। ଘଟଣାସ୍ଥଳରେ କସଙ୍କ ମୃତ୍ୟୁ ହୋଇଥିଲା। ଥାନା ଆଇଆଇସି ବିଭୂତି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

## ବିପୁଳ କଫସିରପ୍ ଜବତ; ମାଆପୁଅ ଗିରଫ


କଣିହାଁ,୨୮ ।୯ (ସମିସ): କଣିହାଁ ବ୍ଲକ୍ ଏନଟିପିସି ଥାନା ପିଟିଏସ୍ ଫାଟକ ପାଖ ଗଦାଶିଳା ଛକ ସ୍ନାକ୍ସ ଦୋକାନରେ ଶନିବାର ରାତିରେ ପୁଲିସ୍ ଚଢ଼ଉ କରି ୨୮ ପେଟି (୬୯୭ ବୋତଲ) କଫ୍‌ସିରପ୍ ଜବତ କରିଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସିପୁନ୍ ବାରିକ (୩୦) ଓ ତାଙ୍କ ମା' ମୀନା ବାରିକ (୫୦)। ଏମାନଙ୍କ ଘର ସମଲ ଥାନା ବାରୁଆଁ ଗ୍ରାମରେ ହୋଇଥିବା ବେଳେ ଦୀର୍ଘବର୍ଷ ହେଲା ଗଦାଶିଳା ଗାଁ ଛକରେ ରହିଆସୁଛନ୍ତି। ଏଥିସହ ଅଭିଯୁକ୍ତଙ୍କଠାରୁ ଏକ ଭ୍ୟାନ୍, ବାଇକ୍ ଓ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମମଲା ରୁଜୁ କରାଯାଇ ମାଆପୁଅଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସନ୍ତୋଷ କୁମାର ସେଠୀ କହିଛନ୍ତି। ଅଭିଯୁକ୍ତ ସିପୁନ୍ ନାମରେ ପୂର୍ବରୁ କଫ୍‌ସିରପ ବିକ୍ରି କରିବା ନେଇ ମାମଲା ରହିଥିବା ଜଣାଯାଇଛି।









## ଯୁବକଙ୍କୁ ଆକ୍ରମଣ ଅଭିଯୋଗ



**କୁଜଙ୍ଗ, ୨୮।୯ (ସମିସ):** ଜିଲ୍ଲାନାସୀ ପଞ୍ଚାୟତର ସାହାରାଡିଆ ଗ୍ରାମରେ ଗତକାଲି ଜଣେ ଯୁବକଙ୍କୁ ୩ ଜଣ ଅଭିଯୁକ୍ତ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିଥିବା କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ବିକ୍ରମ ପ୍ରଧାନଙ୍କ ଅଭିଯୋଗ ପରେ ୩୫୬/୨୫ରେ ମାମଲା ରୁଜୁ କରାଯାଇ ତିନି ଅଭିଯୁକ୍ତ ଜିଲ୍ଲାନାସୀ ଗ୍ରାମରେ ଜଣକ ଘର ପଛପଟେ ଲୁଚିଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା। ତେବେ ସେମାନେ ଫେରାର ହୋଇଯାଇଥିଲେ। ବିକ୍ରମ ପ୍ରଧାନ ତାଳଦଣ୍ଡା ବଜାରରୁ ନିଜ ଗ୍ରାମ ସାହାରାଡିଆକୁ ଫେରୁଥିବା ସମୟରେ ତାଳଦଣ୍ଡା ବଜାର ନିକଟରେ ସାହାରାଡିଆ ଗ୍ରାମର ଦେବାଶିଷ ଦାସ, ମୁନୁ ବେହେରା ଓ ବରିହାଡିଆ ଗ୍ରାମର ଆଲୋକ ଦାସଙ୍କ ସମେତ ଅନ୍ୟ ସାତଜଣ ଯୁବକ ଦୁର୍ବ୍ୟବହାର କରିଥିଲେ। ବିକ୍ରମ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିବା ସହିତ ବନ୍ଧୁକ ପଛପଟରେ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ଏଥିରେ ବିକ୍ରମ ଗୁରୁତର ଆହତ ହୋଇଥିଲେ।

## ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ପଟ୍ଟାମୁଣ୍ଡାଇ, ୨୮।୯ (ସମିସ):** ଆଦର୍ଶ ଥାନା ଅନ୍ତର୍ଗତ ଦକ୍ଷିଣଦିଆ ଗ୍ରାମରେ ଏକ ସୁନା ଚେନ୍ ଲୁଟ ଘଟଣା ଘଟିଛି। ଦୁଇଜଣ ଦୁର୍ବୃତ୍ତ ଜଣେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ଆଦର୍ଶ ଥାନା ପୁଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦକ୍ଷିଣଦିଆ ଗ୍ରାମରେ ବିଜୟ ଭାସ୍କର ରାଉତଙ୍କ ବାସୁଦେବ ଭେରାଇଟି ଷ୍ଟୋର ରହିଛି। ଆଜି ବିଜୟ ନ ଥିବାରୁ ତାଙ୍କ ବୃଦ୍ଧା ମାଆ ଦୋକାନରେ ବସିଥିଲେ। ଦିନ ୧୧ଟା ସମୟରେ ବାଇକ୍‌ରେ ଆସି ଦୁଇଜଣ ଯୁବକ ଦୋକାନ ନିକଟରେ ପହଞ୍ଚି ପାନ ଦେବାକୁ ବିଜୟଙ୍କ ମାଆଙ୍କୁ କହିଥିଲେ। ସେ ପାନ ଭାଙ୍ଗୁଥିବା ସମୟରେ ଦୁଇ ଯୁବକ ହଠାତ ବୃଦ୍ଧା ପିନ୍ଧିଥିବା ୧୨ ଗ୍ରାମ ଓଜନର ସୁନା ଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ବୃଦ୍ଧାଙ୍କ ପୁଅ ବିଜୟ ଘରକୁ ଫେରି ସୁନା ଚେନ ଲୁଟ ବିଷୟ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୁଲିସ ଲୁଟ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅଳପୁଆରେ ମନ୍ କି ବାତ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୨୮।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୫ନଂ ଜୋନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରାହ୍ମଣୀ ମଣ୍ଡଳ ଉପସଭାପତି କିଶୋର ରାଉତ, ବ୍ରାହ୍ମଣୀ ମଣ୍ଡଳ ପୂର୍ବତନ ସଭାପତି ଦିଲ୍ଲୀପ ବିଶ୍ୱାଳ, ଅଳପୁଆ ପଞ୍ଚାୟତ ସଭାପତି ବ୍ରଜବିହାରୀ ଧଳ, ବରିଷ୍ଠ ନେତା ବିଜେପି ନେତା ଅଧ୍ୟାପକ ଅଶୋକ ନାୟକ, ଡମ୍ବରୁଧର ବିଶ୍ୱାଳ, ଦେବାଶିଷ ଧଳ, ନିର୍ମଳ ମହାନ୍ତି, ନିରାକାର ବିଶ୍ୱାଳ, ବନବିହାରୀ ଦାଶ, ପରମାନନ୍ଦ ସାମଲ, ଭିକାରି ବାରିକ ପ୍ରମୁଖ ପଞ୍ଚାୟତ ଓ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍‌ର ୧୨୬ତମ ଅଧ୍ୟାୟ ଦେଖିଥିଲେ।

## ଦୋଶିଆ ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ



**ମାଳିପୁର, ୨୮।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଶିଆ ପଞ୍ଚାୟତରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୋଶିଆ ପଞ୍ଚାୟତ ସଭାପତି ରବୀନ୍ଦ୍ର ଗାହାଣଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଦୋଶିଆ ପଞ୍ଚାୟତ ଅଫିସ, ସ୍କୁଲ, ଦୋଶିଆ ବଜାର ସହିତ ମୁଖ୍ୟ ରାସ୍ତା ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଜିତ ରାଉତ, ଅକ୍ଷୟ ସେଠୀ, ପ୍ରଦୀପ ସାହୁ, ଅଶୋକ ସ୍ୱାଇଁ, ଗୋଲେଖ ସ୍ୱାଇଁ, ଅକ୍ଷୟ ସାମଲ, ଅଜୟ ରାଉତ, ବଳରାମ ସ୍ୱାଇଁ, ଅର୍ଜୁନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଜ୍ଞାନପ୍ରଭା ମିଶନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର



**ପଟ୍ଟାମୁଣ୍ଡାଇ, ୨୮।୯ (ସମିସ):** ଜ୍ଞାନପ୍ରଭା ମିଶନ ଓ ଜଗତପୁର ସଦଗୁରୁ ହସ୍‌ପିଟାଲ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ହାଇସ୍କୁଲରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍କଟ ରୋଗ ବିଶେଷଜ୍ଞ ଡା. ସୁଲଗ୍ନା ମହାନ୍ତି ଯୋଗଦେଇ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ଶତାଧିକ ରୋଗୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ଞାନପ୍ରଭା ମିଶନ ସମ୍ପାଦକ ଶାରଦାନନ୍ଦ ଗିରି, ସ୍ୱାମୀ ସତ୍ୟାମନ୍ୟା ନନ୍ଦଗିରି ଓ ସମାଜସେବୀ ମନୋଜ ରାଉତ ପରିଚାଳନା କରିଥିଲେ।

### ରାଜପଥ ସମ୍ପ୍ରସାରଣ କାମରେ ବ୍ୟବହାର ହେଉଛି ପାଉଁଶ, ଜିପ୍‌ସମ୍

# ଦୂଷିତ ହେଉଛି ପରିବେଶ; କାର୍ଯ୍ୟାନୁଷ୍ଠାନ ଦାବି

**ମାର୍ଶାଘାଇ, ୨୮।୯ (ସମିସ)**



ପାରାଦୀପ-ଚଣ୍ଡିଖୋଲ ରାଜପଥର ସମ୍ପ୍ରସାରଣ କାମ ଚାଲିଛି। ରାଜପଥ ସମ୍ପ୍ରସାରଣ କାମରେ ମାଟି ବଦଳରେ ଆସ, ଜିପ୍‌ସମ ବ୍ୟବହାର କରାଯାଉଛି। ତେବେ ଆସ, ଜିପ୍‌ସମ ବ୍ୟବହାର କରାଯିବା ବ୍ୟବସ୍ଥା ଥିବା ଠିକାସଂସ୍ଥା ପ୍ରକାଶ କରିଛି। ଠିକା ସଂସ୍ଥା ଆସ ଓ ଜିପ୍‌ସମ୍ ଗୁଣ୍ଡ ବ୍ୟବହାର ସହିତ ଆବଶ୍ୟକ ପରିମାଣ ମାଟି, ବାଲି ଓ ମୋହରମ ବ୍ୟବହାର କରୁନାହିଁ। ରାଜପଥ ସମ୍ପ୍ରସାରଣ କାମରେ ଆସଗୁଣ୍ଡରେ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷିତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

ରାଜପଥର ଗୋପ ଛକ-ମାର୍ଶାଘାଇ ଥାନା ପର୍ଯ୍ୟନ୍ତ ୨୨ କିମି ସମ୍ପ୍ରସାରଣ କାମ ରାଜବୀର କନଷ୍ଟ୍ରକସନ କମ୍ପାନୀ କରୁଛି। ରାଜପଥର ଛଘରିଆ, ମାର୍ଶାଘାଇ କ୍ରସିଂ, ଶିଳିପୁର ଛକ, ହିନ୍ଦୁଳିଆ-ଆଦର୍ଶ ବିଦ୍ୟାଳୟ, ହଳଦିଆଗଡ଼ା, ବଡ଼ପାଳଛକ ସମେତ ଅନେକ ସ୍ଥାନରେ 'ଅଣ୍ଡର ପାସ ରୋଡ୍' ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏସବୁ ସ୍ଥାନରେ ରାଜପଥକୁ ଉଭୟ ପାର୍ଶ୍ୱରେ ୱାଲ ନିର୍ମାଣରେ ମାଟି ବଦଳରେ ବ୍ୟାପକ ପରିମାଣ ଆସ ଓ ଜିପ୍‌ସମ ବ୍ୟବହାର କରାଯାଉଛି। ରାଜପଥରେ ଅହରହ ଭାରୀଯାନ ସମେତ ଅନ୍ୟ ଗାଡ଼ି ଚଳାଚଳ ସମୟରେ ଏହା ଉଡ଼ି ପରିବେଶକୁ ଦୂଷିତ କରିବା ସହ ଯାତାୟାତ ସମ୍ଭବପର ହେଉନି। ଏପରିକି ଆସ ପ୍ରଦୂଷଣରେ ଗଛପତ୍ର ରଙ୍ଗ ବଦଳିଯାଉଥିବା ଅଭିଯୋଗ ହେଉଛି। ତାଳଚେରରୁ ଆସୁଥିବା ହଜାର ହଜାର ଟନ ଆସଗୁଣ୍ଡ ପ୍ରକଳ୍ପ କାମରେ ବ୍ୟବହାର ଯୋଗୁଁ ପରିବେଶକୁ ପ୍ରଦୂଷିତ କରୁଥିବା ଅଭିଯୋଗ ହେଉଛି। ଆସ ବ୍ୟବହାର ସମୟରେ ଠିକା ସଂସ୍ଥା ପାଣି ବ୍ୟବହାର କରୁ ନ ଥିବାରୁ ରାଜପଥରେ ଭାରୀଯାନ ଯାତାୟତ ସମୟରେ ରାଜପଥ ଧୂସର ଆସ୍ତରଣ ଯୋଗୁଁ ପରିବେଶ ପ୍ରଦୂଷଣ ହେବା ସହ ଯାତାୟାତ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଦୁର୍ଘଟଣା ଘଟି ନିରୀହ ଜୀବନ ଚାଲିଯାଉଥିବା ନଜିର ରହିଛି। ରାଜପଥରେ ପାହଡ଼ ଭଳି ଜମା ହୋଇଥିବା ଆସଗୁଣ୍ଡ ଲୋଡ୍ ଓ ଅନ୍‌ଲୋଡିଂ ସମୟରେ ପାଣି ବ୍ୟବହାର ପ୍ରତି ଠିକା ସଂସ୍ଥା ଗୁରୁତ୍ୱ ଦେଉ ନ ଥିବାରୁ ଆସଗୁଣ୍ଡ ଓ ଜିପ୍‌ସମ ମାର୍ଶାଘାଇ ଅଞ୍ଚଳର ଜଳବାୟୁକୁ ପ୍ରଦୂଷିତ କରୁଥିବା ସମାଜସେବୀ ରଜନୀକାନ୍ତ ନାୟକ ଅଭିଯୋଗ କରିଛନ୍ତି। ଜିପ୍‌ସମ ବର୍ଷାଜଳ ମାଧ୍ୟମରେ ନଦୀ, କେନାଲରେ ମିଶୁଥିବାରୁ ପାଣିକୁ ପ୍ରଦୂଷିତ କରୁଥିବା ଅଭିଯୋଗ ହେଉଛି। ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜନବସତି ପ୍ରଦୂଷିତ ହେବା ସହ ରାଜପଥରେ ଯାତାୟାତ କରୁଥିବା ବାଇକ୍ ଆରୋହୀ ପ୍ରଦୂଷଣର ଶିକାର ହେଉଛନ୍ତି। ଏଥିସହ ଲୋକେ ଶ୍ୱାସକ୍ରିୟାଜନିତ ରୋଗର ଶିକାର ହେବା ସହ ହୃଦଘାତଜନିତ ରୋଗର ଶିକାର ହେବା ଆଶଙ୍କା ଦେଖାଦେଉଛି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ନିକଟରେ ସ୍ଥାନୀୟ ଲୋପ୍ରତିନିଧିଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ରାଜପଥ ପ୍ରକଳ୍ପ କାମରେ ଠିକା ସଂସ୍ଥା ପରିବେଶ ପ୍ରଦୂଷଣ ଓ ଆବଶ୍ୟକତାଠାରୁ ଢେର ପରିମାଣରେ ଆସ ବ୍ୟବହାର ପ୍ରତି ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଚାନ୍ଦୋଳ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ



**ଡେରାବିଶ, ୨୮।୯ (ସମିସ):** କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଚାନ୍ଦୋଳ ବଜାର କମିଟି ପକ୍ଷରୁ ସ୍ଥାନୀୟ ଆଦିଶ୍ରୀ ମଣ୍ଡପରେ ସଭାପତି ଶିବାଶିଷ ମହାନ୍ତିଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜାରେ ଶାନ୍ତିଶୃଙ୍ଖଳା, ବଜାରରେ ସିସି କ୍ୟାମେରା ମରାମତି, ଷ୍ଟ୍ରିଟଲାଇଟ ମରାମତି, ପରିମଳ ଓ ସ୍ୱାସ୍ଥ୍ୟ ସେବା, ବାସୀଖାଦ୍ୟ, ସନ୍ଧ୍ୟା ସମୟରେ ବଜାର ମଧ୍ୟକୁ ଭାରୀଯାନ ଚଳାଚଳ ଉପରେ ରୋକ ଲଗାଇବା, ପକେଟ ମାର ଓ ମଦୁଆଙ୍କ ଉପରେ କଡା ନଜର ରଖାଯିବା ଉପରେ ପଦକ୍ଷେପ ନେବାକୁ ସମସ୍ତ ୧୬ଟି ପୂଜା କମିଟି କର୍ମକର୍ତ୍ତା ମତ ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ଆରକ୍ଷୀ ଉପଖଣ୍ଡ ଅଧୀକ୍ଷକ ଜ୍ୟୋତି ରଞ୍ଜନ ଗୌଡା ସରକାରଙ୍କ ନୂଆ ଗାଇଡଲାଇନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ପୂର୍ବ ବର୍ଷଠାରୁ ଚଳିତ ବର୍ଷ ଅଧିକ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦେଇଥିଲେ। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱ ଦିଆଯିବାକୁ ଦାନପୁର ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ କମଳାକାନ୍ତ ବେହେରା ଓ ମୃତ୍ୟୁଞ୍ଜୟ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ହାଟ ଭିତରେ ଯେପରି ପରିଷ୍କାର ପରିଚ୍ଛନ୍ନ ରଖାଯିବ, ପ୍ରତିଦିନ ବ୍ଲିଚିଂ ପାଉଡର ପକାଯିବା ଉପରେ ନିୟନ୍ତ୍ରିତ ବଜାର କମିଟି ସୁପରଭାଇଜର ନରେନ୍ଦ୍ର ଚନ୍ଦ୍ର ମଲ୍ଲିକ କହିଥିଲେ।

ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ ପୂଜା ଆରମ୍ଭରୁ ଭସାଣି ପର୍ଯ୍ୟନ୍ତ ବଜାର ସଫେଇ କରାଯିବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ଉପଦେଷ୍ଟା ଅଧକ୍ଷ ପ୍ରମୋଦ ସାହୁ କହିଥିଲେ, ଯେଉଁ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଚବିଶ ଘଣ୍ଟା ପୂର୍ବରୁ ଶାନ୍ତି କମିଟିକୁ ଲିଖିତ ଆକାରେ ଜଣାଇଲେ, ସେଠାରେ ଫୋର୍ସ ମୁତୟନ କରାଯିବ ବୋଲି ପ୍ରକାଶ କରିଥିଲେ। ପୂଜା ଆରମ୍ଭରୁ ଭସାଣି ପର୍ଯ୍ୟନ୍ତ ସମସ୍ତ ପୂଜା ମଣ୍ଡପ ସଭାପତି ଓ ସମ୍ପାଦକ ନିୟମ ପାଳନ କରିବାକୁ ଉପଦେଷ୍ଟା ଉପାଧ୍ୟକ୍ଷ ସରୋଜ ପଣ୍ଡା ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦୋଳ ସମିତି ସଭ୍ୟଙ୍କ ପ୍ରତିନିଧି ଜୟନ୍ତ ଶତପଥୀ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲ୍ଲିକ, ପଲାଇ ସରପଞ୍ଚ ଅକ୍ଷୟ ସାହୁ, ଦାନପୁର ସରପଞ୍ଚଙ୍କ ପ୍ରତିନିଧି ଉମେଶ ତ୍ରିପାଠୀ, ବଜାର ଉପଦେଷ୍ଟା ସଦସ୍ୟ ଦେବରାଜ ମହାପାତ୍ର, ବ୍ରଜକିଶୋର ବେହେରା, ବିଚିତ୍ରାନନ୍ଦ ନାୟକ, ମିହିର ସାମଲ ଓ ସଙ୍ଗୀତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବଜାର କମିଟି ଉପଦେଷ୍ଟାଙ୍କୁ ନେଇ ଶାନ୍ତି କମିଟି ଓ ପୁଲିସ ସହାୟତା କେନ୍ଦ୍ର ଖୋଲାଯିବା ନେଇ କମିଟି ସମ୍ପାଦକ ସୁଦୀପ୍ତ ନାୟକ ପ୍ରସ୍ତାବ ଦେଇଥିଲେ। ଉପସଭାପତି ଲଲାଟେନ୍ଦୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଜୟଦୁର୍ଗାଙ୍କ ପୀଠ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା



**ରାଜନଗର, ୨୮।୯ (ସମିସ):** ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ବାଙ୍କୁଆଳର ମା' ଜୟଦୁର୍ଗାଙ୍କ ପୀଠରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଆଜିଠୁଁ ପୂଜାନୀତି ଆରମ୍ଭ ହୋଇଛି। ଆଜି ବାଜା, ବାଣ ରୋଷଣୀ ଓ ନାମ ସଂକୀର୍ତ୍ତନ କରାଯାଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡାଙ୍ଗମାଳ, ଖମାରସାହି ଓ କୃଷ୍ଣନଗର ପଞ୍ଚାୟତର ଶହ ଶହ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଧ୍ୱନୀ ମଧ୍ୟରେ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୀଠରୁ ଶ୍ରଦ୍ଧାଳୁ ଯାଇ ନଳିତାପାଟିଆସ୍ଥ ବୈତରଣୀ ନଦୀରୁ କଳସରେ ପାଣି ଭରି ପୁଣି ମା'ଙ୍କ ପୀଠକୁ ଫେରିଥିଲେ। ଦୁର୍ଗାପୂଜା ପାଇଁ ବିଲ୍ୱବରଣ କରାଯାଇଛି। ମା' ଜୟଦୁର୍ଗା ମନ୍ଦିର ପରିଚାଳନା କମିଟି ଓ ମା'ପରିବାର ପକ୍ଷରୁ ଏହି ଦୁର୍ଗାପୂଜା ପରିଚାଳନା କରାଯାଉଛି।

## ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କ ବିଲ୍ୱାଧିବାସ

**ଡେରାବିଶ, ୨୮।୯ (ସମିସ):** ଡେରାବିଶ ବ୍ଲକ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ଆଜି ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ବିଲ୍ୱାଧିବାସ ଅନୁଷ୍ଠିତ ହୋଇଛି। ଆଜି ଷଷ୍ଠୀପୂଜା ଉପଲକ୍ଷେ ବ୍ଲକ ଅଧୀନସ୍ଥ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର, ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ପୂଜା ମଣ୍ଡପ, ପଲେଇ ପଞ୍ଚାୟତର ନାଲୁବାବା ଆଶ୍ରମ ସବଳଙ୍ଗସ୍ଥ ଜୟ ଭାରତୀ ସାଥୀସମାଜ ପରିସର, ହରିଅଙ୍କ ପଞ୍ଚୟତ ଅନ୍ତର୍ଗତ ଭୋଳହାଟ, ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମର ବଟ ମହାପୁରୁଷ, ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର, ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଓ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଳଙ୍ଗ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଛଚିଣା, ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର, କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ବାବୁରାମପାଟଣାରେ ମା'ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। ଆସନ୍ତାକାଲି ମହାସପ୍ତମୀ, ମଙ୍ଗଳବାର ମହାଷ୍ଟମୀ ଓ ସନ୍ଧିପୂଜା ସହିତ ବୁଧବାର ମହାନବମୀ ପୂଜା ପରେ ଗୁରୁବାର ବିଜୟା ଦଶମୀ ଉତ୍ସବ ପାଳିତ ହେବ।

## ଦୁର୍ଗାପୂଜା ପାଇଁ ରାଜନଗର ଉତ୍ସବମୁଖର



**ରାଜନଗର, ୨୮।୯ (ସମିସ):** ଶାରଦୀୟ ଦୁର୍ଗାପୂଜା ପାଇଁ ରାଜନଗର ଉତ୍ସବମୁଖର ହୋଇଉଠିଛି। ଆରମ୍ଭ ହୋଇଛି ମା'ଦୁର୍ଗାଙ୍କ ଆରାଧନା। ରାଜନଗର ଦେବୀଘରେ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା ପାଇଁ ଆଜି ସନ୍ଧ୍ୟାରେ ବିଲ୍ୱବରଣ ନୀତି ହୋଇଛି। ବେଲ ବୃକ୍ଷରେ ମା'ପାର୍ବତୀ ଅବସ୍ଥାନ କରିଥା'ନ୍ତି। ଏଥିପାଇଁ ଅକାଳ ଶୋଧନ ସମୟରେ ଜଗତ୍‌ଜନନୀ ମା'ଦୁର୍ଗାଙ୍କୁ ବେଲ ବୃକ୍ଷରୁ ଆମନ୍ତ୍ରଣ କରି ଅଣାଯାଏ। ଏଥିସହିତ ଅଧିବାସ, ବୋଧନ ଓ ଆମନ୍ତ୍ରଣ କରାଯାଏ। ଏହି ବେଲବରଣରୁ ମା'ଙ୍କ ଷଷ୍ଠୀ ପୂଜା ଆରମ୍ଭ ହୋଇଛି। ଆଜି ସନ୍ଧ୍ୟାରେ ଦେବୀଘରୁ ଥାଟପାଟରେ ରୋଷଣୀରେ ମା'ଙ୍କ ବିଲ୍ୱବରଣ ପାଇଁ ରାଜନଗର ଗାଁର ବଡଦାଣ୍ଡରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବିଜୟ ନନ୍ଦ, ରବିନାରାୟଣ ମିଶ୍ର, ପ୍ରଦୀପ ମିଶ୍ର, ହେମନ୍ତ ମିଶ୍ର, ରଜନୀକାନ୍ତ ଦେବତା, ସୂର୍ଯ୍ୟନାରାୟଣ ମିଶ୍ର, ଅଭୟ ମିଶ୍ର, ହରପ୍ରସାଦ ଷଡଙ୍ଗୀ ପ୍ରମୁଖ ପୂଜାନୀତି ସମ୍ପନ୍ନ କରିଥିଲେ। ଶାରଦୀୟ ଦୁର୍ଗାପୂଜା କମିଟିର ସଭାପତି ତଥା ଆଇଆଇସି ନରେଶ ସାହୁ, ସମ୍ପାଦକ ପ୍ରଭାତ ମିଶ୍ର, ରମେଶ ଲାଲ, ଚିତ୍ତରଞ୍ଜନ ଦାସ, ବାଇଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଅମ୍ବିକାଙ୍କ ପୀଠରେ ପାର୍ବଣ ଉତ୍ସବ

**ଡେରାବିଶ, ୨୮।୯ (ସମିସ):** ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ପୀଠରେ ଆଜିଠାରୁ ପାର୍ବଣ ପୂଜା ଆରମ୍ଭ ହୋଇଛି। ଆଜି ପୂର୍ବାହ୍ନରେ ଦେବୀଙ୍କ ମହାସ୍ନାନ, କଳସ ଯାତ୍ରା, ଘଟସ୍ଥାପନ, ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୁରୁପୂଜା, ଗୋପୂଜା, ଦ୍ୱାରପାଳ ପୂଜା, ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ ଆଦି ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨ ତାରିଖ ଯାଏ ମା'ଙ୍କ ପୀଠରେ ସପ୍ତମୀ, ମହାଷ୍ଟମୀ, ସନ୍ଧିପୂଜା ଓ ନିକଟରେ ଥିବା ଶୁକ୍ଳେଶ୍ୱର ମହାଦେବଙ୍କ ଅଭିଷେକ ଶେଷରେ ଅପରାଜିତା ପୂଜା ଓ ବିଜୟା ଦଶମୀ ତିଥିରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ନେତାଜୀ କ୍ଲବ୍ ଫୁଟବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ

**ରାଜକନିକା, ୨୮।୯ (ସମିସ):** ରାଜକାନିକା ବ୍ଲକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନେତାଜୀ କ୍ଲବ୍ ପକ୍ଷରୁ ବିଗତବର୍ଷ ଭଳି ଚଳିତ ବର୍ଷ ଫୁଟବଲ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜକନିକା, ଚାନ୍ଦବାଲି ଓ ଆଳି ଅଞ୍ଚଳର ପିଲାଙ୍କ ପାଇଁ ଏହା ବଡ଼ ସୁଯୋଗ ଆଣିଛି। ତରାସ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏହି ଶିବିରରେ ରାଜକନିକା ବ୍ଲକର ତରାସ, ବାଙ୍ଗରକୁଆଁ, ଦେଉଳି, ମଲ୍ଲୀସାହାଡ଼ା ଗ୍ରାମର ୪୦ ଜଣ ଆଗ୍ରହୀ ଖେଳାଳିଙ୍କୁ ଭାଗ ନେଇଛନ୍ତି। ତରାସର ବହୁ ଯୁବ କୋଚ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି କୋଚିଂରେ ରାଜ୍ୟର କେତେକ କୋଚ ଯୋଗଦେଇ ପ୍ରଶିକ୍ଷଣ ଦେବେ ବୋଲି ଜଣାଯାଇଛି। ୧୦ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ସ୍ଥାନୀୟ ଯୁବକ ସହଯୋଗ କରୁଛନ୍ତି। ଫୁଟବଲର ଏନ୍ତୁଡ଼ିଶାଳ କୁହାଯାଉଥିବା ତରାସ ନେତାଜୀ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ନିଶୁଳ୍କ ଫୁଟବଲ ଶିବିର ଆରମ୍ଭରେ ଫୁଟବଲପ୍ରେମୀ ଉତ୍ସାହିତ ହୋଇଛନ୍ତି। ମତୋ କଲେଜ ପ୍ରଶିକ୍ଷକ ଶିବପ୍ରସାଦ ମଲ୍ଲିକ ମୁଖ୍ୟ ପ୍ରଶିକ୍ଷକ ଅଛନ୍ତି। ସୁଜିତ ଜେନା, ସରୋଜ ଦାସ, ଭରତ ବାରିକ ଓ ସଞ୍ଜୀବ ନାୟକ ସହଯୋଗ କରୁଛନ୍ତି।

### ବିଦ୍ୟୁତ୍ ବିଲ୍ ନାଁରେ ଲୁଟୁଛି ଟାଟା ପାୱାର

# ଉପଭୋକ୍ତାଙ୍କ ପ୍ରତିବାଦ ପରେ ବି ଫଳ ଶୂନ୍

**ରାଜକନିକା, ୨୮।୯ (ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାର ବିଜୁଳି ଉପଭୋକ୍ତାଙ୍କୁ ଜୁଲାଇ ମାସରେ ଦେଢ଼ଗୁଣ ଅଧିକ ବିଜୁଳି ବିଲ୍ ଦେଇ ଟାଟା ପାୱାର ଶୋଷଣ କରିଥିବା ପ୍ରତିବାଦରେ ଗତ ଅଗଷ୍ଟ ୨୯ ତାରିଖରେ ରାଜକନିକା ଉପଭୋକ୍ତା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଇତିମଧ୍ୟରେ ମାସେ ବିତିବା ପରେ ବି ରାଜକନିକା ସେକ୍ସନ ଟାଟା ପାୱାର କୌଣସି ସଠିକ୍ ତଥ୍ୟ ନ ଦେବାରୁ ପୁନଶ୍ଚ ଉପଭୋକ୍ତା ଜିଲ୍ଲାପାଳଙ୍କୁ ଟେଲିଫୋନ ଯୋଗେ ଜଣାଇବା ପରେ କେନ୍ଦ୍ରାପଡ଼ା କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ନିକଟରେ ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜକନିକା ସେକ୍ସନ କମର୍ସିଆଲ ଜୁନିୟର ମ୍ୟାନେଜର ରଶ୍ମିରଞ୍ଜନ ପାଇକରାୟଙ୍କୁ ପଚାରିବାରୁ ସେ ଚଳିତ ମାସର ପ୍ରତି ବିଲ୍‌ରେ ୩୦ରୁ ୫୦ ଟଙ୍କା ଭିତରେ ଆଡ଼ଜଷ୍ଟ କହିବା କଥାରେ ତାଳମେଳ ରହୁ ନ ଥିବାରୁ ଟାଟା ପାୱାର ଶୋଷଣ ପଦାରେ ପଡ଼ିଛି। କାର୍ଯ୍ୟନିର୍ବାହୀ ଇଞ୍ଜିନିୟରଙ୍କ ଅଭିଯୋଗର ତଦନ୍ତ କରି ବିଲ ସମ୍ପର୍କରେ ତଦନ୍ତ କରି ବିଲ କମାଇବା କଥା କହି ଗୋଟିଏ ଦିନ ସମୟ ନେବା ପରେ ଜୁନିୟର ମ୍ୟାନେଜର ବିଲ ଆଡ଼ଜଷ୍ଟ ହୋଇଛି କହିବା ଶୋଷଣର ନୂଆ ଚାଲ ବୋଲି ଉପଭୋକ୍ତା ଅଭିଯୋଗ କରିଛନ୍ତି।

ରାଜକନିକା ବ୍ଲକର ଉଭୟ ଓଳାଭର ଓ ରାଜକନିକା ସେକ୍ସନର ଟିପିସିଓଏଲ ଅଧୀନରେ ଥିବା ୩୧ ହଜାରରୁ ଅଧିକ ଗ୍ରାହକଙ୍କ ସହ ଜିଲ୍ଲାର ଲକ୍ଷ ଲକ୍ଷ ଗ୍ରାହକଙ୍କ ଅଗଷ୍ଟ ମାସ ବିଲରେ ହଠାତ ଦେଢଗୁଣ ଅଧିକ ବିଲ ଆସିଥିଲା। ଏଭଳି ଆଶ୍ଚର୍ଯ୍ୟଜନକ ବିଲ ଦେଖି ମାସକ ପୂର୍ବରୁ କିଛି ଗ୍ରାହକ ରାଜକନିକା ସେକ୍ସନ ଜୁନିୟର ମ୍ୟାନେଜର ଓ ରାଜକନିକା ଗସ୍ତରେ ଥିବା ଜିଲ୍ଲାପାଳଙ୍କୁ ଓଳାଭର ଠାରେ ଭେଟି ଏଭଳି ବିଲର ତର୍ଜମା କରି ସଠିକ ବିଲ ଦେବାକୁ ଦାବି କରିଥିଲେ। ଘଟଣାର ମାସକ ପରେ ବିଲରେ ପରିବର୍ତ୍ତନ କରା ନ ଯାଇ ପୁଣି ଚଳିତ ମାସର ବିଲ ଆସିବାରୁ ଆଜି କିଛି ଗ୍ରାହକ ରାଜକନିକା ସେକ୍ସନ ସମ୍ପୃକ୍ତ ଜେଇଙ୍କୁ ପଚାରିବାରୁ ସେ ବାହାରେ ଅଛନ୍ତି, ଲାପଟପରେ ବିଲ ଅଛି ଦେଖିକି କହିବେ କହି କଥାକୁ ଫାଙ୍କିବାରୁ ଲୋକେ ଜିଲ୍ଲାପାଳଙ୍କୁ ମୋବାଇଲରେ ଜଣାଇବା ପରେ ଜିଲ୍ଲାପାଳ କାର୍ଯ୍ୟନିର୍ବାହୀ ଇଞ୍ଜିନିୟରଙ୍କୁ ଜଣାଇ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସମ୍ପୃକ୍ତ ଇଞ୍ଜିନିୟର ଅଭିଯୋଗକାରୀଙ୍କୁ ଫୋନରେ ଆସନ୍ତାକାଲି ବୁଝିବାକୁ କହି ମୁଁ ଜିଲ୍ଲାପାଳଙ୍କୁ କେଶ ସମାଧାନ ହୋଇଗଲା ବୋଲି କହିବା ଟାଟା ପାୱାରର ଶୋଷଣ ମନୋଭାବକୁ ପଦାରେ ପକାଇଛି। ବିଜୁଳି ଆବଣ୍ଟନ ଦାୟିତ୍ୱ ନେବା ପରେ ବିଭିନ୍ନ ବାଟରେ ଗ୍ରାହକଙ୍କୁ ଶୋଷି ଚାଲିଥିବା ଟାଟା ପାୱାର ଅଗଷ୍ଟ ମାସର ବିଜୁଳି ବିଲରେ ନିର୍ଦ୍ଧାରିତ ବିଜୁଳି ଭଡାଠାରୁ ଦେଢଗୁଣ ଅଧିକ ଅର୍ଥ ରୂପକ ଟିକସ ଜାରି କରି ଶୋଷଣର ମାତ୍ରାକୁ ବଢ଼ାଇ ଦେଇଥିଲା। ୫୦ରୁ ଶହେ ପାଇଁ ଅଧିକ ସ୍ଲାବ ଓ ଶହେ ପରର ବିଲ ପାଇଁ ଆହୁରି ଅଧିକ ସ୍ଲାବ ନିର୍ଦ୍ଧାରଣ କରାଯାଇଛି। ତେବେ ପ୍ରତି ମାସର ବିଲ ଦେଇ ସର୍ବନିମ୍ନ ଟିକସ ଦେଉଥିବା ଗ୍ରାହକଙ୍କୁ ହଠାତ ଦେଢଗୁଣା ଅର୍ଥ ଭରିବାର ବିଲ ଦେଇ ଶୋଷିବା ବିରୁଦ୍ଧରେ ଗ୍ରାହକ ଆନ୍ଦୋଳନ ମୁଣ୍ଡ ଟେକିଛି। ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିଜେପିରେ ଫାଟ; ହୋଇପାରିଲାନି କାର୍ଯ୍ୟକ୍ରମ

**ପଞ୍ଚୁପାଣ୍ଡବ, ୨୮।୯ (ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ସେବାପକ୍ଷ ପାଳନ କରାଯାଉଛି। ତେବେ ରଘୁଦେଇପୁର ପଞ୍ଚାୟତରେ ଶନିବାର ଦିନ ଏକ କାର୍ଯ୍ୟକ୍ରମ ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ହେଁ ଦଳୀୟ ବିବାଦ ପାଇଁ ତାହା ହୋଇପାରିନି। ଏହି କାର୍ଯ୍ୟକ୍ରମକୁ ଛୋଟି ମଙ୍ଗଳପୁର ଦାୟିତ୍ୱରେ ଥିବା ଜିଲ୍ଲା ସଭାପତି ବିଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ପଞ୍ଚାୟତରେ ଥିବା ନେତା ଓ କର୍ମୀଙ୍କୁ କହିବାରୁ ସେମାନେ ସମୟ ଦେଇପାରିବେନି ବୋଲି କହିଥିଲେ। ଆମେ ଶୁକ୍ରବାର ଦିନ ନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ସନ୍ଥପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ କରିଛୁ। ଆଉ ଜଣେ ନେତା କହିଛନ୍ତି ମୋତେ ଏକ ଦାୟିତ୍ୱ ଦଳ ଦେଇଛି। କିନ୍ତୁ କାର୍ଯ୍ୟକ୍ରମ ହେଲେ ମୁଁ ଜାଣିପାରୁନାହିଁ। ରଘୁଦେଇପୁର ପଞ୍ଚାୟତରେ କାର୍ଯ୍ୟକ୍ରମ ହେବା ସ୍ଥିର ହୋଇଥିବାବେଳେ ଅନ୍ୟ ଜାଗାରେ କାର୍ଯ୍ୟକ୍ରମ ହେବାରୁ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା କହିଛନ୍ତି। ଏ ବିଷୟରେ ବିଜେପି ନେତ୍ରୀ ମନୀଷା ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରି ନ ଥିଲା।

ସକାଳ THE SAKALA

# ସମ୍ପାଦକୀୟ



ଜ୍ଞାନ ଯଦି ଶକ୍ତି ହୁଏ, ସୂଚନା ହେଉଛି ସାଧୀନତାର ସୋପାନ।
-କୋଫି ଆନନ୍

## ଟ୍ରମ୍ପଙ୍କ 'ମାଗା' ସ୍ୱପ୍ନ?

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଆମଦାନୀ ଶୁଳ୍କ ବୃଦ୍ଧି ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆସନ୍ତା ଅକ୍ଟୋବର ୧ ତାରିଖରୁ ଆମେରିକାରେ ବ୍ରାଣ୍ଡେଡ୍ ଔଷଧର ଆମଦାନୀ ଉପରେ ଶତପ୍ରତିଶତ ଶୁଳ୍କ ଲାଗୁ ହେବାକୁ ଯାଉଥିବା ବେଳେ ରୋଷେଇ ଉପକରଣ ଉପରେ ୫୦ ପ୍ରତିଶତ, କେତେକ ନିର୍ଦ୍ଦିଷ୍ଟ ଧରଣର ଆସବାବପତ୍ର ଉପରେ ୩୦% ଏବଂ ଗୁରୁଯାନ ଉପରେ ୨୫% ଆମଦାନୀ ଶୁଳ୍କ ଲାଗୁ ହେବ। ଏହି ନିର୍ଦ୍ଦେଶନାମା ସବୁରାଷ୍ଟ୍ର ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ଭାରତୀୟ ଔଷଧ ରପ୍ତାନୀ ଶିଳ୍ପ ସବୁଠାରୁ ଅଧିକ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ମୁଖ୍ୟତଃ ଭାରତର ଜେନେରିକ୍ ଔଷଧ ଶିଳ୍ପ ଆମେରିକୀୟ ବଜାର ଉପରେ ନିର୍ଭରଶୀଳ ଥିବା ବେଳେ ବ୍ରାଣ୍ଡେଡ ଔଷଧର ରପ୍ତାନୀ ପରିମାଣ ମଧ୍ୟ କିଛି କମ୍ ନୁହେଁ। ଆଶ୍ୱସ୍ତିର ବିଷୟ ଯେ ଭାରତରେ ପ୍ରସ୍ତୁତ ଜେନେରିକ୍ ଔଷଧ ଏ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ରୋଷର ଶିକାର ହୋଇନାହିଁ। ଅପରପକ୍ଷରେ ଅସହିଷ୍ଣୁ ଓ ଅବିମୃଶ୍ୟକାରୀ ଟ୍ରମ୍ପ ଯଦି ଭାରତୀୟ ଜେନେରିକ୍ ଔଷଧ ଉପରେ ଆମଦାନୀ ଶୁଳ୍କ ବଢ଼ାଇ ଦିଅନ୍ତି ତେବେ ଭାରତୀୟ ଜେନେରିକ୍ ଔଷଧ ଶିଳ୍ପ ମଧ୍ୟ ଗୁରୁତର କ୍ଷତିଗ୍ରସ୍ତ ହେବ। ଗତ ଆର୍ଥିକ ବର୍ଷରେ ଭାରତ ୩୧, ୬୨୬ କୋଟି ଟଙ୍କାର ଜେନେରିକ୍ ଔଷଧ ଆମେରିକାକୁ ରପ୍ତାନି କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅମାସ ସୁଦ୍ଧା ରପ୍ତାନି ପରିମାଣ ୩୨, ୫୦୫ କୋଟି ଟଙ୍କା ଛୁଇଁଛି। ବାସ୍ତବତା ହେଉଛି ଭାରତ ଯଦି ଆମେରିକାକୁ ଜେନେରିକ୍ ଔଷଧ ରପ୍ତାନି ବନ୍ଦ କରିଦିଏ ତେବେ ଆମେରିକାର ଜନସ୍ୱାସ୍ଥ୍ୟ ପରିସ୍ଥିତି ବିଗିଡ଼ିଯିବ। ତେଣୁ ଟ୍ରମ୍ପ ଔଷଧ ବିକଳରେ ତାଟିଆ କାମୁଡ଼ିବା ନ୍ୟାୟରେ ଏବେ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଶୁଳ୍କ ଲାଗୁ କରିଛନ୍ତି।

ଏହି କ୍ରମବର୍ଦ୍ଧିଷ୍ଣୁ ତାରିଫ୍ ବୃଦ୍ଧି ପଛରେ ଟ୍ରମ୍ପ ଆମେରିକାର ଶିଳ୍ପ ଆତ୍ମନିର୍ଭରଶୀଳତା ବୃଦ୍ଧି ଏବଂ ମାଗା(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ନାରାକୁ ସଫଳ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆମଦାନୀ ଆତ୍ମନିର୍ଭରଶୀଳ ଆମେରିକା ଏତେ ଶୀଘ୍ର ସ୍ୱାବଲମ୍ବୀ ହେବା ଆଶା କମ୍। ଟ୍ରମ୍ପଙ୍କ 'ମାଗା' ସ୍ୱପ୍ନ ସାକାର ହେବା ବେଳକୁ ତାଙ୍କ କାର୍ଯ୍ୟକାଳ ସରିଯାଇଥିବ। ଏଭଳି ଅଦୂରଦର୍ଶୀ ଚପଳମତି ନିଷ୍ପତ୍ତିମାନଙ୍କର ପରାଭବ ଆମେରିକାବାସୀ ଭୋଗିବା ହିଁ ସାର ହେବ। ଭାରତ ରୁଷ୍‌ରୁ ଇନ୍ଧନ ନ କିଣିଲେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ବନ୍ଦ ହୋଇଯିବ ନାହିଁ; ବରଂ ୟୁକ୍ରେନ୍‌କୁ ନାଟୋର ସହାୟତା ବନ୍ଦ ହେଲେ ଯାଇ ଏହି ଯୁଦ୍ଧ ସମାପ୍ତ ହେବ। ଆମେରିକା ଚାହିଁଲେ ନାଟୋର ୟୁକ୍ରେନ୍ ସହାୟତା ବନ୍ଦ ହୋଇପାରିବ। ତା' ନ କରି ଅଯଥା ଭାରତ ଉପରେ ରାଗ ଶୁଝାଇଲେ କିଛି ଲାଭ ହେବ ନାହିଁ। ବିଶ୍ୱରେ ଏବେ ଯେଉଁଠାରେ ଯୁଦ୍ଧର ଘନଘଟା ଲାଗିଛି ତା'ସହିତ ଭାରତର ଇନ୍ଧନ କିଣା ନୁହେଁ, ବରଂ ଆମେରିକାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଦାୟୀ। ଟ୍ରମ୍ପ ନୋବେଲ୍ ଶାନ୍ତି ପୁରସ୍କାର ଆଶାରେ ବିଶ୍ୱକୁ ଆହୁରି ଯୁଦ୍ଧର ଘନଘଟା ମଧ୍ୟକୁ ଠେଲି ଦେଲେ ତା'ର ପରାଭବ ଆମେରିକାବାସୀ ଭୋଗିବା ସାର ହେବ।

## ବିଦାୟ ମିଗ୍

ଭାରତୀୟ ବାୟୁସେନାର ପୂର୍ବତନ ନାୟକ ତଥା ପାକିସ୍ତାନ ବିପକ୍ଷ ଯୁଦ୍ଧର ନିର୍ଣ୍ଣାୟକ ମିଗ୍-୨୧ ଭାରତମାତାର ସେବାରୁ ବିଦାୟ ନେଇଛି। ୧୯୬୩ ମସିହାରେ ରୁଷ୍ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧଜାହାଜ ଭାରତୀୟ ବାୟୁସେନାରେ ସାମିଲ୍ ହେବା ପରେ ପରେ ଅନେକ ଯୁଦ୍ଧର ସାମ୍ନା କରିଛି। ୧୯୬୫ ଓ ୧୯୭୧ରେ ପାକିସ୍ତାନ ବିରୋଧୀ ଯୁଦ୍ଧରେ ମିଗ୍-୨୧ର ପରାକ୍ରମ ଯୁଦ୍ଧକୁ ଭାରତ ସପକ୍ଷରେ ନିର୍ଣ୍ଣାୟକ କରିଛି। ଏହାଛଡ଼ା ୧୯୯୧ କାରଗିଲ୍ ଯୁଦ୍ଧ ଏବଂ ପରିଣତ ବୟସରେ ୨୦୧୯ ବାଲାକୋଟ୍ ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ମଧ୍ୟ ଅପୂର୍ବ ପରାକ୍ରମ ପ୍ରଦର୍ଶନ କରିଛି। ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେବା ପ୍ରଦାନ ପରେ ୬୨ ବର୍ଷ ବୟସରେ ଭାରତୀୟ ବାୟୁସେନା ଏକ ଭାବଗମ୍ଭୀର ପରିବେଶରେ ମିଗ୍-୨୧କୁ ଅବସରକାଳୀନ ସମ୍ବର୍ଦ୍ଧନାରେ ବିଦାୟ ଦେଇଛି।

ମିଗ୍-୨୧ କେବଳ ଭାରତୀୟ ବାୟୁସେନାର ଶକ୍ତି ନଥିଲା, ଏହା ଥିଲା ଭାରତ-ରୁଷ୍ ବନ୍ଧୁତ୍ୱ ଏବଂ ଦ୍ୱିପାକ୍ଷିକ ସମ୍ପର୍କର ନିଦର୍ଶନ। ମିଗ୍-୨୧ ସହିତ ଆହୁରି ଅନେକ ଦେଶପ୍ରେମର ଇତିହାସ ଯୋଡ଼ି ହୋଇ ରହିଛି। ମିଗ୍ ୨୧ର ପ୍ରଥମ ସ୍କ୍ୱାର୍ଡନ୍ ଲିଡର ଦିଲ୍‌ବାଗ୍ ସିଂହ ଭାରତୀୟ ବାୟୁସେନାର ମୁଖ୍ୟ ଭାବେ ପଦୋନ୍ନତି ପାଇଥିଲେ। ଗତ କିଛି ବର୍ଷ ଧରି ଦୁର୍ଘଟଣା ଓ ଯାନ୍ତ୍ରିକ ତ୍ରୁଟିର ଅପବାଦ ଓ ବିବାଦ ଏହା ସହିତ ଯୋଡ଼ି ହୋଇଯାଇଥିଲା। କିନ୍ତୁ ଶେଷଥର ପାଇଁ ରାଜସ୍ଥାନର ବିକାନେର ସ୍ଥିତ ନାଲ୍ ବାୟୁ ସେନା ଘାଟିରେ ଉଡ଼ାଣ ସହିତ ନିଜର କାର୍ଯ୍ୟଦକ୍ଷତା ବଜାୟ ରଖିଥିବା ପ୍ରମାଣ କରିଥିଲା।

ଏହି ସୁପରସୋନିକ୍ ଯୁଦ୍ଧ ବିମାନ ସହିତ ଓଡ଼ିଶାର ସମ୍ପର୍କ ମଧ୍ୟ ଅତୁଟ। ରୁଷ୍ ଜ୍ଞାନକୌଶଳରେ ଭାରତରେ ମିଗ୍ ୨୧ ବିମାନ ନିର୍ମାଣ ଯୋଜନା ସାକାର ହେବା ପରେ କୋରାପୁଟ୍ ଜିଲ୍ଲାର ସୁନାବେଡ଼ାଠାରେ ଦେଶର ପ୍ରଥମ କାରଖାନା ସ୍ଥାପନ ହେଲା। ଏଥିସହିତ ସୁନାବେଡ଼ା ଅନ୍ତର୍ଜାତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ମର୍ଯ୍ୟାଦାପୂର୍ଣ୍ଣ ପରିଚୟ ସୃଷ୍ଟି କରିବା ସହିତ ଅନୁନ୍ନତ ଓ ଆଦିବାସୀ ଅଧ୍ୟୁଷିତ କୋରାପୁଟ୍ ଜିଲ୍ଲାର ସାମାଜିକ-ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହାପଛରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ମିଗ୍-୨୧ର ଅବସର ସହିତ ସେହି ସବୁ ସ୍ୱର୍ଣ୍ଣିମ ଅଧ୍ୟାୟ ଇତିହାସର ଅଲିଭା ସ୍ମୃତି ହୋଇ ଚିରକାଳ ରହିଗଲା।

ଗୌରବାବହ ମିଗ୍-୨୧ - ଭାରତ ଓ ଭାରତୀୟଙ୍କ ତରଫରୁ ସଶ୍ରଦ୍ଧ ସଲାମ୍!

# ଜନତା ମାତିଲେଣି

ଗୌରୀ ପ୍ରସାଦ ମହାପାତ୍ର

ଶାସନତନ୍ତ୍ରରେ ଭ୍ରଷ୍ଟାଚାର, ସ୍ୱୈରାଚାର ଓ ଅହଂକାର ଗଣବିପ୍ଳବକୁ ଜନ୍ମଦିଏ। କ୍ରମେ ତାହା ହିଂସାର ରୂପ ନେଇ ଇତିହାସରେ କଳଙ୍କିତ ଅଧ୍ୟାୟଟିଏ ଲେଖିଦିଏ, ଅଥଚ କ୍ଷମତା ପରିବର୍ତ୍ତନ ସହିତ ସମ୍ଭାବନାର ନୂଆ ସୂର୍ଯ୍ୟୋଦୟ ହୁଏ। ଇତିହାସ ଏବେ କଡ଼ ଲେଉଟାଇଛି। ଏକଛତ୍ରବାଦ ଓ ସ୍ୱୈରାଚାର ଆକ୍ରାନ୍ତ ରାଜତନ୍ତ୍ର ଶାସନ ବ୍ୟବସ୍ଥାରେ ଜନବିପ୍ଳବର ଧାରା ସମ୍ପ୍ରତି ଗଣତନ୍ତ୍ର ଶାସନରେ ଆତ୍ମପ୍ରକାଶ କରୁଛି। ଚଳିତ ଦଶନ୍ଧିରେ ଗଣବିପ୍ଳବ ଓ ଶାସନ ପରିବର୍ତ୍ତନର ଏକାଧିକ ଘଟଣା କେବଳ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଘଟିବା ଏକ ସଂଯୋଗ ହୋଇ ନ ପାରେ। 'ଯଦି ସେମାନେ ପାରିଲେ ଆମେ କାହିଁକି ନୁହେଁ?' ଆକ୍ରୋଶଜଡ଼ିତ ଅବଚେତନ ମନରେ ଏହି ପ୍ରଶ୍ନଟି ଯେତେବେଳେ ବିବେକ ସହିତ ବାରମ୍ବାର ସଂଘାତ ସୃଷ୍ଟି କରୁଛି ସେତେବେଳେ ସ୍ୱତଃପ୍ରବୃତ୍ତ ଭାବେ ସମଭାବାପନ୍ନ ଜନତା ଅତ୍ୟାଚାର ବିରୋଧରେ ଏକାଠି ହେଉଛନ୍ତି। ତେଣୁ ଚଳିତ ଦଶନ୍ଧିର ପ୍ରାରମ୍ଭରେ ଗଣତାନ୍ତ୍ରିକ ରାଷ୍ଟ୍ର ଶ୍ରୀଲଙ୍କାରେ ଗଣବିପ୍ଳବ ଜନିତ ଶାସନ ପରିବର୍ତ୍ତନର ଯେଉଁ ସଫଳ ପ୍ରୟାସ ଆରମ୍ଭ ହେଲା ତାହା ଅଚିରେ ବାଂଲାଦେଶ, ଇଣ୍ଡୋନେସିଆ ଓ ନେପାଳରେ ପହଞ୍ଚିଗଲା।

ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରରେ ବେକାରୀ, ମୁଦ୍ରାସ୍ଫୀତି, ଖାଦ୍ୟାଭାବ, ଅପରାଧ, ଭ୍ରଷ୍ଟାଚାର, ନିଶା କାରବାର, ବାହ୍ୟଶକ୍ତି ଭଳି କେତେକ କାରକର ପ୍ରଭାବରେ ଜନବିପ୍ଳବ ଏକ ସ୍ୱାଭାବିକ ତତ୍ତ୍ୱ, ଯାହା ଉପରୋକ୍ତ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଘଟିଛି। ଏହା କେତେକାଂଶରେ ସତ ହୋଇପାରେ। କିନ୍ତୁ ଏହି ତତ୍ତ୍ୱ ବା ଧାରଣା ଭୁଲ୍ ପ୍ରମାଣିତ ହେବାକୁ ବାଧ୍ୟ, ଯେତେବେଳେ ଆମେରିକା, ଫ୍ରାନ୍ସ, ଇଂଲଣ୍ଡ, ଜାପାନ୍ ଭଳି ବିକଶିତ ରାଷ୍ଟ୍ର ଜନଆକ୍ରୋଶ ପ୍ରଭାବିତ ଶାସନ ପରିବର୍ତ୍ତନର ଉଦାହରଣମାନ ସୃଷ୍ଟି କରୁଛନ୍ତି। ଅଭିନବତାପ୍ରବଣ, ସମୟ-ଅପଚୟକୁଣ୍ଠ ଫ୍ରାନ୍ସର ଯୁବଗୋଷ୍ଠୀ ଯେତେବେଳେ ସୁଶାସନର ପ୍ରତିଷ୍ଠା ପାଇଁ ରାଜରାସ୍ତାକୁ ଓହ୍ଲାଇ ସବୁକିଛି ବନ୍ଦ କରିଦେବା ପାଇଁ ଡାକରା ଦେଉଛନ୍ତି ଛନ୍ତି କିମ୍ବା ଜାପାନର ପ୍ରଧାନମନ୍ତ୍ରୀଙ୍କୁ ଦୁର୍ନୀତିର ଆଶ୍ରୟଦାତା ଅଭିଯୋଗରେ ସର୍ବସାଧାରଣରେ ହତ୍ୟା କରାଯାଉଛି, ସେତେବେଳେ ସ୍ୱତଃ ଏକ ଧାରଣା ସୃଷ୍ଟି ହେଉଛି ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମଧ୍ୟ କ୍ଷମତା ପରିବର୍ତ୍ତନ ପାଇଁ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାର ଧୈର୍ଯ୍ୟ ଆଉ ଜନତାଙ୍କର ନାହିଁ। ତେବେ ଆମେ କ'ଣ କହିପାରିବା ଯେ ରାଜତନ୍ତ୍ରର ବିକଳ୍ପ ରୂପେ ଜନ୍ମ ନେଇଥିବା ଗଣତନ୍ତ୍ର ଏକ ବିଫଳ ପ୍ରୟୋଗ?

କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଉପରୋକ୍ତ ଗଣବିପ୍ଳବମାନଙ୍କର ପୃଷ୍ଠଭୂମି ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ପ୍ରାସଙ୍ଗିକ ହେବ। ଶାସକ ଓ ଶାସିତର ସମ୍ପର୍କର ସେତୁ ହେଉଛି ଗଣତନ୍ତ୍ର। ଏହି ସେତୁର ଢାଞ୍ଚା ଭୁଶୁଡ଼ି ଗଲେ ଶାସିତର ମୌଳିକ ଅଧିକାର ଓ ସ୍ୱାଧୀନତା କ୍ଷୁଣ୍ଣ ହୁଏ। କ୍ରମବର୍ଦ୍ଧିଷ୍ଣୁ ବୈଷମ୍ୟ ଗଣତନ୍ତ୍ର-ମୋହରିକ୍ତ ପରିବେଶଟିଏ ସୃଷ୍ଟି କରିବାକୁ ଇନ୍ଧନ ଯୋଗାଏ। ଉପରୋକ୍ତ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ତାହା ହିଁ ହୋଇଛି।

ଶ୍ରୀଲଙ୍କାରେ ଗଣତନ୍ତ୍ର ଏକପ୍ରକାର ପରିବାରତନ୍ତ୍ରରେ ପରିଣତ ହୋଇ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ପରିବାରର ଛଅଜଣ ସଦସ୍ୟଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଶାସନ ଚାଲିଥିଲା। ପରିବାର-ସ୍ୱାର୍ଥକୈନ୍ଦ୍ରିକ ଶାସନରେ ବିଶେଷଜ୍ଞ, ପରାମର୍ଶଦାତା, ବୁଦ୍ଧିଜୀବୀଙ୍କ ଭୂମିକା ଗୌଣ ହୋଇଯାଇ ନୀତି ନିର୍ଦ୍ଧାରଣ ବାଟ ହୁଡ଼ିଥିଲା। ଅଦୂରଦର୍ଶୀ ଓ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ବୈଦେଶିକ ମୁଦ୍ରାଭଣ୍ଡାର ଶୂନ୍ୟ ହୋଇଗଲା। ଜନତାଙ୍କୁ ଅତ୍ୟାବଶ୍ୟକ ଜୀବନଧାରଣ ସାମଗ୍ରୀ ଯୋଗାଇବାରେ ସରକାର ବ୍ୟର୍ଥ ହେଲେ। ଅର୍ଥନୈତିକ-ସାମାଜିକ- ମାନବିକ ସଙ୍କଟ ଜନିତ ଆକ୍ରୋଶ ଜନତାଙ୍କୁ ଧୈର୍ଯ୍ୟଚ୍ୟୁତ କରିବାକୁ ବାଧ୍ୟ କଲା। ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା ନ କରି ସେମାନେ ଆଇନ ହାତକୁ ନେଇ ଶାସନ ପରିବର୍ତ୍ତନ କଲେ। ନେପାଳରେ ମଧ୍ୟ ଅନ୍ତେବହୁତ ସମାନ ଥିଲା 'ଜେନ୍ ଜେଡ୍' କୁହାଯାଉଥିବା ଯୁବବର୍ଗଙ୍କ ଆକ୍ରୋଶର ପୃଷ୍ଠଭୂମି। କାମଧନ୍ଦା ଅଭାବରୁ ନେପାଳ ନାଗରିକ ରୋଜଗାର ଅନ୍ୱେଷଣରେ ଦେଶାନ୍ତର ହେଉଥିବା ବେଳେ ଶାସକ ବର୍ଗଙ୍କ ପରିବାର ରାଜକୀୟ ବହ୍ୱାଡ଼ମ୍ବରରେ ବିଳାସପୂର୍ଣ୍ଣ ଜୀବନ ଜିଉଁଥିଲେ। ଏହି ଗୁରୁତର ଶାସକ-ଶାସିତ ବୈଷମ୍ୟକୁ ଲୋକଲୋଚନକୁ ଆଣୁଥିବା ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ ଘୋଷଣା କରିବା ପରେ ଛାତ୍ରବର୍ଗଙ୍କ ଅସନ୍ତୋଷ ହିଂସ୍ର-ଆନ୍ଦୋଳନର ରୂପ ନେଲା। ନିର୍ବାଚନୀ ଗଣତନ୍ତ୍ରକୁ ଉପେକ୍ଷା କରି ଜନତା ନିଜ ପସନ୍ଦର ଶାସକ ଚୟନ କଲେ। ବାଂଲାଦେଶରେ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ମନମୁଖି ସଂରକ୍ଷଣ ରାଜନୀତି ଛାତ୍ରସମାଜକୁ ଉତ୍କ୍ଷିପ୍ତ ଓ ହିଂସ୍ର କରିବାକୁ ଯଥେଷ୍ଟ ଥିଲା। ନିର୍ବାଚନ ପ୍ରକ୍ରିୟା ଉପରେ ସେଠାକାର ଜନତା ଭରସା କରିପାରିଲେ ନାହିଁ। ଅପ୍ରତିଦ୍ୱନ୍ଦ୍ୱୀ ଶେଖ ହସିନାଙ୍କୁ ଜନତା ହିଂସାତ୍ମକ ପନ୍ଥାରେ ଗାଦିଚ୍ୟୁତ କରି ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ହାତରେ କ୍ଷମତା ସମର୍ପି ଦେଲେ। ନିର୍ବାଚିତ ସରକାର ତୁଳନାରେ ମନୋନୀତ ସରକାରକୁ ବାଂଲାଦେଶୀମାନେ ବାଛି ନେଲେ। ଏହି ତିନି ଘଟଣାରେ ଗଣତାନ୍ତ୍ରିକ ଶାସନର ଆଧାର ନିର୍ବାଚନ ପ୍ରକ୍ରିୟା ସ୍ୱତଃ ସନ୍ଦେହ ଓ ଅବିଶ୍ୱାସର ଘେରକୁ ଆସିଗଲା। ଗଣତନ୍ତ୍ରର ନୂଆ ନୂଆ ସ୍ୱାଦ ଚାଖିଥିବା ଇଣ୍ଡୋନେସିଆରେ ନିର୍ବାଚିତ ଜନପ୍ରତିନିଧିମାନେ ବେରୋଜଗାରୀ ଓ ଦରଦାମ ବୃଦ୍ଧି ସମସ୍ୟାର ସମାଧାନ ବଦଳରେ ନିଜ ପାଉଣା ବଢ଼ାଇବା ପାଇଁ ତତ୍ପର ହୋଇପଡ଼ିଲେ। ଗଣତନ୍ତ୍ରରେ ଜନମଙ୍ଗଳ ତୁଳନାରେ ଜ୍ଞାତିପ୍ରୀତିତୋଷଣ ଗୁରୁତ୍ୱ ପାଇବାରୁ ଜନଆକ୍ରୋଶ ଅଧିକ ଉଗ୍ର ହୋଇ ହିଂସାର ରୂପ ନେଲା।

ବିକଶିତ ରାଷ୍ଟ୍ର ଫ୍ରାନ୍ସରେ ଆତ୍ମକୈନ୍ଦ୍ରିକ ନୀତି ଯୋଗୁଁ ଋଣପାହାଡ଼ ସହିତ ବିତ୍ତୀୟ ନିଅଣ୍ଟ ବଢ଼ିଚାଲିଲା। ରାଷ୍ଟ୍ର ଓ ରାଷ୍ଟ୍ରବାସୀଙ୍କ ସ୍ୱାଧୀନତା ଓ ଭବିଷ୍ୟତ ବିପନ୍ନ ହେଉଥିବା ଅନୁଭବ କରି ଫରାସୀମାନେ ରାଜରାସ୍ତାକୁ ଓହ୍ଲାଇଲେ। ୨୦ ମାସରେ ଚାରିଥର ପ୍ରଧାନମନ୍ତ୍ରୀ ପରିବର୍ତ୍ତନ ହେଲା। ଗଣତାନ୍ତ୍ରିକ ରାଷ୍ଟ୍ର ଜାପାନରେ ୧୯୫୫ରୁ କ୍ରମାଗତ କ୍ଷମତାସୀନ 'ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି'ର ଆର୍ଥିକ ପରିଚାଳନାରେ ଅନିୟମିତତା, ନିଯୁକ୍ତି ଓ ମଜୁରୀ ବୃଦ୍ଧିରେ ସ୍ଥାଣୁତା, ମାନବ ସମ୍ବଳ ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଜନସାଂଖ୍ୟିକ ବୈଷମ୍ୟ ଓ ଦୁର୍ନୀତି ନାଗରିକଙ୍କୁ ଏତେ ଅତିଷ୍ଠ କଲା ଯେ ୨୦୨୨ ଜୁଲାଇରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ଏକ ସାଧାରଣ ସଭାରେ ଗୁଳି କରି ହତ୍ୟା କରାଗଲା। ଶାସକ ଦଳର ୪୫ ଜଣ ନୀତି ନିର୍ଦ୍ଧାରକଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି ଏବଂ ଦୁର୍ନୀତି ଯୋଗୁଁ ଜାପାନ୍ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତିର ମାନ୍ୟତା ହରାଇଛି। ତେଣୁ ଜନବିପ୍ଳବ ପାଇଁ ଗଣତନ୍ତ୍ରକୁ ଦୋଷ ନ ଦେଇ ଗଣତନ୍ତ୍ର ଆଳରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଦୋଷ ଦେବା ଅଧିକ ପ୍ରାସଙ୍ଗିକ ହେବ।

ଉପରୋକ୍ତ ପୃଷ୍ଠଭୂମିରେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତର ସ୍ଥିତି ଓ ଭବିଷ୍ୟତକୁ ଅନୁଶୀଳନ କଲେ ଦୃଢ଼ ଆଶାର ଆଲୋକରେଖା ମଝିରେ ସଂଶୟର ଛାଇଟିଏ ବେଳେବେଳେ ଆତ୍ମପ୍ରକାଶ କରେ। ଭାରତୀୟ ଗଣତନ୍ତ୍ରର ଆତ୍ମା ହେଉଛି ଏହାର ସମ୍ବିଧାନ, ଯାହା ଅହିଂସାରେ ଅଭିମନ୍ତ୍ରିତ ଏବଂ ଐକ୍ୟ, ସାମ୍ୟ, ଧର୍ମନିରପେକ୍ଷ, ଭ୍ରାତୃତ୍ୱ ଓ ସଂହତି ଅମୋଘ କବଚରେ ସୁରକ୍ଷିତ। ତେଣୁ ଭାରତରେ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ଆଶଙ୍କିତ ହେବାର କୌଣସି କାରଣ ନାହିଁ। ଏହି ଅବଧାରଣା ବିଜଡ଼ିତ ଆତ୍ମବୋଧ ଆହୁରି ଦୃଢ଼ ହେଉଛି ଯେତେବେଳେ ଭାରତର ସ୍ୱାଧୀନତା ସହିତ ସମାନ ସମୟରେ ଜନ୍ମ ନେଇଥିବା ପାକିସ୍ତାନ ଗଣତନ୍ତ୍ରର ଦୁରବସ୍ଥାକୁ ଆମେ ତୁଳନା କରୁଛୁ। ତଥାପି କେଉଁଠି ନା କେଉଁଠି 'କିନ୍ତୁ' ଟିଏ ରହିଯାଉଛି ଏବଂ ସଂଶୟର ପ୍ରଶ୍ନଟିଏ ଆଙ୍କି ହୋଇଯାଉଛି।

ଉପରୋକ୍ତ ଆଶା ଓ ଆଶଙ୍କା ମଧ୍ୟରେ ନିଷ୍କର୍ଷଟିଏ ଖୋଜିବା ବେଳେ ଆମେରିକା ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ତଥା ଦ୍ୱିତୀୟ ରାଷ୍ଟ୍ରପତି ଜନ୍ ଆଦାମ୍ ସ୍ମରଣକୁ ଆସନ୍ତି। ତାଙ୍କ ମତରେ ଗଣତନ୍ତ୍ର ପ୍ରତି ୪୦/୫୦ବର୍ଷରେ କଡ଼ ଲେଉଟାଏ। ଭାରତୀୟ ଗଣତନ୍ତ୍ର ଶେଷଥର ପାଇଁ କଡ଼ ଲେଉଟାଇଥିଲା ୧୯୭୭ ମସିହାରେ ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହାର ଘୋଷଣା ପରବର୍ତ୍ତୀ ସାଧାରଣ ନିର୍ବାଚନ ସହିତ। ୨୦୨୭ରେ ଏହାର ୫୦ ବର୍ଷ ପୂରିବାକୁ ଯାଉଛି। ତେଣୁ ଆଗାମୀ ଦୁଇବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର। ୨୦୨୭ ଜନଗଣନା ସହିତ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ(ଡିଲିମିଟେସନ୍), ଲୋକସଭାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ପରି ଯୁଗାନ୍ତକାରୀ ବିବର୍ତ୍ତନ ଭାରତୀୟ ଗଣତନ୍ତ୍ରର ଏହି ସନ୍ଧିକ୍ଷଣରେ ଘଟିବାକୁ ଯାଉଛି। ଡିଲିମିଟେସନ୍ ପ୍ରଭାବର ପୂର୍ବାଭାସ କେତେକାଂଶରେ ଅନୁଭୂତ ହୋଇସାରିଛି। ଆଗାମୀ ଜନଗଣନା ଜାତିଭିତ୍ତିକ ହେଉଥିବାରୁ ଜାତିଗତ ସଂରକ୍ଷଣ ଦାବି ଆହୁରି ଜୋରଦାର ହେବା ସ୍ୱାଭାବିକ। ସଂରକ୍ଷଣ ପ୍ରସଙ୍ଗ ସହିତ ବିଗତ ଶତାବ୍ଦୀର ୯୦ଦଶକର ମଣ୍ଡଳ ଆୟୋଗ ସୁପାରିସ୍ କାର୍ଯ୍ୟକାରୀ ଘୋଷଣା ଜନିତ ଦୁଃସ୍ଥିତି ସ୍ମରଣକୁ ଆସିଯାଉଛି। କ୍ଷମତା ରାଜନୀତି ଓ ନିର୍ବାଚନୀ ରଣନୀତିରେ 'ସଂରକ୍ଷଣ-ଅସ୍ତ୍ର' କିଭଳି ନାରକୀୟ ହୋଇପାରେ ମଣିପୁରର ଧୂଆଁ ଆମକୁ ଅହୋରାତ୍ର ଚେତାଇ ଦେଉଛି। ନିର୍ବାଚନୀ ପ୍ରତିଶ୍ରୁତି ଓ ପ୍ରତାରଣା କିଭଳି ଗଣଆନ୍ଦୋଳନର ରୂପ ନିଏ, ତାହାର ଝଲକ୍ ଲଦାଖରେ ଦେଖିବାକୁ ମିଳିଛି। ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରା ସନ୍ଦେହ ଘେରକୁ ଆସିଛି, ତିନିଶହରୁ ଊର୍ଦ୍ଧ୍ୱ ସାଂସଦ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଜନବିପ୍ଳବର ଅବାଞ୍ଛିତ ବିଷ ଜ୍ୱାଳାରୁ ଭାରତୀୟ ଗଣତନ୍ତ୍ରକୁ ମୁକ୍ତ ରଖିବାକୁ ହେଲେ ଆତ୍ମଶ୍ରେୟର ଆତୁରତା ପରିହାର କରି ଜନତା, ବିଶେଷକରି ଯୁବବର୍ଗର ଅସନ୍ତୋଷର ଅନ୍ତଃସ୍ରୋତକୁ ସଯତ୍ନଶୀଳ ଅନୁଶୀଳନରେ ତତ୍ପରତା ଆବଶ୍ୟକ। ସାରା ବିଶ୍ୱରେ ଜନତା ମାତିଲେଣି - ଏଥିପ୍ରତି ହେୟଜ୍ଞାନ କିମ୍ବା ଅବହେଳା ଇତିହାସରେ 'ଅକ୍ଷମଣୀୟ' ପରି ଶବ୍ଦଟିଏ ସ୍ୱତଃ ଲେଖି ହୋଇଯିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦


# ପୁସ୍ତକ ପଠନ ଓ ସୁସ୍ୱାସ୍ଥ୍ୟ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବିବ୍ଲିଓଫିଲା! କ'ଣ ଏହାର ଅର୍ଥ? ଏହାର ଅର୍ଥ 'ପୁସ୍ତକ ପ୍ରତି ପ୍ରେମ'। ତା'ହେଲେ ବିବ୍ଲିଓଫାଇଲ'ର ଅର୍ଥ ପୁଣି କ'ଣ? ଏହାର ଅର୍ଥ ପୁସ୍ତକପ୍ରେମୀ'। ଗ୍ରନ୍ଥ ବୋଇଲେ କେବଳ ଜ୍ଞାନର ଆଧାରକୁ ବୁଝାଏ ନାହିଁ।। ଗ୍ରନ୍ଥ ପ୍ରକୃତରେ ଏକ ବଶୀକୃତ କରିଦେଇ ପାରୁଥିବାର ଗ୍ରନ୍ଥିର ନାମ। ଏହା ଗ୍ରନ୍ଥଟିଏ ସହିତ ସଂଯୁକ୍ତ ହୋଇପାରିଲେ ହିଁ ଏହି ଦୃଶ୍ୟମାନ ଜଗତରେ ଖୋଲିଯାଏ ବିସ୍ମୟରେ ଦ୍ୱାର। ସେଠାରେ କିଛି ଆଉ ଅସମ୍ଭବ ପ୍ରତୀୟମାନ ହୁଏନି।

ବହିକୁ ନେଇ ଭାବନା ଭାରତୀୟମାନଙ୍କଠାରେ କିଛି କମ ନୁହେଁ। ଅଥଚ ପାଠକ? ଭାରତୀୟମାନେ କ'ଣ ସତରେ ବିଦଗ୍ଧ ପାଠକ ହୋଇପାରିଛନ୍ତି? ନହେଲେ କାହିଁକି ପ୍ରଖ୍ୟାତ ସାହିତ୍ୟିକ ମୁଲକ ରାଜ ଆନନ୍ଦ ଆକ୍ଷେପ କରି କହିଥା'ନ୍ତେ – ଭାରତୀୟମାନେ ବହି ପଢ଼ିବାରେ ବଡ଼ ବିମୁଖ! କଥାଟା ଆଂଶିକ ସତ। ଭାରତୀୟମାନେ ପଢ଼ିବା ପାଇଁ ନୁହେଁ, ବରଂ ଗପ ଶୁଣିବା ପାଇଁ ଭଲ ପାଆନ୍ତି। ତେବେ ଶୁଣିବାର ଯଦି କ୍ଷୁଧା ଅଛି, ସେତେବେଳେ ପଢ଼ିବାର ଧୈର୍ଯ୍ୟଟିକୁ ଅବଶ୍ୟ ତିଆରି କରାଯାଇପାରିବ। କିନ୍ତୁ ଏହି ଲାଭକ୍ଷତିର ଦୁନିଆରେ ବହି ପଢ଼ି କି ଫାଇଦା, ତାହା ଟିକିଏ ଆଲୋଚନା କରାଯାଉ।

ବହି ପଢ଼ିଲେ ବୃଦ୍ଧିପାଏ ମନୋଯୋଗ, ସ୍ମୃତିଶକ୍ତି। ବହିଟିର ପ୍ରତିଟି ଧାଡ଼ି ମସ୍ତିଷ୍କରେ ତିଆରି କରି ପକାଏ ନୂଆ ନୂଆ ଛବି। ଫଳରେ କଳ୍ପନା ଶକ୍ତି ବଢ଼େ। ସଂପ୍ରତି ଦୈନନ୍ଦିନ ଜୀବନର ନାନା ଚାପ ଯୋଗୁଁ ଏକ ଅଦ୍ଭୁତ ଜୀବନ୍ତ କଳରେ ମଣିଷର ଜୀବନ ନିରନ୍ତର ପେଷି ହେବାରେ ଲାଗିଛି। ତା'ରି ଭିତରେ ଟିକିଏ ସମୟ ବାହାର କରି ବହିର ଅକ୍ଷରଗୁଡ଼ିକର ଭିଡ଼ ଭିତରେ ଟିକିଏ ହଜି ଯାଇ ପାରିଲେ ହିଁ ଅର୍ଦ୍ଧେକ ଯୁଦ୍ଧରେ ବିଜୟ। କାରଣ ତାହା ଉଦ୍ଦୀପିତ କରେଇ ଦେବ ପାରାସିମ୍ପାଥେଟିକ ନର୍ଭକୁ। ପାରାସିମ୍ପାଥେଟିକ ନର୍ଭ ଉଦ୍ଦୀପତ ହେଲେ ତାହା ମାନସିକ ଭାବରେ ଶାନ୍ତ କରିଦେବାରେ ସହାୟକ ହୋଇଥାଏ। ଫଳରେ ଦୂରୀଭୂତ ହୋଇଯାଏ ଉଦ୍‌ବେଗ ଓ ଉତ୍କଣ୍ଠା। ମୃଦୁ ଧରଣର ମାନସିକ ଅବସାଦଗ୍ରସ୍ତ ଥିଲେ ବହି ପଢ଼ିବା ଦ୍ୱାରା ବିଶେଷ ଉପକାର ମିଳେ। ଅନିଦ୍ରା ଭୋଗୁଥିଲେ ରାତିରେ ଶୋଇବାକୁ ଯିବା ପୂର୍ବରୁ ବିନୋଦନମୂଳକ ବହି ପଢ଼ିଲେ ନିଦ ଆସିବା ସୁଗମ ହୋଇଯାଏ। ବହି ପଢ଼ିଲେ ନୂତନ ନୂତନ ଶବ୍ଦ ସଞ୍ଚିତ ହୋଇପଡ଼େ ସ୍ମୃତି ଭଣ୍ଡାରରେ। ଏହି ପ୍ରକ୍ରିୟା ଆଲଜିମରସ, ଡିମେନସିଆ ଭଳି ସ୍ମୃତି ଭ୍ରଂଶରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କାକୁ ହ୍ରାସ କରିଦେବାରେ ସାହାଯ୍ୟ କରେ।



ଏସବୁ ଗଲା ଶରୀର ଓ ମନର ଫାଇଦା। ଏବେ ଆସିବା ଦର୍ଶନଗତ ଦିଗକୁ। ଆମେ ସମସ୍ତେ ଜୀବନରେ ବିବିଧ ପର୍ଯ୍ୟାୟ ମଧ୍ୟ ଦେଇ ଗତିକରୁ। ବେଳେ ବେଳେ ପୁଣି ଏପରି କଠିନ ସମୟ ଆସିପହଞ୍ଚିଯାଏ, ଯେତେବେଳେ କ'ଣ କରିବା ପାଇଁ ପଡ଼ିବ ଆମକୁ କୌଣସି ବୁଦ୍ଧିବାଟ ଦିଶେନି। ସେତେବେଳେ କିନ୍ତୁ ବହି ହୋଇଉଠେ ପଦପ୍ରଦର୍ଶନର ମଶାଲ ସ୍ୱରୂପ। ଜୀବନର ବିରାଟ ପ୍ରେକ୍ଷାପଟରେ 'ମୁଁ' ନାମକ ଜୀବଟିର ଉଦ୍ଦେଶ୍ୟକୁ ପରିଷ୍କାର କରିଦେଇପାରେ ବହି। ଜୀବନ ସଂପର୍କରେ ଆମର ଉପଲବ୍ଧିକୁ ବଦଳେଇ ଦେଇ ଅବତୀର୍ଣ୍ଣ ହୋଇପଡ଼େ ସାନ୍ତ୍ୱନା ପ୍ରଦାନକାରୀ ଭୂମିକାରେ। ବହି ଆମକୁ କରେ ସହାନୁଭୂତିଶୀଳ, ସମାନୁଭୁତିଶୀଳ। ଆମର ମନୋଭୂମିକୁ ଉର୍ବର କରିବାରେ ବହିର ବିକଳ୍ପ ନାହିଁ।

ପୁନଶ୍ଚ ଶିକ୍ଷାର୍ଥୀମାନଙ୍କ କ୍ଷେତ୍ରରେ ଉତ୍କୃଷ୍ଟମାନର ରୋମାଞ୍ଚକର ପୁସ୍ତକ ପଠନ ବୃଦ୍ଧି କରିଥାଏ ବିଶ୍ଳେଷଣ କରିପାରିବାର ମନୋଭାବ ଓ ଦକ୍ଷତା। ଏପରିକି ଅନୁମାନ କରିପାରିବାର କ୍ଷମତା ବଢ଼େଇବାରେ ବି ସହାୟକ ହୋଇଥାଏ ପୁସ୍ତକ ପଠନ। ମସ୍ତିଷ୍କକୁ ରଖିପାରେ ସକ୍ରିୟ। ଭଲ ଭଲ ବହି ପଢ଼ିବାର ଅଭ୍ୟାସ ଥିଲେ ବିଭିନ୍ନ ଆଲୋଚନାର ଆସରରେ ତାହା ପାଠକକୁ କରିଦିଏ ଆକର୍ଷଣର କେନ୍ଦ୍ରବିନ୍ଦୁ। ନିରସ ଆଲୋଚନାକୁ କରିଦେଇ ହୁଏ ସରସ ତଥା ଚିତ୍ତାକର୍ଷକ।

ଏବେ ଛାତ୍ରଛାତ୍ରୀମାନେ ପୁସ୍ତକ ପଠନ ପରିବର୍ତ୍ତେ ବେଶୀ ପସନ୍ଦ କରୁଛନ୍ତି ପିଡିଏଫ୍‌ରୁ ତଥ୍ୟ ସଂଗ୍ରହ କରିବା ପାଇଁ। ପୁସ୍ତକ ପଠନରୁ ମିଳେ ଏକ ସ୍ୱର୍ଗୀୟ ସ୍ପର୍ଶ, ସ୍ୱାଦ, ପୁସ୍ତକର ଗନ୍ଧ ଓ ଆବେଗ। ଏହା ପିଡିଏଫ୍‌ରୁ ମିଳିନ ଥାଏ। ତା'ଛଡ଼ା ପିଡିଏଫ ତୁଳନାରେ ବହିରେ ଲେଖା ତଥ୍ୟ ଦୀର୍ଘ ଦିନ ଧରି ମନେ ରହେ।

ମୋବାଇଲରେ ସ୍କ୍ରିନ ପ୍ରଦତ୍ତ ଭିଡିଓ ତଥ୍ୟ ପ୍ରଦାନ କରିଥାଏ ଭସାଭସା ଜ୍ଞାନ। କିନ୍ତୁ ପୁସ୍ତକ ପଠନରୁ ଆହରଣ କରିଥିବା ଜ୍ଞାନ ପ୍ରବେଶ କରିଥାଏ ମସ୍ତିଷ୍କର ଖୁବ୍ ଗଭୀରତାକୁ। ସେଥିପାଇଁ ସନ୍ତାନକୁ ପ୍ରକୃତ ଶିକ୍ଷିତ କରିବା ପାଇଁ ଚାହିଲେ ତା' ହାତରେ ମୋବାଇଲ ଧରେଇ ନ ଦେଇ ବରଂ ଧରେଇ ଦିଅନ୍ତୁ ବହି।

କଟକ, ମୋ: ୯୪୩୭୭୬୬୧୧୭

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ଅଶ୍ୱଗନ୍ଧା

ସୌଭାଗ୍ୟସୁନ୍ଦର

ଅଶ୍ୱଗନ୍ଧା ହେଉଛି ଭାରତୀୟ ଉପମହାଦେଶ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଦକ୍ଷିଣ ୟୁରୋପର ଏକ ଚିରହରିତ ଉଦ୍ଭିଦ। ଏହା ଭାରତର ଶୁଷ୍କ ଅଞ୍ଚଳରେ ବିତରିତ। 'ଅଶ୍ୱଗନ୍ଧା' ନାମଟି ସଂସ୍କୃତ ଶବ୍ଦ 'ଅଶ୍ୱ'ର ମିଶ୍ରଣ, ଯାହାର ଅର୍ଥ 'ଘୋଡ଼ା' ଏବଂ 'ଗନ୍ଧା', ଯାହାର ଅର୍ଥ 'ଗନ୍ଧ'। ଏହା ପ୍ରତିଫଳିତ କରେ ଯେ ଏହାର ମୂଳରେ ଏକ ତୀବ୍ର, ଘୋଡ଼ା ମୂତ୍ର ପରି ଗନ୍ଧ ଅଛି। କିନ୍ତୁ ସାଧାରଣତଃ ଏହି ନାମର ଅର୍ଥ ହେଉଛି - 'ଘୋଡ଼ାର ଶକ୍ତି ଓ ଯୌନ ଜୀବନ ଶକ୍ତି ପ୍ରଦାନ'।

ଅଶ୍ୱଗନ୍ଧା ଉଦ୍ଭିଦ ଏକ ମଧ୍ୟମ ଆକାରର ବହୁବର୍ଷୀୟ ବୁଦା ବା ଗୁଳ୍ମ, ୧ ରୁ ୨ ମିଟର ଉଚ୍ଚ ଓ ସିଧା। ଡାଳଗୁଡ଼ିକ ଧୂସର ମାଟିଆ ଗାଢ଼ ରଙ୍ଗ। ପତ୍ରଗୁଡ଼ିକ ୫-୧୦ ସେମି ଲମ୍ବା, ଫିକା ସବୁଜ, ସରଳ, ବିକଳ୍ପ, ଅଣ୍ଡାକାର। ସାଧାରଣତଃ ସମ୍ପୂର୍ଣ୍ଣ ଗଛଟି ସୂକ୍ଷ୍ମ ଲୋମ ଦ୍ୱାରା ଆଚ୍ଛାଦିତ। ଏହାର ମୂଳ ଲମ୍ବା ମାଂସଳ କନ୍ଦମୂଳ ଭଳି। ଏହି ଗଛଟିର ପତ୍ର ଅକ୍ଷରେ ପୁଷ୍ପୋଦଗମ ୪-୨୫ ଟି ଫିକା ସବୁଜ ଫୁଲ ଏକ ସାଇମୋଜ୍ ବା ସ୍ତବକ ସସୀମ ଗୁଚ୍ଛ ଧାରଣ କରେ। ଏହାର ଫୁଲଗୁଡ଼ିକ ସାଧାରଣତଃ ଛୋଟ ଏକକ କିମ୍ବା ଦ୍ୱୈତଲିଙ୍ଗୀ। କୋରୋଲା ବା ଦଳ ମଣ୍ଡଳ ୫ ଟି ପାଖୁଡ଼ାକୁ ନେଇ ଗଠିତ ଯାହା ଘଣ୍ଟି ଆକୃତିର, ୫-୮ ମିମି ଲମ୍ବା ଏବଂ ହାଲୁକା ହଳଦିଆରୁ ହଳଦିଆ-ସବୁଜ ରଙ୍ଗର। ଅଶ୍ୱଗନ୍ଧା ଫଳ ସାଧାରଣତଃ ଏକ ଗୋଲାକାର କେଶହୀନ ବେରି, ୫-୮ ମିମି ବ୍ୟାସ ଏବଂ ବର୍ଦ୍ଧିତ କ୍ୟାଲିକ୍ସ ବା ବୃତି ମଣ୍ଡଳ ଦ୍ୱାରା ଆଚ୍ଛାଦିତ ଥାଏ। ବିହନଗୁଡ଼ିକ ସାଧାରଣତଃ ଅନେକ, ଗୋଲାକାର ବା ବୃକକ୍ ଆକୃତିର ଏବଂ ହଳଦିଆ। ଫୁଲ ଫୁଟିବା ଏବଂ ଫଳ ଧରିବା ସମୟ ସାଧାରଣତଃ ଅକ୍ଟୋବରରୁ ଆରମ୍ଭ ହୋଇଥାଏ।

ଅଶ୍ୱଗନ୍ଧା ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ, ଯାହା ପାରମ୍ପରିକ ଏବଂ ଆଧୁନିକ ଚିକିତ୍ସା ପଦ୍ଧତିରେ ଅପାର ଚିକିତ୍ସା ଉପଯୋଗୀ। ଏହାକୁ ବେଦରେ ଏକ ଔଷଧୀୟ ଟନିକ୍ ଓ ସ୍ୱାସ୍ଥ୍ୟ ଖାଦ୍ୟ ଭାବରେ ବର୍ଣ୍ଣନା କରାଯାଇଛି ଏବଂ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିରେ 'ଭାରତୀୟ ଜିନସେଙ୍ଗ' ଭାବରେ ବିବେଚିତ କରାଯାଇଛି। ଉଦ୍ଭିଦ, ବିଶେଷକରି ଏହାର ମୂଳ ପାଉଡର, ପାରମ୍ପରିକ ଭାରତୀୟ ଔଷଧରେ ଶତାବ୍ଦୀ ଧରି ବ୍ୟବହୃତ ହୋଇଆସୁଛି। ଏହା 'ନିଦ୍ରା ଆଣିଥାଏ' ଔଷଧ ଭାବରେ ଜଣାଶୁଣା ଏବଂ ଅନିଦ୍ରାରୋଗ ଚିକିତ୍ସାରେ ବ୍ୟବହାର କରାଯାଏ। ଏହା ସାଧାରଣ ଚିନ୍ତା ବ୍ୟାଧିର ଚିକିତ୍ସାରେ ଉପଯୋଗୀ। ଅଶ୍ୱଗନ୍ଧା ସାଧାରଣତଃ ମୂଳ କିମ୍ବା ପତ୍ର ପାଉଡର କିମ୍ବା ନିର୍ଗମ ଧାରଣ କରି ଏକ ଖାଦ୍ୟ ପରିପୂରକ ଭାବରେ ବିକ୍ରି ହୁଏ। ସବୁଠାରୁ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟରେ ପତଳା ଝାଡ଼ା, ମୁଣ୍ଡବିନ୍ଧା, ମାନ୍ଦା ଓ ବାନ୍ତି ଅନ୍ତର୍ଭୁକ୍ତ। ଗର୍ଭାବସ୍ଥାରେ କିମ୍ବା ହରମୋନ-ସମ୍ବେଦନଶୀଳ ଅବସ୍ଥା ଥିବା ଲୋକଙ୍କଠାରେ ଏହାକୁ ଏଡ଼ାଇ ଦିଆଯିବା ଉଚିତ। ବିଶେଷକରି ଯକୃତ ରୋଗୀ ଏବଂ ହରମୋନ-ସମ୍ବେଦନଶୀଳ ପ୍ରୋଷ୍ଟେଟ୍ କର୍କଟ ଥିବା ଲୋକଙ୍କ ଦ୍ୱାରା ଅଶ୍ୱଗନ୍ଧାର ବ୍ୟବହାର ଏଡ଼ାଇ ଦିଆଯିବା ଉଚିତ। ଅଶ୍ୱଗନ୍ଧାର ମୁଖ୍ୟ ଫାଇଟୋକେମିକାଲ୍ ବା ଜୈବ ରସାୟନିକ ଉପାଦାନ, ମୁଖ୍ୟତଃ ମୂଳରେ ଫ୍ଲାଭନ୍, ଅଏଡ୍ସ, ଆଲକାଲଏଡ୍ସ, ଷ୍ଟେରଏଡ୍ ଏବଂ ଅନେକ ସକ୍ରିୟ କାର୍ଯ୍ୟକ୍ଷମ ଉପାଦାନ ରହିଛି, ଯେଉଁଥିରେ ୱିଥାନୋଲାଇଡ୍ସ, ଟ୍ରାଇଟରପିନ୍ ଲାକ୍ଟୋନ୍‌ର ଏକ ଗୋଷ୍ଠୀ ଯେଉଁଥିରେ ୱିଥାଫେରିନ୍ ଏ, ଆଲକାଲଏଡ୍ସ, ଷ୍ଟେରଏଡାଲ୍ ଲାକ୍ଟୋନ୍, ଟ୍ରୋପାଇନ୍ ଓ କସ୍କୋହାଇଗ୍ରୀନ୍ ଅନ୍ତର୍ଭୁକ୍ତ।

ଅଶ୍ୱଗନ୍ଧା ରାସ୍ତା ପାର୍ଶ୍ୱରେ ଏବଂ ଖୋଲା ଅଳିଆ ସ୍ଥାନରେ ଅନାବନା ଉଦ୍ଭିଦ ଭାବରେ ବଢ଼ିଥାଏ। ଏହା ସାଧାରଣତଃ ଭାରତରେ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନରେ ଔଷଧୀୟ ଫସଲ ଭାବରେ ଶୁଷ୍କ ଅଞ୍ଚଳରେ ଚାଷ କରାଯାଏ, ସମ୍ଭବତଃ ଏହାର ମାଂସଳ ମୂଳ ପାଇଁ। ଏହା ସୂର୍ଯ୍ୟ କିମ୍ବା ଆଂଶିକ ଛାଇ ସହିତ ଶୁଷ୍କ, ପଥୁରିଆ ମାଟିକୁ ପସନ୍ଦ କରେ। ଏହାକୁ ବସନ୍ତ ଋତୁର ପ୍ରାରମ୍ଭରେ ବିହନରୁ କିମ୍ବା ବସନ୍ତ ଋତୁର ଶେଷ ଭାଗରେ ସବୁଜ କାଣ୍ଡ କଟିଂରୁ ବଂଶବିସ୍ତାର କରାଯାଇପାରିବ। ଅଶ୍ୱଗନ୍ଧା ଅନେକ କୀଟପତଙ୍ଗ ଓ ରୋଗର ଶିକାର ହୁଏ। ଅଶ୍ୱଗନ୍ଧା କ୍ଷତିକାରକ ଏକ ଆକ୍ରମଣାତ୍ମକ ମିଲିବଗ୍ (ଫେନାକୋକସ୍ ସୋଲେନୋପ୍ସିସ୍) ବାହକ ମଧ୍ୟ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିରଜା ପୀଠରେ ନବରାତ୍ର ପୂଜା

# ସପ୍ତମ ଦିନରେ ମା'ଙ୍କ ରଥଯାତ୍ରା

ଯାଜପୁର, ୨୮।୯(ସମିସ): ଯାଜପୁରର ଅଧିଷ୍ଠାତ୍ରୀ ମା' ବିରଜାଙ୍କ ପୀଠରେ ଚାଲିଥିବା ନବରାତ୍ର ପୂଜା ଆଜି ସପ୍ତମ ଦିନରେ ରଥଯାତ୍ରା ଓ ପାଦସ୍ପର୍ଶ ଶାନ୍ତିଶୃଙ୍ଖଳାର ସହିତ ସମାପନ କରାଯାଇଛି। ପଞ୍ଚମୀ ଠାରୁ ଆରମ୍ଭ ହୋଇଥିବା ଯଜ୍ଞ କାର୍ଯ୍ୟକୁ ସକାଳ ୪.୩୦ ମିନିଟ୍‌ରେ ବିରାମ କରାଯିବା ପରେ ନୀତି, ଜଳପାନ ଓ ଆଳତି କରାଯାଇ ୫ଟାରେ ପହୁଡ଼ କରାଯାଇଥିଲା। ୬ଟାରେ ପହୁଡ଼ ଖୋଲାଯିବା ପରେ ସ୍ନାନର ଆୟୋଜନ କରାଯାଇଥିଲା। ୭ଟାରେ ସ୍ନାନ ପରେ ଅପେକ୍ଷାରତ ଭକ୍ତମାନେ ଗର୍ଭ ଗୃହକୁ ପ୍ରବେଶ କରି ମା'ଙ୍କ ପାଦ ସ୍ପର୍ଶ କରି ଆଶିଷ ଲାଭ କରିଥିଲେ। ଶାସନ ବ୍ରାହ୍ମଣ ମାନଙ୍କ ଦ୍ୱାରା ଦୈନିକ ଆସୁଥିବା ବୈତରଣୀ ଜଳରେ ପୂଜକ ପୂର୍ଣ୍ଣଚନ୍ଦ୍ର କର ସ୍ନାନ କରାଇବା ପରେ ଶାସନ ବ୍ରାହ୍ମଣମାନେ ନିଜ ନିଜର ଭୋଗ ଲାଗି କରିଥିଲେ। ଆଜି ମଧ୍ୟ ଭକ୍ତମାନଙ୍କ ସଂଖ୍ୟା ଅଧିକ ଥିବାରୁ ଦିନ ୯ଟା ୩୦ ମିନିଟ ପର୍ଯ୍ୟନ୍ତ ପାଦସ୍ପର୍ଶ କାର୍ଯ୍ୟ ଚାଲିଥିଲା। ତାପରେ ପାଳିଆ ସେବାୟତ ମା'ଙ୍କ ସମସ୍ତ ବେଶ କାର୍ଯ୍ୟ ସାରି ସିଂହାସନରୁ ଓହ୍ଲାଇଥିଲେ। ଦିନ ୧୧.୩୦ ମିନିଟରେ ବଡ଼ ଶୃଙ୍ଗାର ବେଶ ଆରମ୍ଭ କରାଯିବା ପରେ ଦିନ ୧୨ଟା ସମୟରେ ପୂଜକ ପୁରୋଧା ଉପସ୍ଥିତ ହୋଇ ଆଜିର ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଦିନ ୨ଟାରେ ମା'ଙ୍କ ନୀତି, ଆଳତି କଳସ ପୂଜା କରାଯାଇ ପହୁଡ଼ କରାଯାଇଥିଲା। ତା'ପରେ ପୂଜକ ପୁରୋଧା ରଥ ଉପରେ ପୂଜା କାର୍ଯ୍ୟ ସାରି ଫେରିଥିଲେ। ଅପରାହ୍ନ ୪ଟାରେ ପହୁଡ଼ ଖୋଲାଯିବା ପରେ ଆଜିର ରଥଯାତ୍ରା ଆୟୋଜନ କରାଯାଇଥିଲା। ୫ଟା ରଥ ଉପରେ ସମସ୍ତେ ଉପସ୍ଥିତ ହେବା ପରେ ରଥଯାତ୍ରାର ଆରମ୍ଭ କରାଯାଇଥିଲା। ରଥରୁଢ଼ା ମା'



ବିରଜାଙ୍କୁ ଦର୍ଶନ କରିବା ଓ ରଥ ଟାଣିବା ପାଇଁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ରଥ ଚାଲିବାର ସଂକେତ ମିଳିବା ପରେ ଭକ୍ତମାନେ ରଥକୁ ଟାଣିବା ଆରମ୍ଭ କରିଥିଲେ। ଆଜି ରଥ ୨ ବେଢ଼ାରୁ ଅଧିକ ପରିକ୍ରମା କରାଯାଇ ପୂର୍ବ ଦକ୍ଷିଣ କୋଣରେ ରଖାଯାଇଛି। ରଥରୁ ମା'ଙ୍କ ଆର୍ଶା ଦଣ୍ଡ ଅବତରଣ ପୂର୍ବରୁ ମନ୍ଦିରର ଗର୍ଭଗୃହ ଧୂଆ କରାଯାଇ ଆଳତିର ଆୟୋଜନ କରାଯାଇଥିଲା। ଆର୍ଶା ଦଣ୍ଡକୁ ଗର୍ଭ ଗୃହରେ ରଖିବା ପରେ ପୂଜକ ଆତଳୀ ଆରମ୍ଭ କରିଥିଲେ। ଆଜି ରଥଯାତ୍ରା ସମୟରେ ମାଜିଷ୍ଟ୍ରେଟ ଭାବରେ ଦଶରଥପୁର ଅତିରିକ୍ତ ତହସିଲଦାର ରଶ୍ମୀରଞ୍ଜନ ମଲ୍ଲିକ ଓ ସକାଳ ସମୟରେ ଦଶରଥପୁର ଅତିରିକ୍ତ ତହସିଲଦାର ବାବୁରମା ମୁର୍ମୁ ଉପସ୍ଥିତ ଥିବା ବେଳେ ଟାଉନ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୁଲିସ କାର୍ଯ୍ୟ ପରିଚାଳନା କରାଯାଇଥିଲା। ରାତି ୮.୩୦ ମିନିଟ୍‌ରେ ବଡ଼ ଶୃଙ୍ଗାର ବେଶ ପରେ ରାତ୍ରି ପୂଜା ଆୟୋଜନ କରାଯାଇ ୧୧ଟା ୩୦ ମିନିଟରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଅଛି। ଯଜ୍ଞ କାର୍ଯ୍ୟକୁ ବିରାମ କରାଯାଇ ନିତି, ଆଳତି କରାଯିବ। ଆସନ୍ତାକାଲି ମା' ବିରଜାଙ୍କର ମହାଷ୍ଟମୀ ଥିବାରୁ ଦିନରେ ହଜାର ହଜାର ଭକ୍ତମାନଙ୍କ ସମାବେଶ ରହିବ। କାଲି ସନ୍ଧ୍ୟା ୮.୧୫ ମିନିଟ୍ ପରେ ମହାସ୍ନାନ କରାଯାଇ ମହାଷ୍ଟମୀ ବିହିତ ବିଶେଷ ପୂଜା କରାଯାଇ ଯଜ୍ଞର ପୂର୍ଣ୍ଣାହୁତି କରାଯିବ। ଆସନ୍ତା କାଲି ଷୋଡ଼ଶୋପଚାର ପୂଜାର ଶେଷ ଦିନରେ ପୁଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ଏନ୍‌କାଉଣ୍ଟର୍‌ରେ ୩ ମାଓବାଦୀ ନିହତ



ମାଲକାନଗିରି, ୨୮।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ଛିନ୍ଦଖରକ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ତିନି ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ, ସୀତାନଦୀ ଏରିଆ କମିଟି କମାଣ୍ଡର ସର୍ବାନ ମାଡକମ୍ ଓରଫ ବିଶ୍ୱନାଥ, ଡେପୁଟି କମାଣ୍ଡର୍ ରାଜେଶ ଏବଂ ମାଓବାଦୀ ବାସନ୍ତୀ। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି କାଙ୍କେର ପୁଲିସ ଅଧୀକ୍ଷକ ଆଇ. କଲ୍ୟାଣ ଏଲିସେଲା କହିଛନ୍ତି। ସୂଚନାନୁଯାୟୀ, କାଙ୍କେର୍ ଜିଲ୍ଲାର ତିରିଆରପାଣି ପାହାଡ଼ରେ ନକ୍ସଲବାଦୀ ଗତିବିଧି ବିଷୟରେ ପୁଲିସ ସୂଚନା ପାଇଥିଲା। କାଙ୍କେରରୁ ଏକ ମିଳିତ ଡିଆରଜି ଏବଂ ବିଏସଏଫ୍ ଦଳ ସେହି ଅଞ୍ଚଳକୁ ଘେରାବନ୍ଦୀ କରିବା ଆରମ୍ଭ କରିଥିଲା। ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବା ପରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଯବାନଙ୍କୁ ସାମ୍ନା କରି ନପାରି ଅଞ୍ଚଳରୁ ଲୁଚି ପଳାଇଥିଲେ। ଯବାନମାନେ ଅଞ୍ଚଳରୁ ୩ ଜଣ ମାଓବାଦୀଙ୍କ ଶବ ଜବତ କରି ତଲାସି ଅଭିଯାନକୁ ଜାରି ରଖିଛନ୍ତି।

# ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

ପୁରୀ,୨୮।୯(ସମିସ): ବାରମ୍ବାର ଶ୍ରୀମନ୍ଦିର ଉପରେ ଉଡୁଛି ଡ୍ରୋନ୍। ଚଳିତ ମାସରେ ୩ଥର ଡ୍ରୋନ୍ ଉଡ଼ିଥିବାବେଳେ ଥରେ କମ୍ ଉଚ୍ଚତାରେ ଉଡ଼ିଛି ବିମାନ। ଏହା ଉପରେ କିପରି ଅଙ୍କୁଶ ଲାଗିପାରିବ ସେ ନେଇ ବାରମ୍ବାର ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଏଯାଏଁ ଏହି ବ୍ୟବସ୍ଥା ଲାଗିଲା ନାହିଁ। ଅପରପକ୍ଷେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?



**ବଡ଼ଦେଉଳର ସୁରକ୍ଷାକୁ ଅଣଦେଖା**

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବାବେଳେ ଏବେ ଚିନ୍ତା ବଢ଼ାଇଦେଲାଣି ଡ୍ରୋନ୍ ଉଡ଼ାଣ। ଚଳିତ ମାସରେ ୩ ଥର ଡ୍ରୋନ୍ ଉଡ଼ିଲାଣି। ରବିବାର ସନ୍ଧ୍ୟା ସମୟରେ ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଥିଲା। ପ୍ରାୟ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ନିକଟରେ ଡ୍ରୋନ୍‌ଟି ପଇଁତରା ମାରିଥିଲା। ସିଂହଦ୍ୱାର, ଆନନ୍ଦବଜାର, ସ୍ନାନମଣ୍ଡପ ଉପରେ ଚକ୍କର କାଟିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନୀଳଚକ୍ରରେ ବାନା ପରିବର୍ତ୍ତନ ସମୟରେ ଉଡ଼ିଲା ଡ୍ରୋନ୍। ତେବେ ବାନା ବନ୍ଧା ସମୟରେ ଡ୍ରୋନ୍ ଉଡ଼ିବାରୁ ଚୁନରା ସେବକଙ୍କ ଉପରେ ସାଧାରଣରେ ସନ୍ଦେହ କରାଯାଉଛି। ନୋ ଫ୍ଲାଇଂ ଜୋନ୍‌ରେ କିଭଳି ବାରମ୍ବାର ଡ୍ରୋନ୍ ଉଡୁଛି ତାକୁ ନେଇ ଉଠିଛି ପ୍ରଶ୍ନ। ଏହାକୁ କିଏ ଏବଂ କେଉଁଠୁ ଅପରେଟ୍ କରୁଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ଖୋଳତାଡ଼ ଜାରି ରଖିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। କେତେଜଣଙ୍କୁ ମଧ୍ୟ ପୁଲିସ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ଏହାସତ୍ତ୍ୱେ ଏଥିରେ ରୋକ୍ ଲାଗିପାରୁନାହିଁ। ତେବେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଯେପରି ଡ୍ରୋନ୍ ଉଡ଼ାଣ ନ ହେବ ସେଥିଲାଗି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାହା କରାଯାଇ ନାହିଁ। ଫଳରେ ବାରମ୍ବାର ମନ୍ଦିର ଉପରେ ଡ୍ରୋନ୍ ଉଡୁଛି।

ସୂଚନାଥାଉ କି, ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମନ୍ଦିରର ଚାରିଦ୍ୱାର ସମେତ ଚତୁଃପାଶ୍ୱର୍ରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ରହୁଛନ୍ତି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ସୁରକ୍ଷା ବ୍ୟବସ୍ଥା ଆହୁରି ବଢ଼ିଯାଇଛି। ମାଳ ମାଳ ସୁରକ୍ଷା କର୍ମୀ ଏବଂ ମନ୍ଦିର ଭିତରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବି ନିୟୋଜିତ କରାଯାଇଛି। ତଥାପି ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ଡବଲ ଇଞ୍ଜିନ ସରକାରକୁ ଭକ୍ତଙ୍କ ନିଶାଣ

# ଓଡ଼ିଶାର ଖଣି ଖାଦାନ ଲୁଟିବାରେ ମାତିଲାଣି ବିଜେପି

ଭୁବନେଶ୍ୱର, ୨୮।୯ (ସମିସ): ଓଡ଼ିଶାରେ ଏବେ ଖାଲି ଖଣି ଲିଜ୍ ଓ ମାଇନ୍ସ ଉଦ୍‌ଘାଟନ କରାଯାଉଛି। ଖାଲି ହରିଲୁଟ୍ ହେଉଛି। ବେକାରୀକୁ କାମ ନାହିଁ, ଚାଷୀକୁ ସାର ମିଳୁନି, ନାରୀକୁ ସମ୍ମାନ କି ସୁରକ୍ଷା ମିଳୁନି। ଅନୁଗୋଳରେ ୩୪ଟି କୋଇଲା ମାଇନ୍ସକୁ ଅପରେଟ୍ କରିବାକୁ ଦିଆଯାଉଛି। ସରକାର କୋଟି କୋଟି ଗଛ କାଟୁଛନ୍ତି। ମାତ୍ର ଗଛ ଲଗାଇବା ପ୍ରହସନ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ାଠାରେ ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ କଂଗ୍ରେସ କ୍ଷମତାକୁ ଆସିଲେ ଲୁଟ୍ ହେବ। ଏହି ମନ୍ତବ୍ୟକୁ କଡ଼ା ସମାଲୋଚନା କରି ପିସିସି ସଭାପତି କହିଛନ୍ତି ଯେ କଂଗ୍ରେସର ଲୋକପ୍ରିୟତା ଦେଖି ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି।



ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ନାରୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ବୃଦ୍ଧି ପାଇଛି। ଏପରିକି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓଡ଼ିଶାରେ ନାରୀ ସୁରକ୍ଷିତ ନୁହେଁ ବୋଲି କହିସାରିଛନ୍ତି। ଏହା କ'ଣ ରାଜ୍ୟ ଓ ଦେଶ ପ୍ରତି ଲଜ୍ଜା ନୁହେଁ କି? ପ୍ରଧାନମନ୍ତ୍ରୀଙ୍କ କଥାରେ ଯଦି ଟିକିଏ ବି ସତ୍ୟତା ଅଛି, ତେବେ ବିଜେପି ଓ କଂଗ୍ରେସର ବ୍ୟାଙ୍କ୍ ଆକାଉଣ୍ଟ ଚେକ୍ କରାଯାଉ। କଂଗ୍ରେସର ୪୦ ବର୍ଷ ଶାସନରେ କେତେ ଲୁଟ୍ ହୋଇଛି ଓ ବିଜେପିର ୧୧ ବର୍ଷ ଶାସନରେ କେତେ ଲୁଟ ହୋଇଛି, ତାହା ପ୍ରମାଣିତ ହୋଇଯିବ। କଂଗ୍ରେସ ସମୟରେ କେତେ ଖଣିଜ ସମ୍ପଦ ଉତ୍ତୋଳନ ହୋଇଥିଲା ବିଜେପି ସମୟରେ କେତେ ହୋଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ଉପରେ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗର କିଛି ପ୍ରଭାବ ପଡ଼ିବ ନାହିଁ। ଲୋକେ ସବୁ ଜାଣୁଛନ୍ତି ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

# ଦୁର୍ଘଟଣାରେ ପୁଲିସ ଇନ୍ସପେକ୍ଟର୍ ମୃତ

ଭଦ୍ରକ,୨୮।୯(ସମିସ): ଭଦ୍ରକ ପୁରୁଣାବଜାର ଥାନାର ଅତିରିକ୍ତ ଥାନାଧିକାରୀ ବବ୍ରୁବାହନ ନାଇକଙ୍କ ଶନିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ନିଜ ପୁଅ ସହ ସେ କଟକରୁ ଫେରୁଥିବା ବେଳେ ରାତ୍ରୀ ପ୍ରାୟ ୯ଟା ସମୟରେ ୧୬ନଂ ଜାତୀୟ ରାଜପଥ କୁଆଖିଆ ଓଭରବ୍ରିଜ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଚାନ୍ଦବାଲି ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବା ନାୟକ ଗତ କିଛି ଦିନ ପୂର୍ବରୁ ପଦୋନ୍ନତି ପାଇ ଭଦ୍ରକ ପୁରୁଣାବଜାର ଥାନାରେ ଅତିରିକ୍ତ ଥାନାଧିକାରୀ ଭାବେ ଯୋଗ ଦେଇଥିଲେ।

# ଭିତରକନିକାରେ ବାର୍‌ହା ଶିକାର କଲା ବଉଳା



ରାଜନଗର, ୨୮।୯ (ସମିସ): ଭିତରକନିକା ଜାତୀୟ ଉଦ୍ୟାନରେ ଏକ ବଉଳା କୁମ୍ଭୀରର ବାର୍‌ହା ଶିକାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓଟି ରାଜନଗର ବ୍ଲକ୍ ଡାଙ୍ଗମାଳ ତାଳଚୁଆ ଜଙ୍ଗଲ ପାଖ ଡାଲଖାଇ ଛକ ନିକଟର। ସେଥିରେ ଦେଖିବାକୁ ମିଳୁଛି, ଜଙ୍ଗଲ ଭିତରେ ଜୁଆର ପାଣିରେ ପ୍ରାୟ ୨୦ ଫୁଟ୍ ଲମ୍ବର କୁମ୍ଭୀର ଏକ ବାର୍‌ହାକୁ ଖାଉଛି। ପାଖାପାଖି ୧ଘଣ୍ଟା ଧରି କୁମ୍ଭୀରଟି ବାର୍‌ହାକୁ ପାଟିରେ ଧରି ପହଁରିବା ସହ ଖାଉଛି। ଏହି ଦୃଶ୍ୟ ଦେଖିବାକୁ ସ୍ଥାନୀୟ ଅଞ୍ଚଳରେ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଦେଖାଦେଇଛି।

ଭିତରକନିକାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ଫଳରେ ଖାଦ୍ୟାଭାବ ଯୋଗୁଁ ଜନବସତିରେ ଥିବା ନଦୀ ନାଳକୁ ଚାଲି ଆସୁଛନ୍ତି। କୁମ୍ଭୀର ଜୁଆର ପାଣିରେ ଜନବସତି ନିକଟକୁ ଚାଲିଆସିବା ଲୋକଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି କରିଛି। ଯେଉଁ ସ୍ଥାନରେ କୁମ୍ଭୀରଟି ବାର୍‌ହା ଶିକାର କରିଛି, ସେ ସ୍ଥାନରେ ତାରବାଡ଼ ଥିବାରୁ ଜନବସତି ମଧ୍ୟକୁ ଆସିପାରିନାହିଁ। ଅଧିକାଂଶ ସ୍ଥାନରେ ଜଙ୍ଗଲ ପାଖରେ ତାରବାଡ ନ ଥିବାରୁ ଖାଦ୍ୟ ସନ୍ଧାନରେ କୁମ୍ଭୀର ଜନବସତିକୁ ଚାଲିଆସୁଥିବା ଜଣାପଡ଼ିଛି।

## ଓଡ଼ିଶା ରିସର୍ଚ୍ଚ ସେଣ୍ଟର ଓ ଟିଆଇଏସ୍‌ଏସ୍ ମଧ୍ୟରେ ବୁଝାମଣା

# 'ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ସହ ଓଡ଼ିଶାର ଭବିଷ୍ୟତ ପାଇଁ ମାର୍ଗ ଦେଖାଇବ'

ଭୁବନେଶ୍ୱର,୨୮।୯(ସମିସ): ଭୁବନେଶ୍ୱରସ୍ଥିତ ଓଡ଼ିଶା ରିସର୍ଚ୍ଚ ସେଣ୍ଟର(ଓଆର୍‌ସି) ଏବଂ ମୁମ୍ବାଇସ୍ଥିତ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ(ଟିଆଇଏସ୍‌ଏସ୍) ମଧ୍ୟରେ ସାମାଜିକ ଗବେଷଣାକୁ ମିଳିତ ଭାବେ ପ୍ରୋତ୍ସାହିତ କରିବ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଶାର ଭବିଷ୍ୟତ ତଥା ଯୁବପିଢ଼ିର ଗବେଷଣାକୁ ଆଗକୁ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶାର ସାମାଜିକ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ କରିବ। କୌଣସି ଜାତିର ଉଜ୍ଜ୍ୱଳ ଭବିଷ୍ୟତ ଦେଖିବା ପାଇଁ ତା'ର ଇତିହାସକୁ ମନେ ରଖିବାକୁ ହେବ। କଳିଙ୍ଗ ଯୁଦ୍ଧରେ ଓଡ଼ିଶାର ବିରତ୍ୱ ରହିଛି। ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିରର ପରି ନିର୍ମାଣ ଶୈଳୀ ଆମ ଓଡ଼ିଆ ଜାତିର ବୈଜ୍ଞାନିକ ଚିନ୍ତାଧାରା ଓ ସାମାଜିକ ବ୍ୟବସ୍ଥାର ପ୍ରତିଫଳିତ କରୁଛି। ଓଡ଼ିଆ ଭାଷା ସାହିତ୍ୟର ମଧ୍ୟ ସୁଦୀର୍ଘ ଇତିହାସ ରହିଛି। ଓଡ଼ିଶାର ସବୁ ସମ୍ଭାବନାକୁ




ଉପଯୋଗ କରିବାରେ ଏହି ବୁଝାମଣା ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉତ୍କଳର ଅନନ୍ୟ ଐତିହକୁ ଉତ୍ତରପିଢ଼ି ପାଖରେ ପହଞ୍ଚାଇବା ସମସ୍ତଙ୍କ କର୍ତ୍ତ ହେବା ଉଚିତ୍ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ସୁମନ ଚକ୍ରବର୍ତ୍ତୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ଆଇସିଏସ୍‌ଏସ୍‌ଆରର ସମ୍ପାଦକ ପ୍ରଫେସର ଧନଞ୍ଜୟ ସିଂହ, ଟିଆଇଏସ୍‌ଏସ୍‌ର କୁଳପତି ପ୍ରଫେସର ବଦ୍ରି ନାରାୟଣ ତିୱାରୀ, ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ପ୍ରଫେସର କିଶୋର ବାଶା ଏବଂ ପରିଚାଳନା ପରିଷଦର ଅନ୍ୟାନ୍ୟ ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁର୍ଘଟଣା ନା...

ପାଇବାର ଆଶଙ୍କା ରହିଛି। ଏହି ଅଘଟଣକୁ ନେଇ ଏବେ ଦୋଷ ଲଦାଲଦି ଆରମ୍ଭ ହୋଇଯାଇଛି। ଆୟୋଜନକାରୀ ଏବଂ କ୍ଷମତାସୀନ ଡିଏମ୍‌କେ ପରସ୍ପର ବିରୋଧରେ ଦୋଷ ଲଦାଲଦି ହେଉଛନ୍ତି। ଏହାକୁ ନେଇ ବିଜୟଙ୍କ ଦଳ ତାମିଲଗା ଭେଟ୍ରି କଝଗମ (ଟିଭିକେ) ବଡ଼ ଅଭିଯୋଗ ଲଗାଇଛି। ଏହି ଦଳାଚକଟା ଦୁର୍ଘଟଣା ନୁହେଁ, ବରଂ ଷଡ଼ଯନ୍ତ୍ର ଥିଲା ବୋଲି କୁହାଯାଇଛି। ଏ ନେଇ ଦଳ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ମାମଲାର ତଦନ୍ତ ପାଇଁ ଦାବି କରାଯାଇଛି। ତେବେ ରାଲିରେ ସୁରକ୍ଷା ନିୟମ ଉଲ୍ଲଘଂନ କରାଯାଇଥିଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେଣୁ ଏହା ଦୁର୍ଘଟଣା ଥିଲା ନା ଷଡ଼ଯନ୍ତ୍ର ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଟିଭିକେ ଓକିଲ ଅରିବଝଗନ କହିଥିଲେ ଯେ ଏହି ଦୁର୍ଘଟଣା ଏକ ଆପରାଧିକ ଷଡ଼ଯନ୍ତ୍ର ଥିଲା। ଏ ନେଇ ସ୍ଥାନୀୟ ଅଧିବାସୀଙ୍କଠାରୁ ସ୍ପଷ୍ଟ ପ୍ରମାଣ ମିଳିଛି। ଦଳ ପାଖରେ କିଛି ସିସିଟିଭି ଫୁଟେଜ ମଧ୍ୟ ରହିଛି। କ୍ଷମତାସୀନ ଦଳର କିଛି ନେତା ଏହି ଷଡ଼ଯନ୍ତ୍ର କରିଥିଲେ ବୋଲି ସ୍ପଷ୍ଟ ହେଉଛି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏହି ଦଳାଚକଟାକୁ ନେଇ ତାମିଲନାଡୁ ସରକାରଙ୍କୁ ରିପୋର୍ଟ ମାଗିଛି।

ଏହା ମଧ୍ୟରେ ଅଭିନେତା ବିଜୟ ଦଳର ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରେ ପୋଷ୍ଟ କରି ଦଳଚକଟାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହା ବର୍ଣ୍ଣନା କରିବାକୁ ପାଖରେ ଶବ୍ଦ ନାହିଁ ବୋଲି କହିଛନ୍ତି। ସେ ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ୨୦ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମଏନଆରଏଫ ପାଣ୍ଠିରୁ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଦେବାକୁ କହିଛନ୍ତି। ତାମିଲନାଡୁ ସରକାର ମଧ୍ୟ ମୃତକଙ୍କ ପରିବାର ପ୍ରତି ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ।

ଅନ୍ୟପଟେ ତାମିଲନାଡୁ ପୁଲିସ ପକ୍ଷରୁ କୁହାଯାଇଛି ଯେ ବିଜୟଙ୍କ ରାଲି ପାଇଁ ୧୦ ହଜାର ଲୋକଙ୍କୁ ଅନୁମତି ଦିଆଯାଇଥିଲା। କିନ୍ତୁ ଲକ୍ଷେ ୨୦ ହଜାର ସ୍କୋୟାର ଫୁଟ ଅଞ୍ଚଳରେ ୫୦ ହଜାରରୁ ଅଧିକ ଲୋକ ଜମା ହୋଇଥିଲେ। ଅଭିନେତା ମଧ୍ୟ ୬ ଘଣ୍ଟା ବିଳମ୍ବରେ ପହଞ୍ଚି ଥିଲେ। ତାଙ୍କୁ ଦେଖିବା ପାଇଁ ଲୋକେ ଭିଡ଼ ଜମାଇ ଥିଲେ। ଏହି ସମୟରେ ୯ ବର୍ଷୀୟ ଶିଶୁ ନିଖୋଜ ହୋଇ ଯାଇଥିବା ବିଜୟଙ୍କୁ କୁହାଯାଇଥିଲା। ସେ ଶିଶୁକୁ ଖୋଜିବା ପାଇଁ ନିବେଦନ କରିବାରୁ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୁଲିସ ଟିଭିକେ ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିରେ ବିଜୟଙ୍କ ଘନିଷ୍ଠ ସହଯୋଗୀ ଏନ୍ ଆନନ୍ଦଙ୍କ ନାମ ରହିଛି।

ଏହା ମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ରାତିରେ ଉଚ୍ଚସ୍ତରୀୟ ବୈଠକ କରି ବିଳମ୍ବିତ ରାତିରେ କରୁରରେ ପହଞ୍ଚି ଯାଇଥିଲେ। ସେ ଡାକ୍ତରଖାନାକୁ ଯାଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଏବଂ ଆହତଙ୍କୁ ଭେଟିଥିଲେ। ମାମଲାର ତଦନ୍ତ ପାଇଁ ସରକାର ଜଷ୍ଟିସ ଅରୁଣା ଜଗଦୀଶନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଛନ୍ତି। ତେବେ ଘଟଣା ପରେ ବିଜୟ ଆହତଙ୍କୁ ନ ଭେଟି ଚାର୍ଟାର୍ଡ ବିମାନରେ ଚେନ୍ନାଇ ପଳାଇ ଥିଲେ।

### ବିହାର ନିର୍ବାଚନ...

ଏହିକ୍ରମରେ ରବିବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଇଲେକ୍ଟୋରାଲ ରୋଲ ଅବଜରଭର ସଚିନ ରାମଚନ୍ଦ୍ର ଯାଦବ ନୂଆପଡା ଗସ୍ତ କରି ଜିଲ୍ଲାପାଳ , ଜିଲ୍ଲା ଆରକ୍ଷୀ ଅଧିକ୍ଷକ , ପ୍ରଶାସନର ବରିଷ୍ଠ ଅଧିକାରୀ, ଇଆର୍‌ଓ, ଏଇଆର୍ ଓ ଏବଂ ମାନ୍ୟତାପ୍ରାପ୍ତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଣ୍ଡଳ ସହ ସବିଶେଷ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ ନୂଆପଡା ଉପ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚିଠା ଭୋଟର୍ ତାଲିକା ପ୍ରକାଶିତ ହୋଇସାରିଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ ଗୋଟି ଭୋଟ କେନ୍ଦ୍ର ଅଛି। ସେହିପରି ସର୍ବମୋଟ ଭୋଟର ସଂଖ୍ୟା ୨୪୮୩୮୨ ଥିବା ବେଳେ ଏଥିରୁ ପୁରୁଷ ଭୋଟର ସଂଖ୍ୟା ୧୨୨୧୪୮ ଓ ମହିଳା ଭୋଟର ସଂଖ୍ୟା ୧୨୬୧୩୨ ବୋଲି ଜଣାପଡ଼ିଛି।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Suchitra Kumari Bhanja, W/o- Nakula Nahak, Resident of Flat No.: 313, 3Rd Floor, Stalwart Palace, Ratha Road, Goutam Nagar, Bhubaneswar, Khorda, Odisha, PIN-751002 declared by this Affidavit No.: 1090/2025, Dated: 27.09.2025. That now onwards I shall Be Known As **SUCHITRA NAHAK** for all future Purposes.

**NOTICE (For Minor)**
By virtue of an affidavit sworn before Executive Magistrate, Banpur, bearing no- 3571, dated-18/09/2025 I, Dhobani Sabar, Address W/o- Santosh Sabar, At- Kasipada, Po.- Niladriprasad, Ps.- Banpur, Dist.- Khordha, Odisha, Pin-752035 declare that I have changed the name of my son from **Vhandan Sabar** to **Chandan Sabar**. Henceforth, he shall be known as **Chandan Sabar** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Banpur, bearing no.- 3571, dated 18/09/2025 I, Dhobani Sabar, W/o- Santosh Sabar, Address Village- Kasipada, Po.- Niladriprasad, Ps.- Banpur, Dist- Khordha, Odisha, Pin- 752035 declare that I have changed my name from **Sandeep Kumar Behera** to **Sandeep Behera**. Henceforth, I shall be known as **Sandeep Behera** for all purposes.

**NOTICE**
By virtue of an affidavit sworn before Executive Magistrate Baripada, dated 08/09/2025 I, Sumati Das, W/o Prashnna Kumar Dash At – Jamunadeipur Tankisahi, Ward No-01, Baripada, PO/P.S-Bhanjpur Dist – Mayurbhanj, Pin - 757002 declare that I have changed the name of my son from AKHAYA KUMAR BASUDEVAN to PRATYUSH DASH. Henceforth, he shall be known as PRATYUSH DASH for all purposes.
**Sumati Das**

**NOTICE**
By virtue of an affidavit sworn before Executive Magistrate, Baripada, dated 26/08/2025 I, Sk Rizuyan Roy, At- Belgadia, ward No.01, PO/P.S-Bhanjpur, Baripada, Dist – Mayurbhanj Pin- 757002 declare that I have changed my name from Sk Rizuwan Ray to Sk Rizuyan Roy. Henceforth, I shall be known as Sk Rizuyan Roy for all purposes.
**Sk Rizuyan Roy**

**ସୂଚନା**
ଓଡିଶା ଗ୍ରାମୀଣ ବ୍ୟାଙ୍କ, ପ୍ରତାପପୁର ଶାଖା କାର୍ଯ୍ୟାଳୟ, ସା/ପୋ: ପ୍ରତାପପୁର, ଜିଲ୍ଲା: ମୟୂରଭଞ୍ଜ, ପିନ୍:୭୫୭୧୦୩, ୧୦୦ ମିଟର ଦୂରତା ମଧ୍ୟରେ ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହେବାକୁ ଯାଉଅଛି ।
ଶାଖା ପରିଚାଳକ
ଓଡିଶା ଗ୍ରାମୀଣ ବ୍ୟାଙ୍କ, ପ୍ରତାପପୁର

**Notice (for Minor)**
By virtue of an affidavit sworn before Executive Magistrate, Nayagarh, dated 19.08.2025, I, Ajit Kumar Behera, Address At/Po- Lathipada, Ps- Itamati, Dist- Nayagarh, Odisha declare that I have changed the name of my son from Sahil Behera to Aditya Behera. Henceforth, he shall be known as **Aditya Behera** for all purposes.
**Ajit Kumar Behera**



ଶାରଦୀୟ ମହାପୂଜାର ପଞ୍ଚଦଶ ସନ୍ଧ୍ୟା ତଥା ପୀଠେ ମହାସପ୍ତମୀରେ ମା' ଶାରଳାଙ୍କ ମହିଷାମର୍ଦ୍ଦିନୀ ବେଶ

## ଜଗତସିଂହପୁର ପୁଲିସର ଅପରେସନ ଅଗ୍ନି

# ହୋଲସେଲରଙ୍କ ଘରୁ ୨୦ ଲକ୍ଷ ଟଙ୍କାର ବାଣ ଜବତ

ଜଗତସିଂହପୁର,୨୮ ।୯ (ସମିସ):

ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ଓ ସଦର ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେ ଜଗତସିଂହପୁର ଜିଲ୍ଲାରେ ନିଯୁକ୍ତି ପରେ ଜଗତସିଂହପୁର ପୁଲିସ ସକ୍ରିୟ ହୋଇପଡିଥିବା ଲକ୍ଷ୍ୟ କରାଯାଉଛି।

### ଅନ୍ୟ ୩ଟି ସ୍ଥାନରୁ ବାରୁଦ, ସୁତୁଲି ବୋମା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ

ଅପରେସନ ପ୍ରହାର ମାଧ୍ୟମରେ ବିଗତ କିଛିଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ବିପୁଳ ପରିମାଣର ମଦ, ଗଞ୍ଜେଇ ଓ ବ୍ରାଉନସୁଗର ଜବତ ହୋଇଥିବାବେଳେ ଏହି ଚୋରା ନିଶା କାରବାରରେ ଜଡ଼ିତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏହି କ୍ରମରେ ଜଗତସିଂହପୁର ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେସନ ଅଗ୍ନି। ଏହି ଅପରେସନରେ



ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅଞ୍ଚଳରୁ ୨୦ ଲକ୍ଷ ଟଙ୍କାର ବାଣ ଜବତ କରିଛି ପୁଲିସ। ପୁନଙ୍ଗସ୍ଥ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ଆଜିଙ୍କ୍ୟା ମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଶ୍ରୀ ମାନେଙ୍କଠାରୁ ମିଳିଥିବା ତଥ୍ୟ ଅନୁସାରେ ବିରିଡ଼ି ଥାନା ଅନ୍ତର୍ଗତ ନୂଆପାରି ଗ୍ରାମର ସୁବ୍ରତ ମହାନ୍ତି ନାମକ ଜଣେ ବାଣ ହୋଲସେଲର ବିନା ଲାଇସେନ୍ସ ଓ କାଗଜପତ୍ରରେ ଖୁଚୁରା ବାଣ ଦୋକାନୀଙ୍କୁ ବାଣ ବିକ୍ରି କରୁଥିବା ଖବର ମିଳିବା ପରେ ବିରିଡି ଥାନା ଏଏସ୍‌ଆଇ ବିଚିତ୍ରାନନ୍ଦ ମନ୍ତ୍ରୀଙ୍କ ନେତୃତ୍ୱରେ ତାଙ୍କ ଘର ଉପରେ ଚଢ଼ଉ କରାଯାଇଥିଲା। ସେଠାରୁ ୮୨ କମ୍ପାନୀ ରସୁଣ ବାଣ, ୩୦ କମ୍ପାନୀ ସିଗାରେଟ ବାଣ ଓ ୧୫ କମ୍ପାନୀ ବଡ ଫୁଲଝରୀ ଏଭଳି ମୋଟ ୧୨୭ କମ୍ପାନୀ ବାଣ ଜବତ କରାଯାଇଥିଲା। ଅଭିଯୁକ୍ତ ସୁବ୍ରତ ମହାନ୍ତିକୁ ପୁଲିସ ନିଜ ହେପାଜତକୁ ନେଇଥିବା ଶ୍ରୀ ମାନେ ସୂଚନା ଦେଇଥିଲେ। ସେହିପରି ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅୟର ଠାକୁରସାହିରୁ ବାଣ ତିଆରି ରଞ୍ଜକ, ଗନ୍‌ପାଉଡର ଓ ବାଣ ଜବତ କରାଯାଇଛି। କୁଜଙ୍ଗ ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ଗ୍ରାମରେ ଚଢ଼ଉ କରାଯାଇ ୭ଟି ସୁତୁଲି ବୋମା ଓ ବାରୁଦ ଜବତ କରାଯାଇଥିବାବେଳେ ଅଭିଯୁକ୍ତ ବିଜୟ ପାଣି ଫେରାର ହୋଇଯାଇଥିବା ଶ୍ରୀ ମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରଘୁନାଥପୁର ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ୩୦ଟି ଥ୍ରେଡ ବୋମା, ଅନ୍ୟାନ୍ୟ ବାଣ ଓ ଗନ୍‌ପାଉଡର ଜବତ କରାଯାଇଥିବା ଶ୍ରୀ ମାନେ ସୂଚନା ଦେବା ସହ ଏହି ଅପରେସନ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରିଡି ଥାନା ଆଇଆଇସି ସୁଜାତା ବେହେରା ଓ ସହଯୋଗୀ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ଶାରଦୀୟ ସାହିତ୍ୟ ଆସର




ଜଗତସିଂହପୁର,୨୮ ।୯ (ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକ ନିକଟସ୍ଥ ବୃନ୍ଦାବନ ବିଦ୍ୟାପୀଠ ପରିସରରେ ଶାରଦୀୟ ସାହିତ୍ୟ ଆସର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ମୁଖ୍ୟବକ୍ତା ରୂପେ ପ୍ରାଧ୍ୟାପକ ଡ. ବିଜୟ କୁମାର ବିଶ୍ୱାଳ ଓ କବି ଅଜୟ ବେହେରା ପ୍ରମୁଖ ଯୋଗଦେଇ ଶାକ୍ତ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏଥିରେ ନାଟ୍ୟକାର ଗଣେଶ ମହାନ୍ତି, କବି ପରୀକ୍ଷିତ ମହାନ୍ତି, ତିଲୋତ୍ତମା ଦାଶ, ପଞ୍ଚାନନ ପୋଲାଇ ପ୍ରମୁଖ ଆଲୋଚନା କରିଥିଲେ। ପରେ କବି ପୂର୍ଣ୍ଣାନନ୍ଦ ମହାନ୍ତିଙ୍କ ସଂଯୋଜନାରେ କବି କୈଳାସ ମଲ୍ଲିକ, ଗଣେଶ ମହାନ୍ତି, ପରୀକ୍ଷିତ ମହାନ୍ତି, ରବୀନ୍ଦ୍ର ନାଥ ବେହେରା, ତିଲୋତ୍ତମା ଦାଶ, ଦୁର୍ଯ୍ୟୋଧନ ମହାନ୍ତି, ମନୋରମା ଦାଶ, ପଞ୍ଚାନନ ପୋଲାଇ, ସନ୍ତୋଷ ଦାସ, ଅଜୟ ବାରିକ, ନୀଳକଣ୍ଠ ମିଶ୍ର, ଜୟଶ୍ରୀ ମିଶ୍ର, ଦେବତା ନିର୍ମାଲ୍ୟ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ଉମାକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପରିଷଦର ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା କବିତାର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଦିବଂଗତ ବିଶିଷ୍ଟ ସାହିତ୍ୟିକା ପ୍ରାଧ୍ୟାପିକା ସବିତା ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜ୍ଞାନରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ



ରଘୁନାଥପୁର,୨୮ ।୯ (ସମିସ): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ତାରପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅନ୍ତର୍ଯାମୀ ରାଉତଙ୍କ ମାତା ବିନୋଦିନୀ ରାଉତ (୭୫)ଙ୍କ ଶନିବାର ରାତିରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସାପ କାମୁଡ଼ିବା ପରେ ତାଙ୍କୁ ଜଗତସିଂହପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଦୁଇଦିନ ଧରି ଚିକିତ୍ସା କରି ଡାକ୍ତର ତାଙ୍କୁ ଘରକୁ ପଠାଇ ଦେଇଥିଲେ। କିଛି ଘଣ୍ଟାପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପୁନର୍ବାର ଖରାପ ହେବାରୁ ତାଙ୍କୁ କଟକର ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ତାରପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହିତ ବହୁ ରାଜନୈତିକ ବ୍ୟକ୍ତି ଯୋଗ ଦେଇଥିଲେ। ଜ୍ୟେଷ୍ଠପୁତ୍ର ଅନ୍ତର୍ଯାମୀ ରାଉତ ମୁଖାଗ୍ନି ଦେଇଥିଲେ।

## ଅଳକା ଆର୍ଟ ଏକାଡ଼େମୀର କଳା ଓ ସଙ୍ଗୀତ ସମାରୋହ

ବାଲିକୁଦା,୨୮ ।୮ (ସମିସ): ବାଲିକୁଦା ବ୍ଲକ୍ ମାଛଗାଁ ଅଳକା ଆର୍ଟ ଏକାଡେମୀ ପକ୍ଷରୁ କଳା ଓ ସଙ୍ଗୀତ ସମାରୋହ ଆମ୍ବଶାଳସ୍ଥ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସଭାପତି ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱ ଓ ଏକାଡେମୀ ଅଧ୍ୟକ୍ଷ ଅରୁଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଆଲୋକ ସ୍ୱାଇଁ, ଶିକ୍ଷକ ତ୍ରିଲୋଚନ ନାୟକ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର କଳା ସଂସ୍କୃତିକୁ ସୁରକ୍ଷା ଓ ଏହାର ପ୍ରଚାର ପ୍ରସାର ପାଇଁ ଯେଉଁ ଉଦ୍ୟମ ଜାରି ରହିଛି, ତାହା ପ୍ରଶଂସନୀୟ ବୋଲି ପ୍ରକାଶ କରିଥିଲେ। ଏ ଅବସରରେ ପୂର୍ବାହ୍ନରେ ସଂଗୀତଗୁରୁ ରଞ୍ଜନ ନାଥ, ତବଲାଗୁରୁ ବିନୋଦ ବିଶ୍ୱାଳ, ନୃତ୍ୟଗୁରୁ ନାରାୟଣ ପରିଡା, ଚିତ୍ରକଳାଗୁରୁ ନାରାୟଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଓ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ମଦ ଜବତ, ଜଣେ ଗିରଫ

ପାରାଦୀପ,୨୮ ।୯ (ସମିସ): ପାରାଦୀପ ଲକ୍‌ଥାନା ଅଧୀନ କାଠଗଡ଼ା ନିକଟରୁ ଆଜି ସନ୍ଧ୍ୟାରେ ପୁଲିସ ଜଣେ ମଦ ବେପାରୀକୁ ଗିରଫ କରିବା ସହ ମଦ ଜବଦ କରିଛି। ତା'ର ନାଁ ଯୋଗେନ୍ଦ୍ର ସାହୁ ହୋଇଥିବାବେଳେ ଘର କାଠଗଡା ଗ୍ରାମରେ ବୋଲି ଜଣାପନିଛି। ଆଜି ସନ୍ଧ୍ୟାରେ ସେ ଚୋରାମଦ ବିକ୍ରି କରୁଥିବାବେଳେ ପାଟ୍ରୋଲିଂ ଗାଡ଼ି ହାବୁଡ଼ରେ ପଡିଥିଲା। ତା' ନିକଟରୁ ୩.୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଆସନ୍ତାକାଲି ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

## 'ନବକାକଳି'ର ପୂଜା ବିଶେଷାଙ୍କ ଲୋକାର୍ପିତ



ଜଗତସିଂହପୁର,୨୮ ।୯ (ସମିସ): ଜଗତସିଂହପୁର ଜିଲ୍ଲା କନ୍ତାର ଗ୍ରାମରୁ ୩୦ ବର୍ଷ ଧରି ନିୟମିତ ପ୍ରକାଶ ପାଇଆସୁଥିବା ଏକମାତ୍ର ତ୍ରୈମାସିକ ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକ ପତ୍ରିକା 'ନବକାକଳି'ର ପୂଜା ବିଶେଷାଙ୍କ ଜଗତସିଂହପୁର ସହରର ଗାନ୍ଧୀ ଛକସ୍ଥ ବୃନ୍ଦାବନ ବିଦ୍ୟାପୀଠ ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଛି। ସମ୍ପାଦକ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପତ୍ରିକାର ପରିଚାଳନା ସମ୍ପାଦିକା ମନୋରମା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀରୁ ଓଡ଼ିଆ ଗଳ୍ପ ପାଇଁ ପୁରସ୍କୃତ ଇଂ. ବିଷ୍ଣୁ ସାହୁ, ମୁଖ୍ୟବକ୍ତା ରୂପେ କବି ଅଜୟ ବେହେରା, ବରେଣ୍ୟ ଅତିଥି ଭାବେ ଗୀତିକବି ଉମାକାନ୍ତ ନାୟକ ଓ ନାଟ୍ୟକାର ଡା. କୈଳାସ ମଲ୍ଲିକ ଯୋଗଦେଇ ଓଡ଼ିଶାରେ ଶକ୍ତି ପରମ୍ପରାର ସ୍ୱରୂପ ଓ ଉତରଣ ସଂପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ନବକାକଳିର ପୂଜା ବିଶେଷାଙ୍କ-୨୦୨୫କୁ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୀଳକଣ୍ଠ ମିଶ୍ର, ଶେଷଦେବ ଛୋଟରାୟ, ନିର୍ମାଲ୍ୟ ଷଡ଼ଙ୍ଗୀ, ଗଣେଶ ମହାନ୍ତି, ଜୟଶ୍ରୀ ମିଶ୍ର ସହଯୋଗ କରିଥିବାବେଳେ କବି ଜ୍ଞାନରଞ୍ଜନ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶଲ୍ୟ ଚିକିତ୍ସକ ଡାକ୍ତର ବିଷ୍ଣୁ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ଶିଶୁ ବାଟିକା ମାତୃ କର୍ମଶାଳା

ବାଲିକୁଦା,୨୮ ।୯ (ସମିସ): ବାଲିକୁଦା ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କାନୁନଗୋ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ରମେଶ ପୃଷ୍ଟି ସଭାପତିତ୍ୱ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସସ୍ମିନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ଶ୍ରୀମତୀ ପ୍ରମିଳା ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହସମ୍ପାଦକ ଶରତ ଲେଙ୍କା ମାଆମାନଙ୍କ କର୍ତ୍ତବ୍ୟ ଉପରେ ମାର୍ଗଦର୍ଶନ କରିଥିଲେ। ସମ୍ପାଦକ ନିକୁଞ୍ଜ ବିଶ୍ୱାଳ ବିଦ୍ୟାଳୟର ବ୍ୟବସ୍ଥା ଓ ଅଭିଭାବକଙ୍କ କର୍ତ୍ତବ୍ୟ ଉପରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର ପ୍ରମୁଖ ସୁଦାମ ପରିଡ଼ା ପରିଚାଳନା କରିଥିବାବେଳେ ସଦସ୍ୟ ରାମଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶିଶୁ ବାଟିକା ଗୁରୁମା ନିରୁପମା ମହାନ୍ତି ଶିଶୁ ବାଟିକା ସମ୍ବନ୍ଧରେ ଆଲୋଚନା କରିଥିଲେ।

## ସ୍କୁଟି ସହ ମଦ ଜବତ, ଜଣେ ଗିରଫ

ତିର୍ତ୍ତୋଲ,୨୮ ।୯ (ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ନୂଆପୋଖରୀଠାରେ ତିର୍ତ୍ତୋଲ ଅବକାରୀ ପୁଲିସ ଚଢ଼ଉ କରି ୩.୭୮୦ ଲିଟର ଚୋରା ବିଦେଶୀମଦ, ସ୍କୁଟି ଜବତ କରିବା ସହ ବ୍ୟବସାୟୀକୁ ଗିରଫ କରିଥିବା ଜଣାପଡ଼ିଛି। ତିର୍ତ୍ତୋଲ ଥାନା ନପଙ୍ଗ ଗ୍ରାମର ପ୍ରମୋଦ ମହାନ୍ତି ସ୍କୁଟିରେ ନୂଆପୋଖରିଠାରେ ଚୋରାମଦ ନେଇ ଯାଉଥିବାବେଳେ କୌଣସି ସୂତ୍ରରୁ ତିର୍ତ୍ତୋଲ ଅବକାରୀ ପୁଲିସ ଟିମ ଖବର ପାଇ ଚଢ଼ଉ କରିଥିଲା। ପ୍ରମୋଦ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଅବକାରୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ନୂତନ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୨୮ ।୯ (ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସର ନୂତନ ଭାବେ ସଭାପତି ନିଯୁକ୍ତ ହୋଇଥିବା ଯୁବନେତା ଦେବପ୍ରସାଦ ନାୟକଙ୍କୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଦେବପ୍ରସାଦ ନାୟକ(ଫେଲୁ)ଙ୍କ ମାଆ ଜିଲ୍ଲା ମହିଳା କଂଗ୍ରେସର ସମ୍ପାଦିକା ଥିଲେ। ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ସହିତ ସକ୍ରିୟ ରାଜନୀତିରେ ରହିଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ଫେଲୁ ଗୋବିନ୍ଦପୁରରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଲଢ଼ି ସ୍ୱଳ୍ପ ଭୋଟରେ ପରାସ୍ତ ହୋଇଥିଲେ। ଶ୍ରୀ ନାୟକ ପୂର୍ବରୁ ବିଭିନ୍ନ ସମୟରେ ଛାତ୍ର, ଯୁବ ଓ ପିସିସି ସଭ୍ୟ ଭାବେ ସଫଳତାର ଦାୟିତ୍ୱ ତୁଲାଇ ଆସିଥିବାବେଳେ ୩୫ ବର୍ଷ ଧରି ତୃଣମୂଳ ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟରେ କଂଗ୍ରେସ ପାଇଁ କାମ କରୁଥିଲେ। ସେ ସଭାପତି ହେବା ଫଳରେ ଜିଲ୍ଲାରେ କଂଗ୍ରେସ ତା'ର ପୂର୍ବ ଅବସ୍ଥାକୁ ଫେରିବ ଓ ସଂଗଠନ ସୁଦୃଢ଼ ହେବ ବୋଲି କଂଗ୍ରେସ କର୍ମୀ ଆଶାବ୍ୟକ୍ତ କରିଛନ୍ତି।

ଶ୍ରୀ ନାୟକଙ୍କୁ ଟାଉନ ହଲ୍‌ସ୍ଥ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପାରଦୀପ ମ୍ୟୁନିସିପାଲିଟିର ପୂର୍ବତନ ସଭାପତି କେଦାର ବିଶ୍ୱାଳ, ପୂର୍ବତନ କୁଜଙ୍ଗ ବ୍ଲକ୍ କଂଗ୍ରେସ ସଭାପତି ନିହାର ଦାସ, କାଉନସିଲର କେଦାର ଜେନା, ଦେବୀପ୍ରସାଦ ସାମନ୍ତରାୟ, ପଦ୍ମସମ୍ଭୁତ ମହାନ୍ତି, ଧ୍ରୁବଚରଣ ମହାପାତ୍ର, ସରୋଜ ପ୍ରଧାନ, ତ୍ରିନାଥ ମହାନ୍ତି, ମୀନତି ପଡିହାରି, ଜ୍ୟୋତିରଞ୍ଜନ ଦାସ, ନାରାୟଣ ସ୍ୱାଇଁ, ନୂତନ ତ୍ରିପାଠୀ, ମନୋରମା ଖଟୁଆ, ରବୀନ୍ଦ୍ର ମଲ୍ଲିକ, ଯୁବ ନେତା ଅବିନାଶ ମଲ୍ଲିକ, ଜଗତସିଂହପୁର ଯୁବ କଂଗ୍ରେସ ସଭାପତି ସୋରୁପ କାନୁନଗୋ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତଥା ସରପଂଚ ସଫି ଆଜମ୍, ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ବିକ୍ରମ ଦାଶ, ପ୍ରଦୀପ୍ତ ଶତପଥୀ, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ପୂର୍ବତନ ତିର୍ତ୍ତୋଲ ବ୍ଲକ କଂଗ୍ରେସ ଉପସଭାପତି ଅଶ୍ୱିନୀ ସ୍ୱାଇଁ, ଦେବୀପ୍ରସାଦ ପରିଡା, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର, ଜନ୍ମଜୟ ମଲ୍ଲିକ, ପ୍ରାଚୀ ଚୟନୀ, ରାମ ନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ।

## ଏଏମ୍/ଏନ୍‌ଏସ୍ ପୋର୍ଟ୍ସ ପକ୍ଷରୁ ବେଳାଭୂମି ସଫେଇ



ପାରାଦୀପ,୨୮ ।୯ (ସମିସ): ଏଏମ୍/ଏନ୍‌ଏସ୍ ପୋର୍ଟ୍ସ ପକ୍ଷରୁ ଏହାର ସିଏସ୍‌ଆର ପଦକ୍ଷେପ ଅନ୍ତର୍ଗତ ସ୍ଥାନୀୟ ପୌରପାଳିକା ସହଯୋଗରେ ପାରାଦୀପ ସମୁଦ୍ର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପରିଷ୍କାର ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା, ପରିବେଶ ସ୍ଥାୟିତ୍ୱକୁ ପ୍ରୋତ୍ସାହନ ଦେବା ଓ ପାରାଦୀପ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ସଂରକ୍ଷଣ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ସମୁଦ୍ର ତଟର ବ୍ୟାପକତାକୁ ଦୃଷ୍ଟିରେ ରଖି କମ୍ପାନୀ ଏହି ଅଭିଯାନର ପ୍ରଭାବକୁ ବୃଦ୍ଧି କରିବା ପାଇଁ ବେଳାଭୂମିର ସବୁଠୁ ଜନଗହଳିପୂର୍ଣ୍ଣ ସ୍ଥାନରେ ସଫେଇ କରିଥିଲା। ଏଏମ୍/ଏନ୍‌ଏସ୍ ପୋର୍ଟ୍ସର ପ୍ରାୟ ୬୦ ଜଣ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ପୌରପାଳିକା ଅଧିକାରୀ ଓ ସ୍ଥାନୀୟ କାଉନସିଲର ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରି ବର୍ଜ୍ୟବସ୍ତୁ ହଟାଇବା ଓ ବେଳାଭୂମିର ସ୍ୱଚ୍ଛତା ବଜାୟ ରଖିବାରେ ସହାୟତା କରିଥିଲେ। ୧୫୦ କିଲୋଗ୍ରାମରୁ ଅଧିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ସ୍ଥାନୀୟ ପୌରପାଳିକାକୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କାଉନସିଲର ଶ୍ରୀମତୀ କବିତା ସାହୁ, ଏଏମ୍/ଏନ୍‌ଏସ୍ ପୋର୍ଟ୍ସ ପ୍ରୋକଉରେମେଣ୍ଟ ବିଭାଗ ମୁଖ୍ୟ ଅନନ୍ତ ସୁବୁଦ୍ଧି ରାୟ ଓ ଏଏମ୍ / ଏନ୍‌ଏସ୍ ପୋର୍ଟ୍ସ ଫାଇନାନ୍ସ ବିଭାଗ ମୁଖ୍ୟ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଏମ୍/ ଏନ୍ ଏସ୍ ପୋର୍ଟସ୍ ସ୍ଥାନୀୟ ଗୋଷ୍ଠୀ ସଦସ୍ୟଙ୍କ ସହଯୋଗରେ ଭବିଷ୍ୟତରେ ମଧ୍ୟ ସମାନ ପଦକ୍ଷେପ ନେବାକୁ ଯୋଜନା ପ୍ରସ୍ତୁତ କରୁଛି।

## ୪୨ ଗ୍ରାମ୍ ହେରୋଇନ୍ ଓ ଦେଶୀମଦ ସହ ବାଇକ୍ ଜବତ

ଜଗତସିଂହପୁର,୨୮ ।୯ (ସମିସ): ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରହିଛି। ଏହି କ୍ରମରେ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଟାଧାରୀ ମୁହାଣ ଥାନା ଅନ୍ତର୍ଗତ ଷଣ୍ଢକୁଦ ଅଞ୍ଚଳସ୍ଥ ଲାଇଟ୍ ହାଉସ୍ ନିକଟରୁ ୪୨ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ଯାହାର କଳାବଜାର ମୂଲ୍ୟ ପ୍ରାୟ ୪୨୦୦୦୦ ଟଙ୍କା। ଏହି ଅଭିଯାନରେ ସୁରଞ୍ଜନ ମଣ୍ଡଳ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଅନ୍ୟଏକ ଘଟଣାରେ ଏସ୍‌ଆଇ ଶ୍ରୀଧର ସିଂ, ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ଛକ ନାରାୟଣ ମନ୍ଦିର ନିକଟରୁ ୪.୮୦୦ ଲିଟର ଦେଶୀମଦ ସହିତ ଗୋଟିଏ ବାଇକ୍ ଜବତ କରିଛନ୍ତି। ଏ ଘଟଣାରେ ନିରାକାର ନାଥ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି।

## 'ଓଡ଼ିଆ ଭାଷା ସାହିତ୍ୟକୁ ରାଧାନାଥଙ୍କ ଅବଦାନ ଅବିସ୍ମରଣୀୟ'

ଜଗତସିଂହପୁର,୨୮ ।୯ (ସମିସ): ଓଡ଼ିଆ ଭାଷା ସାହିତ୍ୟକୁ କବିବର ରାଧା ।ନାଥ ରାୟଙ୍କ ଅବଦାନ ଓ ଏହାର ଶ୍ରୀବୃଦ୍ଧି କରିବାରେ ତାଙ୍କର ବଳିଷ୍ଠ ଭୂମିକା ଅବିସ୍ମରଣୀୟ। ପ୍ରାଚ୍ୟ ଓ ପାଶ୍ଚାତ୍ତ ସାହିତ୍ୟର ଅପୂର୍ବ ସମନ୍ୱୟର ମୂଳଦୁଆ ପକାଇଥିଲେ ସ୍ୱର୍ଗତ ରାୟ। ସେଥିପାଇଁ ତାଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା କୁହାଯାଏ ବୋଲି ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାର ପରିସରରେ ୧୭୭ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ ଅଧ୍ୟକ୍ଷତା କରି କବିବର ରାଧାନାଥ ରାୟଙ୍କ ସାହିତ୍ୟ କୃତି ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ରାଧାନାଥଙ୍କ କାବ୍ୟ ସମ୍ଭାର, ଚିଲିକା, ଚନ୍ଦ୍ରଭାଗା, ଉଷା, ପାର୍ବତୀ, ମହାଯାତ୍ରା ଓ ଦରବାର ପ୍ରଭୃତି ତାଙ୍କର ଗୋଟିଏ ଗୋଟିଏ କାଳଜୟୀ ସୃଷ୍ଟି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଜୟ ପତି କବିବର ରାଧାନାଥ ଏକାଧାରରେ ଜଣେ ଶିକ୍ଷାବିତ, ଶିକ୍ଷା ପ୍ରଶାସକ, କବି ଓ ପ୍ରାବନ୍ଧିକ ଭାବେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ୍ ସତ୍ୟବାଦୀ ଦାସ, ବିକ୍ରମ ଜେନା ଓ ସତ୍ୟବାଦୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଜୟ କୁମାର ପତି ଧନ୍ୟବାଦ ଦେଇଥିଲେ।

### ● ଶ୍ରୀଲୋକନାଥ ଅଟୋ ଓନର୍ସ ଆସୋସିଏସନ୍ କର୍ମକର୍ତ୍ତା ନିର୍ବାଚନ

## ସଞ୍ଜୟ ବେହେରା ସଭାପତି, ବଜ୍ରକିଶୋର ସେଠୀ ସମ୍ପାଦକ



ପାରାଦୀପ,୨୮ ।୯ (ସମିସ): ଶ୍ରୀଲୋକନାଥ ଅଟୋ ଓନର୍ସ ଆସୋସିଏସନର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ନିର୍ବାଚିତ ହୋଇଛନ୍ତି। ଆଜି ଆସୋସିଏସନର ବାର୍ଷିକ ସମ୍ମିଳନୀ ପାରାଦୀପଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ହୋଇ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ୨୦୧୦ରେ ପାରାଦୀପଗଡ଼ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଏହି ଆସୋସିଏସନର ସଭାପତି ସଞ୍ଜୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଆୟବ୍ୟୟ ରିପୋର୍ଟ ପ୍ରଦାନ କରିଥିଲେ। ସଭ୍ୟ ବିଭିନ୍ନ ସୁବିଧା, ଅସୁବିଧା ସଂମ୍ପର୍କରେ ଅଭିଯୋଗ କରିବା ସହିତ ନୂତନ ପ୍ରସ୍ତାବ ପ୍ରଦାନ କରିଥିଲେ। ପରେ ୨୦୨୫-୨୬ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଆଇନଜୀବୀ ସଞ୍ଜୟ ବେହେରା, ଉପସଭାପତି ଭାବେ କୃଷ୍ଣଚନ୍ଦ୍ର ସେଠୀ, ସମ୍ପାଦକ ବ୍ରଜକିଶୋର ସେଠୀ, କୋଷାଧ୍ୟକ୍ଷ ନାରାୟଣ ବର୍ମନ, ଉପକୋଷାଧ୍ୟକ୍ଷ ସେକ ରାଜା ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ କମିଟି ପାଇଁ ପ୍ରସନ୍ନ ବଳିୟାରସିଂ, ଶିତୁନ ମଲ୍ଲିକ, ଅଜୟ ଗାୟନ, ଚିନ୍ମୟ ମଲ୍ଲିକ, ତପନ ମଣ୍ଡଳ, ମନୋରଞ୍ଜନ ତ୍ରିପାଠୀ, ଜିତେନ୍ଦ୍ର ନାୟକ, ରାଜୀବ ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଆଗମୀ ଦିନରେ ସମସ୍ତ ୧୦୦ ଜଣ ଅଟୋ ମାଲିକଙ୍କ ଡ୍ରେସ କୋଡ ଓ ବୀମା କରାଯିବ ବୋଲି ସଭାପତି ଶ୍ରୀ ବେହେରା ପ୍ରକାଶ କରିଥିଲେ।

# 'ବୃକ୍ଷରାଜିର ମହନୀୟ ଅବଦାନ ଅତୁଳନୀୟ' ଶୀର୍ଷକ ଆଲୋଚନାଚକ୍ର

ଜଗତସିଂହପୁର,୨୮ ।୯ (ସମିସ):

ପରିବେଶ ସୁରକ୍ଷା କ୍ଷେତ୍ରରେ ବାସ୍ତବଧର୍ମୀ ଓ ସଚେତନତାମୂଳକ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଆସୁଥିବା ଇନ୍‌ସାଫ ଓ ଅଲାଣ୍ଡୋସ୍ଥ ବୀଣାପାଣି ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ବିରିଡ଼ି ବ୍ଲକ୍ ଅନ୍ତର୍ଗତ ତେନ୍ତୁଳିଆସ୍ଥ କାକଗୋସ୍ୱାମୀ ପୀଠସ୍ଥଳୀରେ ବୃକ୍ଷରାଜିର ମହନୀୟ ଅବଦାନ ଅତୁଳନୀୟ ଶୀର୍ଷକ ଆଲୋଚନାଚକ୍ର, କବିତା ଆସର, ସମ୍ବର୍ଦ୍ଧନା ପ୍ରଦାନ ଓ ଫଳଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ବାବା ବିପିନ ବିହାରୀ ପରିଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କବି ରାମଚନ୍ଦ୍ର ଶତପଥୀ ଓ ଶର୍ମିଷ୍ଠା ସାହୁଙ୍କ ସଂଯୋଜନାରେ



୨୦ରୁ ଅଧିକ କବି ବୃକ୍ଷରାଜିର ସୁରକ୍ଷା ଓ ମହନୀୟ ଅବଦାନ ସମ୍ପର୍କିତ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଶିକ୍ଷାବିତ୍ ନିକୁଞ୍ଜ ବିହାରୀ ଭଞ୍ଜଙ୍କ ଅଧ୍ୟକ୍ଷତାରେ ମେରା ଯୁବ ଭାରତର ଜିଲ୍ଲା ଯୁବ ଅଧିକାରୀ ନିଖିଲ କୋକୁଲା ମୁଖ୍ୟଅତିଥି, ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ମହାନ୍ତି ମୁଖ୍ୟବକ୍ତା, ବିରିଡି ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ପ୍ରକାଶ ଦାଶ ଓ ମଠର ମୁଖ୍ୟ ପରିଚାଳକ ପ୍ରଦୀପ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବଜଗତ ତିଷ୍ଠି ରହିବା ସହ ଏହାର ସ୍ଥିତି ବଜାୟ ରଖିବା ଓ ପ୍ରଗତି ପଥରେ ଆଗେଇବାରେ ବୃକ୍ଷରାଜିର ମହନୀୟ ଅବଦାନର ବିକଳ୍ପ ନାହିଁ ବୋଲି ଦର୍ଶାଇଥିଲେ। ଏ ଅବସରରେ ଗଛ ମଣିଷ କାର୍ତ୍ତିକ ମୁଦୁଲି ଓ ତାଙ୍କ ସହଧର୍ମିଣୀ କନକଲତା ପରିଡା, ମଠାଧୀଶ ଶ୍ରୀ ପରିଡା ଓ କାର୍ଯ୍ୟକ୍ରମ ସଂଯୋଜକ ସାହିତ୍ୟିକ ବନମାଳୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କବିଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଂଯୋଜକ ଶ୍ରୀ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ସ୍ମିତା ଦାସ ନ୍ୟବାଦ ଅର୍ପଣ କରିଥିଲେ।

# ମା'ଙ୍କ ମହାସପ୍ତମୀ ପୂଜା ଉପଲକ୍ଷେ କଳସଯାତ୍ରା

ଢେଙ୍କାନାଳ, ୨୮ ।୯ (ସମିସ): ସ୍ଥାନୀୟ ଦୁର୍ଗାବଜାରସ୍ଥିତ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଉପଲକ୍ଷେ ଭାଗୀରଥି ସାଗର କୂଳରୁ ପୂଜାର୍ଚ୍ଚନା କରାଯାଇ ମା' ସନ୍ତୋଷୀ କୀର୍ତ୍ତନମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ସହିତ ସହର ପରିକ୍ରମା କରାଯାଇ କଳସଯାତ୍ରା ଅନୁଷ୍ଠିତ ହୋଇଛି । ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନ ପରେ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ସପ୍ତସତୀ ଚଣ୍ଡୀପାଠ, ଯଜ୍ଞ ଓ ବିଭିନ୍ନ ପ୍ରକାର ଭୋଗ ମା'ଙ୍କ ପାଖରେ ଲାଗି ହୋଇଥିଲା । ମଧ୍ୟାହ୍ନରେ ଭକ୍ତମାନେ ପ୍ରସାଦସେବନ କରିଥିଲେ । ମୁଖ୍ୟ ପୂଜକ ଗତୀକୃଷ୍ଣ ମିଶ୍ର, ସହଯୋଗୀ ଶଶିଭୂଷଣ ହୋତା, ଅଜିତ କୁମାର ନନ୍ଦ ପୂଜା ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବେ ପ୍ରଦୀପ କୁମାର ଛୋଟରାୟ ଓ ମଞ୍ଜୁବାଳା ଛୋଟରାୟ ଦାୟିତ୍ୱ ତୁଲାଇଥିଲେ । ପୁଷ୍ପାଞ୍ଜଳି ପଟ୍ଟନାୟକ, କଳ୍ପନା ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ପ୍ରତୀଶ ପଟ୍ଟନାୟକ, ହୀନ ପ୍ରଧାନ, ଶୁଭଲକ୍ଷ୍ମୀ ଦାସ,



ପ୍ରଭାତୀ ମହାନ୍ତି, ଜ୍ୟୋତିର୍ମୟୀ ମହାନ୍ତି, ସଞ୍ଜୁକ୍ତା ସାହୁ, ସୁଶାନ୍ତ ଦାସ, ସୁକାନ୍ତ କୁମାର, ଲତା ମହାନ୍ତି, ବାସନ୍ତି ଦାସ, ଲିପ୍ସା ନନ୍ଦ, ବିନୋଦିନୀ ବେହେରା, ସଭାପତି ପ୍ରକାଶ କୁମାର ମହାନ୍ତି ଓ ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି ସହଯୋଗ କରିଥିଲେ ।

# ଲଗାଣ ବର୍ଷା ଉଜାଡ଼ିଦେଲା ଚାଷୀଙ୍କ ଜୀବିକା

ଢେଙ୍କାନାଳ, ୨୮ ।୯ (ସମିସ)

ଢେଙ୍କାନାଳ ଜିଲ୍ଲାରେ ଗତ ତିନିମାସ ଧରି ବର୍ଷା ଲାଗିରହିଛି । ଶୀତଋତୁରେ ପନିପରିବା ଚାଷ ପାଇଁ ଚାଷୀମାନେ ଚାହିଁ ବସିଥିବାବେଳେ ବର୍ଷା ଯୋଗୁଁ ଜମି ଅନୁକୂଳ ହେଉ ନ ଥିବାରୁ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି ।

ଢେଙ୍କାନାଳ ଜିଲ୍ଲାରେ ଖରିଫ ଋତୁ ପରେ ପରେ ଅଗଷ୍ଟ ମାସରୁ ଉଚ୍ଚ ଜମିରେ ବିଭିନ୍ନ ପନିପରିବା ଚାଷ କରାଯାଏ । ଖରିଫ ଋତୁରେ ଧାନଚାଷ ସହ ରବି ଋତୁରେ ମୁଗ, ବିରି, ହରଡ଼, ବାଦାମ, ସୂର୍ଯ୍ୟମୁଖୀ, ଆଳୁ, କନ୍ଦମୂଳ ଓ ଅନ୍ୟାନ୍ୟ ପନିପରିବା ଚାଷ କରାଯାଏ । ଏହା ସହିତ ଅଗଷ୍ଟ ମାସରୁ ବିଭିନ୍ନ ଶାଗ, କୋବି, ମୂଳା, ଭେଣ୍ଡି, କଲରା, ଝୁଡ଼ଙ୍ଗ, ଜହ୍ନି, କଖାରୁ, କାଙ୍କଡ଼, ପୋଇ, ବାଇଗଣ, ସାରୁ ଚାଷ କରାଯାଏ । ମୁଖ୍ୟତଃ ଅଗଷ୍ଟ ମାସ ବେଳକୁ ବାଇଗଣ ଚାଷ କରାଯାଉଥିବା ବେଳେ ଫୁଲକୋବି ପାଇଁ ଚାରା ପ୍ରସ୍ତୁତ କରାଯାଇ ଲଗାଯାଇଥାଏ । ଏହା ସହ ଲଙ୍କା, ଟମାଟୋ ଚାଷ ପାଇଁ ଚାରା ପଡ଼ିବା ପରେ ଜମି ସାମାନ୍ୟ ପାଗ ହେବା ମାତ୍ରେ ଚାଷ କରାଯାଇଥାଏ । ଫଳରେ ଅକ୍ଟୋବର ଆରମ୍ଭରୁ ଚାଷୀମାନେ ଏହାକୁ ବିକ୍ରି କରି ଭଲ ରୋଜଗାର କରିଥାନ୍ତି । ଜିଲ୍ଲାରେ ମୋଟ ୮୭ ହଜାରରୁ ଅଧିକ ହେକ୍ଟର ଜମିରେ ପନିପରିବା ଚାଷ କରାଯାଏ । ଜିଲ୍ଲାର ଶଙ୍କରପୁର, ଗୋବିନ୍ଦପୁର ସହ ଗଁଦିଆ ଅଞ୍ଚଳରେ ଅଧିକ ଚାଷ କରାଯାଇ ସମଗ୍ର ଜିଲ୍ଲା ସମେତ ଜିଲ୍ଲା ବାହାରକୁ ମଧ୍ୟ ଯୋଗାଣ ହୋଇଥାଏ । କିନ୍ତୁ ଗତ ତିନିମାସ ଧରି ଲଗାଣ ବର୍ଷା ଯୋଗୁଁ ପନିପରିବା ଚାଷ ଆରମ୍ଭ ହୋଇପାରିନାହିଁ । ଉତ୍ପାଦନ ଆରମ୍ଭ ହୋଇ ନ ଥିବାରୁ ଏବେ ପରିବା ଦର ବି ଅଧିକ ରହିଛି । ଚାଷୀମାନେ ପନିପରିବା ଚାଷ ପାଇଁ ଚାରା ପ୍ରସ୍ତୁତ କରିଥିବା ବେଳେ ବର୍ଷା ବାଧକ ସାଜିଛି ।

**ବ୍ୟାପକ ପନିପରିବା ଫସଲ ପ୍ରଭାବିତ**

ଚଳିତବର୍ଷ ଜିଲ୍ଲାରେ ଜୁଲାଇ ମାସରେ ହାରାହାରି ୨୫୬ ମିମି ବର୍ଷା ରେକର୍ଡ କରାଯାଇଛି । ଭୁବନ ବ୍ଲକରେ ୪୯୩ ମିମି, ସଦର ବ୍ଲକରେ ୨୨୩ ମିମି, ଗଁଦିଆରେ ୨୩୭ ମିମି, ହିନ୍ଦୋଳରେ ୧୩୪ ମିମି, କାମାକ୍ଷାନଗରରେ ୨୬୧ ମିମି, କଙ୍କଡ଼ାହାଡ଼ରେ ୩୧୪ ମିମି, ଓଡ଼ାପଡ଼ାରେ ୨୧୧ ମିମି, ପରଜଙ୍ଗରେ ୧୭୫ ମିମି ବର୍ଷା ହୋଇଛି । ସେହିପରି ଅଗଷ୍ଟରେ ହାରାହାରି ୨୪୦.୫ ମିମି ବର୍ଷା ହୋଇଥିବା ବେଳେ ଭୁବନ ବ୍ଲକରେ ୩୧୭ ମିମି, ସଦର ବ୍ଲକରେ ୧୯୭ ମିମି, ଗଁଦିଆରେ ୨୫୮ ମିମି, ହିନ୍ଦୋଳରେ ୨୫୯ ମିମି କାମାକ୍ଷାନଗରରେ ୨୭୪ ମିମି, କଙ୍କଡ଼ାହାଡ଼ରେ ୨୦୭ ମିମି, ଓଡ଼ାପଡ଼ାରେ ୧୧୭ ମିମି, ପରଜଙ୍ଗରେ ୨୩୩ ମିମି ବର୍ଷା ହୋଇଛି । ସେପ୍ଟେମ୍ବର ମାସରେ ଆଜିସୁଦ୍ଧା ହାରାହାରି ୨୬୨.୮୭ ମିମି ବର୍ଷା ହୋଇଥିବା ବେଳେ ଭୁବନରେ ୪୮୦ ମିମି, ସଦର ବ୍ଲକରେ ୧୬୪ ମିମି, ଗଁଦିଆରେ ୨୬୬ ମିମି, ହିନ୍ଦୋଳରେ ୨୦୩ ମିମି, କାମାକ୍ଷାନଗରରେ ୨୭୫ ମିମି, କଙ୍କଡ଼ାହାଡ଼ରେ ୨୯୫ ମିମି, ଓଡ଼ାପଡ଼ାରେ ୧୪୭ ମିମି, ପରଜଙ୍ଗରେ ୨୭୦ ମିମି ବର୍ଷା ରେକର୍ଡ କରାଯାଇଛି । ବର୍ଷା ଲାଗିରହିବା ତଥା ମାଟି ପାଗ ହେଉ ନ ଥିବାରୁ ପରିବା ଚାଷ ଆଗେଇ ପାରୁନାହିଁ । ସୂଚନାଯୋଗ୍ୟ, ଜିଲ୍ଲାରେ ଉତ୍ପାଦିତ ଟମାଟୋ, ଫୁଲକୋବି, ବାଇଗଣ, ବିନ, ଝୁଡ଼ଙ୍ଗ ଆଦି ପରିବା ଭୁବନେଶ୍ୱର, କଟକ ଖାଉଟିମାନଙ୍କ ଚାହିଦା ମେଣ୍ଟାଇଥାଏ ।

## ନବରାତ୍ରର ସପ୍ତମ ଦିବସରେ ମା'ଙ୍କ କାଳରାତ୍ରି ବେଶ



ଢେଙ୍କାନାଳ, ୨୮ ।୯ (ସମିସ): ଶାରଦୀୟ ନବରାତ୍ରର ସପ୍ତମ ଦିବସରେ ମା'ଙ୍କ କାଳରାତ୍ରି ବେଶ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀ ରବିବାର କାଳରାତ୍ରି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ଭୋଗ ଲାଗି ହୋଇଥିଲା । ମଧ୍ୟାହ୍ନରେ ମହାସ୍ନାନ କରାଯାଇ ମା'ଙ୍କ କାଳରାତ୍ରି ବେଶ ଅନୁଷ୍ଠିତ ହୋଇଥିଲା । ଷୋଡ଼ଶ ଉପଚାରରେ ପୂଜା କରାଯାଇ ୧୦୦୮ ବେଲପତ୍ର ଲାଗି ହୋଇଥିଲା । ମଣ୍ଡଳ ପୂଜା, କଳସ ପୂଜା, ସପ୍ତଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି, ସନ୍ଧ୍ୟାରେ ଆଳତୀ ପରେ ପହଡ଼ ପଡ଼ିଥିଲା । ପୂଜକ ଲିଙ୍ଗରାଜ ପତିଶର୍ମା, ମନ୍ଦିର ପୂଜକ ଆପୁଲ ରଣା ଓ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା ।

ସେହିପରି ସ୍ଥାନୀୟ କୁଞ୍ଜକାନ୍ତ ଠାରେ ମା' ବନଦୁର୍ଗାଙ୍କ ପୀଠରେ ମା'ଙ୍କ କାଳରାତ୍ରି ବେଶ ଅନୁଷ୍ଠିତ ହୋଇଛି । ପୂଜକ କାମାକ୍ଷାପ୍ରସାଦ କରଶର୍ମା, ଚିତ୍ତରଞ୍ଜନ ଦାସଶର୍ମା, ମନ୍ଦିର ପୂଜକ ସୂର୍ଯ୍ୟକାନ୍ତ ମିଶ୍ରଶର୍ମା, କର୍ତ୍ତା ରଞ୍ଜନ ପାଣି, ମିନତୀ ପାଣି, ଦେବାଶିଷ ମହାପାତ୍ର, ମୌସୁମୀ ପଣ୍ଡିତଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା ।



## ମା' କନକଦୁର୍ଗାଙ୍କ ସରସ୍ୱତୀ ଦେବୀ ବେଶ



ଢେଙ୍କାନାଳ, ୨୮ ।୯ (ସମିସ): ସ୍ଥାନୀୟ ଦେଉଳସାହି ଯୁବୁଲି ଟାଉନସ୍ଥିତ ମା' କନକଦୁର୍ଗାଙ୍କ ମନ୍ଦିରରେ ରବିବାର ମା'ଙ୍କ ସରସ୍ୱତୀ ଦେବୀ ବେଶ ଅନୁଷ୍ଠିତ ହୋଇଛି । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ, ଭୋଗ ଲାଗି ହୋଇଥିଲା । ସକାଳ ସାଢ଼େ ୯ଟାରେ ପଣା ଭୋଗ, ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧିପ ଲାଗି କରାଯାଇଥିଲା ।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ଖଜୁରିଆକଟା, ୨୮ ।୯ (ସମିସ): ହିନ୍ଦୋଳ ଉପଖଣ୍ଡ ସାନ ହିନ୍ଦୋଳ ଗ୍ରାମର ଭାବ ସାହୁ (୫୫) ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ରବିବାର ସନ୍ଧ୍ୟାରେ ଭାବ ଘର ନିକଟ ଜମିକୁ ଯାଇଥିବା ବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା । ଭାବଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚିବାରୁ ହାତୀ ପଳାଇ ଯାଇଥିଲା । ପରେ ଭାବଙ୍କୁ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି । ହିନ୍ଦୋଳ ବନାଞ୍ଚଳରେ ଶହେରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବା ବେଳେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।



# ସାଇବର ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ, ୨୮ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ପୁଲିସ ତରଫରୁ ଦିନିକିଆ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଭିନ୍ନ ସମୟରେ ସାଇବର ଅପରାଧ ଘଟୁଛି ।

ଏହି ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଓ ପୁଲିସ ଅଧିକାରୀ, କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବାକୁ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ରିସୋର୍ସ ପର୍ସନ ଭାବେ ଲିଙ୍ଗରାଜ ସେଠୀ, ସତ୍ୟରୂପ ଦାସ, ଦିଲୀପ ରଞ୍ଜନ ପରିଡ଼ା, ଅଜିତ କୁମାର ଦାସ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପୁଲିସ ଏସଆଇ, ଏଏସଆଇ, କନଷ୍ଟେବଳମାନେ ଯୋଗଦେଇଥିଲେ । ଏସପି ଅଭିନବ ସୋନକର ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ବିଜୟା ଦଶମୀ ଓ ଶତବାର୍ଷିକୀ ଉତ୍ସବ ଉଦଘାଟିତ

ଢେଙ୍କାନାଳ, ୨୮ ।୯ (ସମିସ): ଚଳିତ ବର୍ଷ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ପ୍ରତିଷ୍ଠାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ବିଜୟା ଦଶମୀ ଉତ୍ସବ ସହ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ଉଦଘାଟନ ଉତ୍ସବ ପାଳନ କରାଯିବ । ଜିଲ୍ଲାର ୩୨ ସ୍ଥାନରେ ବିଜୟାଦଶମୀ ସୁଦ୍ଧା ଏହି ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବ । ପ୍ରଥମେ ଘୋଷବାଦ୍ୟ ସହ ଭବ୍ୟ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତାଧିକ ସ୍ୱୟଂ ସେବକ ଏଥିରେ ଯୋଗଦେଇଥିଲେ । ଦୀପ ପ୍ରଜ୍ୱଳନ ଓ ଶସ୍ତ୍ରପୂଜନ କରାଯାଇ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସହବିଭାଗ ସଂଘ ଚାଳକ ହୃଦାନନ୍ଦ ଶତପଥୀ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲୀପଚାନ୍ଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସହପ୍ରାନ୍ତ କାର୍ଯ୍ୟବାହ ସୁଦର୍ଶନ ଦାସ ଉପସ୍ଥିତ ଥିଲେ । ନଗର କାର୍ଯ୍ୟବାହ ବିନୟ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।



# ଗନ୍ଦିଆ ବ୍ଲକ ବରିଷ୍ଠ ନାଗରିକ ସମ୍ମିଳନୀ



ଗନ୍ଦିଆ, ୨୮ ।୯ (ସମିସ): ସ୍ଥାନୀୟ ପୋରୁହାଖୋଜ ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଗନ୍ଦିଆ ବ୍ଲକ ବରିଷ୍ଠ ନାଗରିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦ ସଭାପତି ଦୁର୍ଗାଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ଓ ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ଡ. ହରେକୃଷ୍ଣ କର, ଉପସଭାପତି ବିନାୟକ ଶତପଥୀ, ଶିକ୍ଷାବିତ୍ କ୍ଷୀରୋଦ ନାୟକ, ସଂଯୋଜକ ଅମ୍ବିକା ବରାଳ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସୁବିଧା, ଅସୁବିଧା, ଭତ୍ତା ଓ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ । ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର ହୋଇଛି । ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବରିଷ୍ଠ ନାଗରିକ ବୁଦ୍ଧଦେବ ପ୍ରଧାନ, ନିତ୍ୟାନନ୍ଦ ରାଉତ, ବିପିନ ସିଂହ, ମଙ୍ଗରାଜ ବାରିକ, ନକୁଳ ରାଉତ, ଖଗେଶ୍ୱର ମହାନ୍ତି, ହେମନ୍ତ ବ୍ରହ୍ମ, ରବିନାରାୟଣ ରାଉଳ, ନିତ୍ୟାନନ୍ଦ ରାଉତ, ପୀତବାସ ରାଉତ, ଗଣେଶ୍ୱର ପ୍ରଧାନ, ଅଭିମନ୍ୟୁ ମାହାଲିକ, ପ୍ରଦୀପ କୁମାର ସାହୁ, ରାମଚନ୍ଦ୍ର ସାହୁ, ରାମଚନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଓସିଏସ୍ ପରୀକ୍ଷାରେ ହିନ୍ଦୋଳର ସୌମ୍ୟରଞ୍ଜନଙ୍କ ସଫଳତା



ଖଜୁରିଆକଟା, ୨୮ ।୯ (ସମିସ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ହିନ୍ଦୋଳ ଏନଏସି ୬ନଂ ୱାର୍ଡ ଶରଧାପୁର ଗ୍ରାମର ସୌମ୍ୟରଞ୍ଜନ ବେହେରା କୃତକାର୍ଯ୍ୟ ହୋଇଛନ୍ତି । ଅକ୍ଷୟ କୁମାର ବେହେରାଙ୍କ ବଡ଼ପୁଅ ସୌମ୍ୟରଞ୍ଜନ ହିନ୍ଦୋଳ ଶିଶୁମନ୍ଦିରରୁ ବିଦ୍ୟାରମ୍ଭ କରି ୨୦୧୪ରେ ମାଟ୍ରିକ ପାସ କରିଥିଲେ । ଇ-ଟେକ ରେସିଡେନ୍ସିଆଲ କଲେଜରୁ ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ହୋଇ ବୁର୍ଲା ଇଞ୍ଜିନିୟରିଂ କଲେଜରେ ଇଞ୍ଜିନିୟରିଂ ପଢ଼ିଥିଲେ । ପରେ ଭୁବନେଶ୍ୱର ଇନ୍‌ଫୋସିସ୍‌ରେ ଯୋଗଦେଇଥିଲେ । ଏବେ ସେ ସମ୍ବଲପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ଥିବାବେଳେ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ । ଚଳିତବର୍ଷ ୨୭୮ ସ୍ଥାନରେ ରହି ସଫଳତା ପାଇଛନ୍ତି । ଏଥିପାଇଁ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୌମ୍ୟରଞ୍ଜନଙ୍କ ଏହି କୃତିତ୍ୱ ପାଇଁ ପରିବାର ସହ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

## ନାଳରେ ବୁଡ଼ି ବୃଦ୍ଧ ମୃତ

ଢେଙ୍କାନାଳ, ୨୮ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା କନ୍ତୋର ଗାଁ ବସଷ୍ଟାଣ୍ଡ ନିକଟ ନାଳରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କନ୍ତୋର ଗାଁର ବସନ୍ତ ବିଶ୍ୱାଳ । ବସନ୍ତ ଘର ପାଖ ନାଳକୁ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ବୁଡ଼ିଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥଇଲା । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।

## ଧାନରେ ଥୋଡ଼ ବାହାରିଲାଣି; ଚାଷୀଙ୍କୁ ସାର ମିଳିନି

ଭୁବନ, ୨୮ ।୯ (ସମିସ): ସଅଳ ଅମଳକ୍ଷମ ଧାନରେ ଥୋଡ଼ ବାହାରିଲାଣି । ହେଲେ ଆଜିପର୍ଯ୍ୟନ୍ତ ଚାଷୀଙ୍କୁ ସାର ମିଳିନାହିଁ । ୧୦୧୮, ପୂଜା, କଳାଚମ୍ପା, ବିଜ୍ଞାନ କିସମ ଧାନ ସଧାରଣତଃ ଶୀଘ୍ର ଅମଳ ହୁଏ । ଏସବୁ ଧାନ ଗଛ ପେଟରେ ଥୋଡ଼ ହେବା ପୂର୍ବରୁ ଡିଏପି ଦିଆଯାଏ । ଏହି ସାର ଗଛକୁ ସବୁଜ, ସତେଜ ରଖିବା ସହ ଧାନର ଓଜନ ବୃଦ୍ଧିକରେ ।

ସେହିପରି ପଟାସ ସାର ଧାନ ଗଛକୁ ପୋକରୁ ରକ୍ଷା କରେ । ତେବେ ଠିକଣା ସମୟରେ ଚାଷୀଙ୍କୁ ଏସବୁ ସାର ମିଳିଲା ନାହିଁ । ଆହାର ଢୋକିବା ସମୟରେ ସାର ଦିଆଯାଇଥିଲେ ଅଧିକ ଅମଳ ହୋଇଥାନ୍ତା । ଚାଷୀ ସାର ପାଇବାକୁ ଚାହିଁ ଚାହିଁ ଆଖିରୁ ପାଣି ମରିଲା । ସରକାର ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଉଛନ୍ତି । ଭୁବନ ବ୍ଲକର ୧୦ଟି ସମିତି ସାର ଉଠାଇଥିବା ବେଳେ ଅନ୍ୟମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି । ବାରୁଆଁ ପଞ୍ଚାୟତର ଚାଷୀ ଏ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ହୋହାଲ୍ଲା କରିବାରୁ ବ୍ଲକ କୃଷି ଅଧିକାରୀ ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥା କରାଯିବ କହି ଉତ୍ତେଜନାକୁ ପ୍ରଶମିତ କରିଛନ୍ତି ।

ପର୍ଯ୍ୟାପ୍ତ ପରିମାଣର ୟୁରିଆ ଯୋଗାଇ ଦିଆଯିବାରେ ଅହେତୁକ ବିଳମ୍ବ ଯୋଗୁଁ ଚାଷକାମ ବାଧାପ୍ରାପ୍ତ ହୋଇଛି । ଡିଏପି ସାର କୃଷି ସମବାୟ ସମିତି ଉଠାଉ ନ ଥିବା ବେଳେ ସେମାନଙ୍କ ଉପରେ ବିଭାଗର ଅଙ୍କୁଶ ଥିବାଭଳି ମନେ ହୁଏନି । ଚାଷୀ ଆବଶ୍ୟକତା ମେଣ୍ଟାଇବା ପାଇଁ ଚଢ଼ାଦରରେ ସାର କିଣୁଛି । ସରକାର ସମବାୟ ସମିତି ମାଧ୍ୟମରେ ସାର ଯୋଗାଇ ଦେଉଥିବା ବେଳେ ଚାଷୀ ଚଢ଼ା ଦରରେ ସାର କେଉଁଠୁ ଓ କେମିତି ପାଉଛନ୍ତି ଏହା ତଦନ୍ତ ସାପେକ୍ଷ । ସେହିପରି କେତେକ ସମବାୟ ସମିତି ପରିବହନ ନାଁରେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକରେ ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି । ୟୁରିଆ, ସହିତ ଡିଏପି ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

**ଶତବାର୍ଷିକୀ ଉପଲକ୍ଷେ ୫ରେ ନୀଳକଣ୍ଠପୁରରେ ରାଜ୍ୟସ୍ତରୀୟ ଉତ୍ସବ**

# ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀକୁ ଭବ୍ୟ କରାଯିବ

ଭୁବନ, ୨୮ ।୯ (ସମିସ)


ଭୁବନର ସର୍ବକନିଷ୍ଠ ସଂଗ୍ରାମୀଙ୍କ ପାଇଁ ଢେଙ୍କାନାଳ ମାଟି ଚିରଋଣୀ । ଏଭଳି ସଂଗ୍ରାମୀଙ୍କ ପାଇଁ ଏ ଜାତି ଯେତେ କୃତଜ୍ଞତା ଜଣାଇଲେ ମଧ୍ୟ କମ୍ ପଡ଼ିବ । ତାଙ୍କ ଜନ୍ମ ଦିବସ ପାଳନ ନୁହେଁ, ବରଂ କୃତଜ୍ଞତା ଜଣାଇବାର ଛୋଟିଆ ଅବକାଶ । ଖାଲି ଢେଙ୍କାନାଳ ମାଟି ନୁହେଁ, ସାରା ରାଜ୍ୟରେ ଏଭଳି ବିପ୍ଳବୀ ଜନ୍ମ ନିଅନ୍ତୁ ଏବଂ ନୂଆପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ବିକଶିତ ଓଡ଼ିଶା ଓ ଭାରତ ଗଠନ ନାରା ସାର୍ଥକ ହେବ ବୋଲି ଦେଓଗାଁଠାରେ ସହିଦ ବାଜି ରାଉତଙ୍କ ଜନ୍ମଶତବାର୍ଷିକୀ ଉତ୍ସବ ପ୍ରସ୍ତୁତି ବୈଠକରେ ମତବ୍ୟକ୍ତ




କରିଛନ୍ତି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଭୁବନ ବ୍ଲକ ନୀଳକଣ୍ଠପୁରରେ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳନ ନିମନ୍ତେ ରବିବାର କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ କହିଲେ, ଆସନ୍ତା ୫ ତାରିଖ ବାଜି ରାଉତଙ୍କ ଜନ୍ମଶତବାର୍ଷିକୀ କାର୍ଯ୍ୟକ୍ରମକୁ ଭବ୍ୟ କରାଯିବ । ପୂର୍ବରୁ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମକୁ ଭବ୍ୟ ଓ ଓଡ଼ିଆ ଅସ୍ମିତାର ଢାଞ୍ଚାରେ ପାଳନ ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ଏଥିସହ ବିଭାଗୀୟ ସଚିବଙ୍କୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଓ ପ୍ରସ୍ତୁତି କରିବାକୁ ମନ୍ତ୍ରୀ ସୂରଜ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି, ପ୍ରକଳ୍ପ ନିର୍ବାହୀ ଅଧିକାରୀ, ତହସିଲଦାର, ବିଡିଓ, ପୂର୍ତ୍ତ ବିଭାଗ ଅଧିକାରୀ ନୀଳକଣ୍ଠପୁର ପରିଦର୍ଶନ ପରେ ବୁଦ୍ଧେଶ୍ୱର ପୀଠ, ହାଇସ୍କୁଲ ପଡ଼ିଆ ପରିଦର୍ଶନ କରିଥିଲେ ।

# ଅବହେଳିତ ଅବସ୍ଥାରେ ମା' ରଙ୍କେଇ ପୀଠ

ଖଜୁରିଆକଟା, ୨୮ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଆରାଧ୍ୟା ଦେବୀ ମା' ରଙ୍କେଇଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ମା' ରଙ୍କେଇ ପୂଜା କମିଟି ଆନୁକୂଲ୍ୟରେ ପ୍ରତ୍ୟହ ନୀତିକାନ୍ତି ଅନୁସାରେ ପୂଜା ହେଉଛି । ସୋମବାର ଦୁର୍ଗାଷ୍ଟମୀ ଅବସରରେ ଗୌରୀ ପୂଜନ ଓ କନ୍ୟା ପୂଜନ ନୀତି ଅନୁଷ୍ଠିତ ହେବ । ମଙ୍ଗଳବାର ମହାନବମୀ ପୂଜା ସହ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ । ଗୁରୁବାର ଦଶହରା ଓ ବିଜୟା ଦଶମୀ ଧୁମଧାମରେ ପାଳିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ଶେଷଦେବ ସାହୁ ଜଣାଇଛନ୍ତି । ନବରାତ୍ର ପୂଜା ପାଇଁ ମନ୍ଦିର ପରିସର ଲୋକାରଣ୍ୟ ହୋଇ ଉଠିଛି । ପ୍ରତ୍ୟହ ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରୁଛନ୍ତି । ତେବେ ପରିତାପର ବିଷୟ, ଏହି ପୀଠ ଏବେ ବି ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ପ୍ରଶାସନ ଓ ଲୋକପ୍ରତିନିଧି ମନ୍ଦିର ଉନ୍ନତୀକରଣ ପ୍ରତି ଆଖି ବୁଜିଦେଇଛନ୍ତି । ମା'ଙ୍କ ପୀଠକୁ ସଂଯୋଗ କରୁଥିବା ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏଠାରେ ଥିବା ଛୋଟ ବ୍ରିଜ ବିପଦସଙ୍କୁଳ ହୋଇପଡ଼ିଛି । ରାସ୍ତାର ୨ ପାର୍ଶ୍ୱରେ ୫୦ ଫୁଟ ଗଭୀର ଖାଇ ଶ୍ରଦ୍ଧାଳୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ମନ୍ଦିର ଛାତରୁ ପାଣି ଗଳୁଥିବା ବେଳେ ମରାମତିର ଆବଶ୍ୟକତା ରହିଛି । ଏଥିସହ ମନ୍ଦିର ଚାରିପାଖରେ ପ୍ରଚେରି ନ ଥିବାରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଛି । ଏଥିପ୍ରତି ଦୃଷ୍ଟି ଦେଇ ମନ୍ଦିରର ଉନ୍ନତୀକରଣ କରିବାକୁ ସାଧାରଣରେ ଦାବି ହେଉଛି ।



ସକାଳ
THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୯ ● ପାଉଣ୍ଡ ୧୧୮.୩୯
- ୟୁରୋ ୧୦୩.୬୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୫,୮୫୦ (ଭୁବନେଶ୍ୱର)
- ରୁପା : ୧,୪୮,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୪୨୬.୦୦
- ନିଫ୍ଟି ୨୪,୬୫୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନଗଦ କ୍ୟାସରେ କାଉଣ୍ଟରରୁ ଟ୍ରେନ ଟିକଟ ମନା

## ୟୁପିଆଇରେ ଏକ ସମୟରେ ୫ ଲକ୍ଷ ପର୍ଯ୍ୟନ୍ତ କାରବାର

**ନୂଆଦିଲ୍ଲୀ,୨୮।୯(ଏଜେନ୍ସି):** ଅକ୍ଟୋବର ପହିଲାରୁ ଦେଶରେ ଅନେକ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ଏହି ଦିନଠାରୁ ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ନୂତନ ନିୟମ ଲାଗୁ ହେବ, ଯାହା ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଏବଂ ଡିଜିଟାଲ୍ କାରବାରକୁ ପ୍ରଭାବିତ କରିବ। ଏଥିରେ ୟୁପିଆଇଠାରୁ ଏନ୍‌ପିଏସ୍ ଯାଏ ସବୁଥିରେ ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏମିତିକି ନଗଦ କ୍ୟାସରେ କାଉଣ୍ଟରରୁ ଆଉ ଟ୍ରେନ ଟିକଟ ମିଳିବ ନାହିଁ। ଅକ୍ଟୋବର ପହିଲାରୁ ଲାଗୁ ହେଉଥିବା ନୂତନ ନିୟମ ଡିଜିଟାଲ୍ ପେମେଣ୍ଟ, ଅବସର ଯୋଜନା ଏବଂ ଅନଲାଇନ୍ ସେବାକୁ ଅଧିକ ସୁରକ୍ଷିତ ଏବଂ ସୁବିଧାଜନକ କରିବ।

### ଟ୍ରେନ୍ ଟିକଟ୍ ବୁକିଂରେ ପରିବର୍ତ୍ତନ

**ୟୁପିଆଇ ପେମେଣ୍ଟ ବାଧ୍ୟତାମୂଳକ**

ରେଳବାଇ ଟିକଟ୍ ବୁକିଂ ପାଇଁ ଏଣିକି ୟୁପିଆଇ ବ୍ୟବହାର କରି ପେମେଣ୍ଟ କରିବାକୁ ହେବ। ଏହା ପେମେଣ୍ଟକୁ ଦ୍ରୁତ ଏବଂ ସୁରକ୍ଷିତ କରିବ। ଯାତ୍ରୀମାନଙ୍କୁ ସେମାନଙ୍କର ୟୁପିଆଇ ଆଇଡିକୁ ସେମାନଙ୍କର ମୋବାଇଲ୍ ୱାଲେଟ୍ କିମ୍ବା ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ କରିବାକୁ ପଡିବ।

**ନଗଦ ପେମେଣ୍ଟ ବନ୍ଦ**

ଟିକଟ କାଉଣ୍ଟରରେ ଆଉ ନଗଦ ପେମେଣ୍ଟ ସମ୍ଭବ ହେବ ନାହିଁ। ଡିଜିଟାଲ୍ ଏବଂ କଣ୍ଟାକ୍ଟଲେସ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।


### ୟୁପିଆଇ ପେମେଣ୍ଟରେ ପରିବର୍ତ୍ତନ

**କାରବାର ସୀମାରେ ବୃଦ୍ଧି**

ଏଣିକି ୟୁପିଆଇ ମାଧ୍ୟମରେ ଏକ ସମୟରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରାଯାଇପାରିବ, ଯାହା ପୂର୍ବରୁ ୧ ଲକ୍ଷ ଟଙ୍କା ଥିଲା। ଏହା ରିଅଲ୍ ଇଷ୍ଟେଟ୍, ଇ-କମର୍ସ ଏବଂ ବ୍ୟବସାୟିକ କାରବାରକୁ ଲାଭଦାୟକ କରିବ।

**ୟୁପିଆଇ ଅଟୋ-ପେ ଆରମ୍ଭ ହୋଇଛି**

ୟୁପିଆଇ ଅଟୋ-ପେ ଏବେ ସବସ୍କ୍ରିପସନ୍ ଏବଂ ବିଲ୍ ଭଳି ସେବା ପାଇଁ ଉପଲବ୍ଧ ହେବ। ପ୍ରତ୍ୟେକ ଅଟୋ-ଡେବିଟ୍ ପାଇଁ ବିଜ୍ଞପ୍ତି ପ୍ରାପ୍ତ ହେବ, ଏବଂ ବ୍ୟବହାରକାରୀମାନେ ଯେକୌଣସି ସମୟରେ ସେଟିଂସ୍ ପରିବର୍ତ୍ତନ କିମ୍ବା ବାତିଲ କରିପାରିବେ।



**ଅକ୍ଟୋବର ପହିଲାରୁ ୟୁପିଆଇଠାରୁ ଏନ୍‌ପିଏସ୍ ଯାଏ ସବୁଥିରେ ନୂଆ ନିୟମ**

### ଏନ୍‌ପିଏସ୍‌ରେ ପରିବର୍ତ୍ତନ

**ସର୍ବନିମ୍ନ ଯୋଗଦାନରେ ବୃଦ୍ଧି**

ୟୁପିଆଇରେ ସର୍ବନିମ୍ନ ମାସିକ ଅବଦାନ ୫୦୦ ରୁ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ପରିବର୍ତ୍ତନ ଦୀର୍ଘକାଳୀନ ଭାବରେ ଅବସର ପାଣ୍ଠିକୁ ସୁଦୃଢ଼ କରିବ।

**ନୂତନ ଟାୟର ସିଷ୍ଟମ୍**

ଏନ୍‌ପିଏସ୍‌ରେ ଏବେ ଟାୟାର-୧ ଏବଂ ଟାୟାର-୨ ବିକଳ୍ପ ରହିବ। ଟାୟାର-୧: ଅବସର-କେନ୍ଦ୍ରିତ ଏବଂ କର ଲାଭ ସହିତ। ଟାୟାର-୨: ନମନୀୟ ବିକଳ୍ପ, କୌଣସି କର ଲାଭ ନାହିଁ।

### ଅନଲାଇନ୍ ଗେମିଂରେ ପରିବର୍ତ୍ତନ

**ଲାଇସେନ୍ସ ବାଧ୍ୟତାମୂଳକ**

ସମସ୍ତ ଅନଲାଇନ୍ ଗେମିଂ ପ୍ଲାଟଫର୍ମକୁ ଏବେ ମାଇଟିରୁ ଏକ ବୈଧ ଲାଇସେନ୍ସ ପାଇବାକୁ ପଡିବ। ଏହା ସୁରକ୍ଷା, ସ୍ୱଚ୍ଛତାକୁ ଉନ୍ନତ କରିବାରେ ଏବଂ ଗେମିଂ ଶିଳ୍ପରେ ଠକେଇକୁ ରୋକିବାରେ ସାହାଯ୍ୟ କରିବ।

**ବୟସ ସୀମା ସ୍ଥିର**

ଅନଲାଇନ୍ ରିଅଲ୍-ମନି ଗେମିଂରେ ଅଂଶଗ୍ରହଣ ପାଇଁ ସର୍ବନିମ୍ନ ବୟସ ୧୮ ବର୍ଷ ହେବ।

### ବିଦେଶୀ ଇ-କମର୍ସ ଉପରେ ଟିକସ

ଆମାଜନ୍, ନେଟଫ୍ଲିକ୍ସ ଏବଂ ସ୍ପଟିଫାଇ ଭଳି ବିଦେଶୀ ପ୍ଲାଟଫର୍ମଗୁଡ଼ିକ ଏବେ ଭାରତରେ ବିକ୍ରି ଉପରେ ଟିକସ ଦେବେ। ଏହି ପଦକ୍ଷେପ ଭାରତୀୟ ଏବଂ ବିଦେଶୀ ବ୍ୟବସାୟ ପାଇଁ ଏକ ସମାନ ଖେଳ କ୍ଷେତ୍ର ସୁନିଶ୍ଚିତ କରିବ। ଏହି ପରିବର୍ତ୍ତନଗୁଡ଼ିକ ପରିବହନ, ଆର୍ଥିକ ସେବା, ଗେମିଂ ଏବଂ ପରିବେଶଗତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ। ୟୁପିଆଇ ଏବଂ ଡିଜିଟାଲ୍ ପେମେଣ୍ଟ ଦ୍ରୁତ ଏବଂ ସୁରକ୍ଷିତ ହେବ, ଏନ୍‌ପିଏସ୍‌ରେ ଅବସର ପାଣ୍ଠି ବୃଦ୍ଧି କରିବ ଏବଂ ଅନଲାଇନ୍ ଗେମିଂରେ ସୁରକ୍ଷା ବୃଦ୍ଧି କରିବ। ଏହି ନିୟମଗୁଡ଼ିକ ବିଷୟରେ ସଚେତନ ରହିବା ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ଆପଣ ସହଜରେ ଆପଣଙ୍କର ଦୈନନ୍ଦିନ କାରବାର ପରିଚାଳନା କରିପାରିବେ।

# ଫୁଡ୍ ପ୍ରୋସେସିଂ କ୍ଷେତ୍ରରେ ମିଳିଲା ୧.୨ ଟ୍ରିଲିଅନର ନିବେଶ

**ନୂଆଦିଲ୍ଲୀ,୨୮।୯(ଏଜେନ୍ସି):** 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫› ଶିଖର ସମ୍ମିଳନୀ ସମୟରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର(ଫୁଡ୍ ପ୍ରୋସେସିଂ ସେକ୍ଟର) ପାଇଁ ମୋଟ ୧.୦୨ ଟ୍ରିଲିୟନ ନିବେଶ ପାଇଛି। କେନ୍ଦ୍ର ସରକାର ୨୬ ଟି ଘରୋଇ ଏବଂ ଆନ୍ତର୍ଜାତୀୟ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଫୁଡ ପ୍ରୋସେସିଂ ଇଣ୍ଡଷ୍ଟ୍ରି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ। ଏହା ସେପ୍ଟେମ୍ବର ୨୫ ରୁ ୨୮ ପର୍ଯ୍ୟନ୍ତ ରାଜଧାନୀ ଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହୋଇଥିଲା।

ତେବେ ଏହି ସମ୍ମିଳନୀ ଐତିହାସିକ ଭାବେ ଶେଷ ହୋଇଛି। ଏଥିରେ ଅଭୁତପୂର୍ବ ପୁଞ୍ଜି ନିବେଶ ମିଳିଛି ବୋଲି ରବିବାର ମନ୍ତ୍ରାଳୟ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି। ଫୁଡ ପ୍ରୋସେସିଂ କ୍ଷେତ୍ରରେ ନିବେଶ କରିବାକୁ ଚୁକ୍ତି କରିଥିବା କମ୍ପାନୀଙ୍କ ମଧ୍ୟରେ ଉଭୟ ଘରୋଇ ଓ ବିଦେଶୀ କମ୍ପାନୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍, ଦି କୋକା-କୋଲା ସିଷ୍ଟମ୍ ଇନ୍ ଇଣ୍ଡିଆ, ଗୁଜରାଟ କୋଅପରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେସନ (ଅମୁଲ), ନେସଲେ ଇଣ୍ଡିଆ, ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ଏବଂ କାର୍ଲସବର୍ଗ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ଗୋଡରେଡ୍ ଆଗ୍ରୋଭେଟ୍, ବିଏଲ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍, ପତଞ୍ଜଳି ଫୁଡ୍ସ, ହଳଦିରାମ ସ୍ନାକ୍ସ ଫୁଡ୍, ଇଣ୍ଡିଆନ୍ ପୋଲ୍ଟ୍ରି ଆଲାଏନ୍ସ, ଏମଆରଏସ ବେକ୍ଟରସ୍ ଫୁଡ୍ ସ୍ପେଶାଲିଟିଜ୍ ଲିମିଟେଡ୍, ଡାବର ଇଣ୍ଡିଆ ଲିମିଟେଡ୍ ଏବଂ ଏବି ଇନବେ ଆଦି ରହିଛନ୍ତି।ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ସାରା ଦେଶରେ ସମନ୍ୱିତ ଖାଦ୍ୟ ଉତ୍ପାଦନ ୟୁନିଟ୍(ଇଣ୍ଟିଗ୍ରେଟେଡ୍ ଫୁଡ୍ ପ୍ରୋସେସିଂ ୟୁନିଟ) ପ୍ରତିଷ୍ଠା କରିବା ପାଇଁ ଫୁଡ୍ ପ୍ରୋସେସିଂ ଇଣ୍ଡଷ୍ଟ୍ରୀ ମନ୍ତ୍ରାଳୟ ସହିତ ୪୦ ହଜାର କୋଟିର ଚୁକ୍ତିନାମା କରିଛି। ସେହିପରି ଭାରତରେ ତିନୋଟି କୋକା-କୋଲା ବୋଟଲର୍ ଦେଶର ଖାଦ୍ୟ ପ୍ରକ୍ରିୟାକରଣ ଭିତ୍ତିଭୂମିକୁ ବିସ୍ତାର କରିବା ପାଇଁ ସାମୂହିକ ଭାବରେ ୨୫,୭୬୦ କୋଟି (୧୨.୯୬ ବିଲିୟନ) ନିବେଶ କରିବାକୁ ଯୋଜନା କରୁଛନ୍ତି। ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ପ୍ରକଳ୍ପ ପାଇଁ ମନ୍ତ୍ରାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

ଏନେଇ ମନ୍ତ୍ରାଳୟ କହିଛି ଚାରି ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ, ୨୬ଟି ପ୍ରମୁଖ ଘରୋଇ ଏବଂ ବିଶ୍ୱସ୍ତରୀୟ କମ୍ପାନୀ ମୋଟ ୧୦୨,୦୪୬ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଯାହା ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସର୍ବବୃହତ ନିବେଶ ଘୋଷଣା ମଧ୍ୟରୁ ଗୋଟିଏ।

# ଅନୁଗୋଳରେ ଅରୁନ୍ଧତୀ ଜୁଏଲର୍ସର ୧୦ମ ଶୋ'ରୁମ୍ ଉଦ୍‌ଘାଟିତ



**ଅନୁଗୋଳ,୨୮।୯(ସମିସ):** ଓଡିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ୧୦ମ ଶାଖା ଅନୁଗୋଳର ସ୍ଥାନୀୟ ଶଙ୍କର ସିନେମା ହଲ ରୋଡ ନିକଟରେ ରବିବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ବଲିଉଡ ଅଭିନେତ୍ରୀ ମହିମା ଚୌଧୁରୀ ଏବଂ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି ୭୫୦୦ ବର୍ଗଫୁଟ ପରିମିତ ବିଶାଳ ଶୋରୁମ ର ଶୁଭାରମ୍ଭ କରାଯାଇଥିଲା। ପାର୍ବଣ ଋତୁରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଅନୁଗୋଳ ବାସୀଙ୍କୁ ଏହି ଅତ୍ୟାଧୁନିକ ଶୋ'ରୁମକୁ ଉତ୍ସର୍ଗୀକୃତ କରାଯାଇଥିଲା। ଦେଶବିଦେଶରୁ ପ୍ରସ୍ତୁତ ୧୦୦୦୦ ରୁ ଅଧିକ ଗହଣା ଡିଜାଇନ ଶୁଦ୍ଧତାଯୁକ୍ତ ସୁନା ଗହଣା, ରୁପା ଗହଣାର ତାରକସି କାରୁକାର୍ଯ୍ୟ , ହୀରା ଗହଣାର ଏକ୍ସକ୍ଲୁସିଭ କଲେକ୍ସନ ଏବଂ ପ୍ରିମିୟମ ସମ୍ବଲପୁରୀ ସିଲ୍କ ଶାଢୀରେ ସଜ୍ଜିତ ଏହି ଶୋ'ରୁମ ଉପସ୍ଥିତ ଗ୍ରାହକଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ସମ୍ବୋଧିତ କରିବା ସହ ଅନୁଗୋଳ ବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁନ୍ଧତୀର ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଗୋଳରେ ଅରୁନ୍ଧତୀର ୧୦ମ ଶାଖା ନିମନ୍ତେ ଅନୁଗୋଳ ସର୍ବଦା ଅବିସ୍ମରଣୀୟ ହୋଇରହିବେ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ନୂତନ ଶୋ'ରୁମର ଶୁଭାରମ୍ଭ ଏବଂ ଆଗକୁ ଆସୁଥିବା ପାର୍ବଣ ଋତୁ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ମେଗା ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ରହିଛି, ସୁନା ଗହଣାର ଗଢ଼ା ମଜୁରିରେରେ ୫୦% ରିଆତି ସହ ପ୍ରତେକ କ୍ରୟ ରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି, ସେହିଭଳି ଆଡ଼ଭାନ୍ସ ବୁକିଙ୍ଗ ରେ ସର୍ବନିମ୍ନ ବଜାର ଦରରେ ସୁନା କ୍ରୟ ରଖାଯାଇଛି ,ହୀରା ଗହଣା କ୍ରୟରେ ହୀରା ମୂଲ୍ୟରେ ୨୦ ପ୍ରତିଶତ ରିହାତି ସହ ମାଗଣା ସ୍ୱର୍ଣ୍ଣ ମୁଦ୍ରା ମଧ ପ୍ରଦାନ କରାଯାଉଛି। ଏହି ନୂତନ ଶୋ' ରୁମକୁ ଅରୁନ୍ଧତୀ ପରିବାର ତରଫରୁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରାଯିବା ସହ ସମସ୍ତଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା କାମନା କରାଯାଇଛି।

# ରୁପା ଆମଦାନୀ ଉପରେ ରୋକ୍

**ନୂଆଦିଲ୍ଲୀ,୨୮।୯(ଏଜେନ୍ସି):** ଗତ କିଛି ଦିନ ମଧ୍ୟରେ ଦେଶରେ ରୁପା ମୂଲ୍ୟ ଅନେକ ରେକର୍ଡ ଭାଙ୍ଗିଛି। ବାଜାର ବିଶେଷଜ୍ଞଙ୍କ କହିବା ହେଉଛି ସୁନା ଏକ ସୁରକ୍ଷିତ ନିବେଶ ମାଧ୍ୟମ ହୋଇଥିବାବେଳେ ଏବେ ରୁପା ନିବେଶ ଉପରେ ଭଲ ରିଟର୍ଣ୍ଣ ଦେଉଛି। ଖାସ ଏହି କାରଣରୁ ନିବେଶକ ଓ ଜ୍ୱେଲରୀ ଇଣ୍ଡଷ୍ଟ୍ରି ରୁପା ପ୍ରତି ଏତେ ଆକର୍ଷିତ ହେଉଛନ୍ତି। ଏହାପରେ ଏବେ କେନ୍ଦ୍ର ସରକାର ରୁପା ଆମଦାନି ସମ୍ପର୍କରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ସରକାର ରୁପା ଆମଦାନୀ ଉପରେ ରୋକ୍ ଲଗାଇଛନ୍ତି। ଆସିଆନ୍ ରାଷ୍ଟ୍ରଦେଶଗୁଡ଼ିକ, ବିଶେଷକରି ଥାଇଲ୍ୟାଣ୍ଡରୁ ରୁପା ଆମଦାନିରେ ଉଲ୍ଲେଖନୀୟ ବୃଦ୍ଧି ଯୋଗୁଁ, ସରକାର ଆଗାମୀ କିଛି ମାସ ପାଇଁ ଏହାକୁ ନିଷେଧ କରିଛନ୍ତି। ଏହି ନିଷେଧାଦେଶ ଅଣ-ଫ୍ୟାନ୍ସି ଅଳଙ୍କାର ପାଇଁ ପ୍ରଯୁଜ୍ୟ। ଅର୍ଥାତ୍ କୌଣସି ଚକଚକିଆ ପଥର, ମୁକ୍ତା, କିମ୍ବା ହୀରା ଏବଂ ପାନ୍ନା ପରି ମୂଲ୍ୟବାନ ପଥର ବିନା ଅଳଙ୍କାର। ଏହି ଅଳଙ୍କାରଗୁଡ଼ିକ ସରଳ ଡିଜାଇନ୍ ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ଡିଜାଇନ୍ କରାଯାଇଛି। ଡାଇରେକ୍ଟର ଜେନେରାଲ ଅଫ ଫରେନ ଟ୍ରେଡ୍ (ଡିଜିଏଫଟି) ନୋଟିଫିକେସନ ଜାରି କରି ରୂପା ଆଭୂଷଣ ଆମଦାନୀ ଉପରେ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ରୋକ ଲଗାଇଛନ୍ତି।



ସରକାରଙ୍କ ଏହି ପଦକ୍ଷେପ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ର ଅପବ୍ୟବହାରକୁ ରୋକିବା ଏବଂ ବଡ଼ ପରିମାଣର ଆମଦାନିକୁ ରୋକିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ କହିବା କଥା ହେଉଛି ଗତ କିଛି ସମୟ ହେଲା ଆଭୂଷଣ ଆଡୁଆଳରେ ବହୁଳ ପରିମାଣରେ ରୂପା ଆମଦାନୀ ହେଉଛି। ଯାଞ୍ଚରୁ ଜଣାପଡିଛି ଯେ କିଛି ବ୍ୟବସାୟୀ ଫ୍ରି ଟ୍ରେଡ ଏଗ୍ରିମେଣ୍ଟ (ଏଫଟିଏ)ର ତ୍ରୁଟିପୂର୍ଣ୍ଣ ଉପଯୋଗ କରୁଛନ୍ତି। ଏହାର ସିଧା ପ୍ରଭାବ ଦେଶର ବଜାର ଓ ଛୋଟ ବ୍ୟବସାୟୀମାନଙ୍କ ଉପରେ ପଡୁଛି। ଡିଜିଏଫଟିଙ୍କ ଅନୁସାରେ ଏପ୍ରିଲ-ଜୁନ ୨୦୨୪-୨୫ ଓ ଏପ୍ରିଲ-ଜୁନ ୨୦୨୫-୨୬ରେ ପ୍ରେଫରେନସିଆଲ ଡ୍ୟୁଟିରେ ରିହାତି କାରଣରୁ ଦେଶକୁ ରୂପା ଆମଦାନୀ ଲଗାତାର ବଢିବାରେ ଲାଗିଛି। ଏହି ସ୍ଥିତି ଭାରତରେ ଘରୋଇ ଉଦ୍ୟୋଗ ଓ ରୋଜଗାର ନିମନ୍ତେ ବିପଦର ସଙ୍କେତ ଥିଲା। ବାହାରୁ ଆମଦାନୀ ବଢିବା ଯୋଗୁ ଭାରତର ସ୍ଥାନୀୟ ବଜାରରେ ଚାପ ବଢିଯାଇଛି। ପାଇକାରୀ ମୂଲ୍ୟ ହ୍ରାସ ଯୋଗୁ ଛୋଟ କାରିଗର ଓ ଘରୋଇ ରୂପା ଜୁଏଲାରୀ ନିର୍ମାଣକାରୀ ଉଦ୍ୟୋଗ କ୍ଷତିରେ ପଡିଛନ୍ତି। ତେବେ ସରକାରୀ ଅଧିକାରୀଙ୍କ କହିବା କଥା ହେଉଛି ଡିଜିଏଫଟିଙ୍କ ଏହି ପଦକ୍ଷେପ ଦେଶରେ ଏମଏସଏମଇକୁ ସୁରକ୍ଷା ଦେବ। ଏସିଆନ୍ ଦେଶଙ୍କ ମଧ୍ୟରେ ଥାଇଲ୍ୟାଣ୍ଡ, ମାଲେସିୟା, ଭିଏତନାମ, ସିଙ୍ଗାପୁର ସମେତ ୧୦ ଦେଶ ଅଛନ୍ତି। ଏମାନଙ୍କ ମଧ୍ୟରୁ ଥାଇଲ୍ୟାଣ୍ଡ ରୁପା ଉତ୍ପାଦନକାରୀ ଦେଶ ନୁହେଁ। ଏହା ସତ୍ତ୍ୱେ ସେଠାରୁ ଭାରତକୁ ବିପୁଳ ପରିମାଣରେ ରୂପା ଗହଣା ଆମଦାନୀ ହୋଇଛି।

**ପହିଲାରେ ମୁଦ୍ରା ନୀତି କମିଟି ବୈଠକ**

# ୨୫ ବେସିସ୍ ପଏଣ୍ଟ କମିପାରେ ସୁଧହାର

**ନୂଆଦିଲ୍ଲୀ,୨୮।୯(ଏଜେନ୍ସି):** ରେପୋ ହାର ସମ୍ପର୍କରେ ଚାଲିଥିବା ଆଲୋଚନା ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରା ନୀତି କମିଟି (ଏମ୍‌ପିସି)ର ପରବର୍ତ୍ତୀ ବୈଠକ ଅକ୍ଟୋବର ୧ରେ ଅନୁଷ୍ଠିତ ହେବ। ଏହି ବୈଠକରେ ରେପୋ ହାର ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଏସ୍‌ବିଆଇ ରିପୋର୍ଟରେ ସୁଧହାରରେ ୨୫ ବେସିସ୍ ପଏଣ୍ଟ (ବିପିଏସ୍) ହ୍ରାସ ପାଇଁ ପରାମର୍ଶ ଦିଆଯାଇଛି, ଯେତେବେଳେ କିଛି ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ଆର୍‌ବିଆଇ ବର୍ତ୍ତମାନର ସୁଧ ହାର ବଜାୟ ରଖିପାରେ। ଚଳିତ ବର୍ଷ ଫେବୃଆରୀରୁ ଅଗଷ୍ଟ ପର୍ଯ୍ୟନ୍ତ, ଆର୍‌ବିଆଇ ତିନି ଥର ସୁଧ ହାର ହ୍ରାସ କରିଛି। ଚଳିତବର୍ଷ ସୁଧହାରରେ ମୋଟ ୧୦୦ ବେସିସ୍ ପଏଣ୍ଟ ହ୍ରାସ ହୋଇସାରିଲାଣି। ଏହାର କାରଣ ହେଉଛି ମୁଦ୍ରାସ୍ଫୀତିରେ କ୍ରମାଗତ ଭାବେ ହ୍ରାସ। ଅଗଷ୍ଟରେ, ଆର୍‌ବିଆଇ ପୁଣି ଥରେ ସୁଧହାରକୁ ଅପରିବର୍ତ୍ତିତ ରଖିଛି। ଆମେରିକୀୟ ବାଣିଜ୍ୟ ଶୁଳ୍କ ଏବଂ ବୈଶ୍ୱିକ ଉତ୍ତେଜନାର ପ୍ରଭାବ ଉପରେ ନଜର ରଖି କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର କ୍ଷେତ୍ରରେ ଏପରି ନୀତି ଗ୍ରହଣ କରିଛି। ଏସ୍‌ବିଆଇ ରିପୋର୍ଟରେ କୁହାଯାଇଛି ଯେ ଆଗାମୀ ଆର୍ଥିକବର୍ଷରେ ମଧ୍ୟ ଖୁଚୁରା ମୁଦ୍ରାସ୍ଫୀତି କମ୍ ରହିବ ବୋଲି ଆଶା କରାଯାଉଛି, ତେଣୁ ୨୫ ବେସିସ୍ ପଏଣ୍ଟ ହ୍ରାସ ସଠିକ୍ ପଦକ୍ଷେପ ହେବ। ଏହି ସମୟରେ, ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନଭିସ୍ କହିଛନ୍ତି ଯେ ବର୍ତ୍ତମାନ ହାର ପରିବର୍ତ୍ତନର ସମ୍ଭାବନା କମ୍ ଏବଂ ସରକାର ରପ୍ତାନିକାରୀଙ୍କ ପାଇଁ ଏକ ପ୍ୟାକେଜ୍ ଘୋଷଣା କଲେ ହିଁ କେବଳ ହ୍ରାସ ଘଟିପାରିବ।

**ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜ୍‌ଲି ଯୋଜନା**

# ଗ୍ରାହକ ପାଇବେ ୧.୩୮ ଲକ୍ଷର ସବ୍‌ସିଡି



**ଭୁବନେଶ୍ୱର,୨୮।୯(ସମିସ):** ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ହେଉଛି ଭାରତ ସରକାରଙ୍କ ଏକ ମୁଖ୍ୟ କାର୍ଯ୍ୟକ୍ରମ ଯାହାର ଉଦ୍ଦେଶ୍ୟ ହେଉଛି ରୁଫଟପ୍ ସୋଲାର ସ୍ଥାପନକୁ ସରଳ, ସୁଲଭ ଏବଂ ବ୍ୟାପକ କରିବା। ଏହି ଯୋଜନା ଅଧୀନରେ ପରିବାରଗୁଡ଼ିକ ସବସିଡି ମାଧ୍ୟମରେ ଅତ୍ୟଧିକ କମ ଖର୍ଚ୍ଚରେ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ କରିପାରିବେ। ଉଦାହରଣ ସ୍ୱରୂପ, ୩ କିଲୋୱାଟ୍ ଏବଂ ତାଠାରୁ ଅଧିକ କ୍ଷମତାର ରୁଫଟପ ସୋଲାର ସ୍ଥାପନ ପାଇଁ ୭୮,୦୦୦ ଟଙ୍କାର କେନ୍ଦ୍ରୀୟ ସବସିଡି ମିଳିବ। ଏଥିସହିତ ଓଡ଼ିଶା ସରକାର ଆଉ ୬୦,୦୦୦ ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରୁଛନ୍ତି। ଏହାର ଅର୍ଥ ହେଉଛି ଗ୍ରାହକମାନେ ପ୍ରାୟ ୨ ରୁ ୨.୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୋଟ ସ୍ଥାପନା ଖର୍ଚ୍ଚ ବଦଳରେ ପ୍ରାୟ ୧.୩୮ ଲକ୍ଷ ଟଙ୍କାର ମିଳିତ ସବସିଡି ପାଇପାରିବେ। ତେଣୁ ଏହା ରୁଫଟପ୍ ସୋଲାରକୁ ଅଧିକ ସୁଲଭ କରିବା ସହ ପ୍ରାରମ୍ଭିକ ନିବେଶ ଭାର ହ୍ରାସ କରି ବିଦ୍ୟୁତ ବିଲରେ ଉଲ୍ଲେଖନୀୟ ଦୀର୍ଘମିଆଦୀ ସଞ୍ଚୟ ସୁନିଶ୍ଚିତ କରିବ। ପ୍ରଥମ ଥର ପାଇଁ ମାତ୍ର ୧ କିଲୋୱାଟ ଚୁକ୍ତିନାମା (କଂଟ୍ରାକ୍ଟ ଡିମାଣ୍ଡ) ଥିବା ପରିବାରଗୁଡ଼ିକ ମାତ୍ର ୫,୦୦୦ ଟଙ୍କାର ଏକ ନାମମାତ୍ର ପ୍ରାରମ୍ଭିକ ଖର୍ଚ୍ଚ ଓ ୩୭୬୪ ଟଙ୍କାର ଏକ ଅତିରିକ୍ତ ସୋଲାର ମିଟର ଚାର୍ଜ ଦେଇ ରୁଫଟପ ସୋଲାର ସ୍ଥାପନ କରିପାରିବେ। ଓଡ଼ିଶା ପାଇଁ ଏହି ଯୋଜନା କେବଳ ପରିବାରର ବିଜୁଳି ବିଲ ସଞ୍ଚୟ କରିବାରେ ସହାୟତା କରିବ ନାହିଁ, ବରଂ ସେମାନଙ୍କୁ ଭାରତର ସ୍ୱଚ୍ଛ ଶକ୍ତି ଯାତ୍ରାର ସକ୍ରିୟ ଅବଦାନକାରୀ ଭାବରେ ମଧ୍ୟ ପ୍ରତିଷ୍ଠିତ କରିବ ବୋଲି ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରଭିନ୍ଦ ସିଂହ କହିଛନ୍ତି।

# ନିଜେ ଡରି, ଡରାଉଛି ଆମେରିକା

## ଆମେରିକା ପ୍ରତି ମନୋଭାବ ବଦଳାଉ ଭାରତ



**ୱାଶିଂଟନ୍,୨୮।୯(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯିବା ଯୋଗୁଁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଏହି ସମୟରେ, ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟତର ବୋଲି ବିବେଚିତ ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ପୁଣି ଥରେ ତାଙ୍କର ଭାରତ ବିରୋଧୀ ମନ୍ତବ୍ୟ ଦେଇଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ କିଛି ଦେଶଙ୍କୁ ଆମେରିକା ସହ ସମ୍ପର୍କରେ ନିଜକୁ ସୁଧାରିବାକୁ ହେବ। ଲୁଟନିକ୍ ତାଙ୍କ ବିବୃତ୍ତିରେ ଭାରତ ଏବଂ ବ୍ରାଜିଲ ଭଳି ଦେଶଗୁଡ଼ିକର ଉଲ୍ଲେଖ କରିଛନ୍ତି। ଲୁଟ୍‌ନିକ୍ ଏପରିକି ଏହା ମଧ୍ୟ କହିଛନ୍ତି ଯେ ଆମେରିକାକୁ ଭାରତ, ବ୍ରାଜିଲ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକୁ ଉନ୍ନତ କରିବାକୁ ପଡିବ। ସେ କହିଛନ୍ତି ଯେ ଏହି ଦେଶଗୁଡ଼ିକ ଆମେରିକାର ସ୍ୱାର୍ଥ ବିରୁଦ୍ଧରେ ପଦକ୍ଷେପ ନେବା ବନ୍ଦ କରିବା ସହ ଆମେରିକା ପାଇଁ ସେମାନଙ୍କର ବଜାର ଖୋଲିବା ଉଚିତ୍।

ଲୁଟ୍‌ନିକ୍ ଏହା ମଧ୍ୟ କହିଛନ୍ତି ଯେ ଭାରତ, ବ୍ରାଜିଲ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକୁ ଆମେରିକା ସହିତ ନ୍ୟାୟପୂର୍ଣ୍ଣ ବ୍ୟବହାର କରିବା ଉଚିତ। ଯଦି ସେମାନେ ଆମେରିକୀୟ ଗ୍ରାହକମାନଙ୍କୁ ସେମାନଙ୍କର ଉତ୍ପାଦ ବିକ୍ରି କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଆମେରିକୀୟ ରାଷ୍ଟ୍ରପତିଙ୍କ ସର୍ତ୍ତାବଳୀ ପାଳନ କରିବାକୁ ପଡିବ। ଏହା ଉଲ୍ଲେଖନୀୟ ଯେ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗ ଶୁଳ୍କ ଉତ୍ତେଜନା ସହିତ ଜଡିତ। ଯେତେବେଳେ ଟ୍ରମ୍ପ ଭାରତ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିଥିଲେ, ଯେଉଁଥିରେ ରୁଷୀୟ ତୈଳ କ୍ରୟ ଉପରେ ୨୫% ଶୁଳ୍କ ଅନ୍ତର୍ଭୁକ୍ତ ଥିଲା, ଏହା ବିଶ୍ୱର ଯେକୌଣସି ଦେଶ

### ପୁଣି ମୁହଁ ଫୁଟାଣି ମାରିଲେ ଟ୍ରମ୍ପଙ୍କ ମନ୍ତ୍ରୀ

ଉପରେ ଲାଗୁ ହୋଇଥିବା ସର୍ବୋଚ୍ଚ ଶୁଳ୍କ ମଧ୍ୟରୁ ଗୋଟିଏ। ଭାରତ ଆମେରିକାର ଏହି ନିଷ୍ପତ୍ତିକୁ ନିରନ୍ତର ସମାଲୋଚନା କରିଆସିଛି। ଏହା ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରି କହିଛି ଯେ ଏହାର ଶକ୍ତି କ୍ରୟ ନୀତି କେବଳ ଜାତୀୟ ସ୍ୱାର୍ଥ ଏବଂ ବଜାର ପରିସ୍ଥିତି ଉପରେ ଆଧାରିତ। ରୁଷ-ୟୁକ୍ରେନ ଯୁଦ୍ଧ ପରେ ଲାଗୁ ହୋଇଥିବା ପାଶ୍ଚାତ୍ୟ ପ୍ରତିବନ୍ଧକ ମଧ୍ୟରେ ଭାରତ ରିଆତି ହାରରେ ରୁଷୀୟ ତୈଳ କ୍ରୟ କରିବା ଆରମ୍ଭ କରିଛି, ଯାହା ଏହାର ଶକ୍ତି ସୁରକ୍ଷା ପାଇଁ ଅତ୍ୟାବଶ୍ୟକ। ଉତ୍ତେଜନା ଜାରି ରହିଥିଲେ ମଧ୍ୟ ଭାରତ-ଆମେରିକା ସମ୍ପର୍କ ବାଣିଜ୍ୟ କ୍ଷେତ୍ରରେ ଦୃଢ଼ ରହିଛି। ୨୦୨୪-୨୫ରେ ଆମେରିକା ଲଗାତାର ଚତୁର୍ଥ ବର୍ଷ ପାଇଁ ଭାରତର ସର୍ବବୃହତ ବାଣିଜ୍ୟିକ ଅଂଶୀଦାର ଭାବରେ ରହିଲା, ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୧୩୧.୮୪ ବିଲିୟନ ଡଲାରରେ ପହଞ୍ଚିଲା। ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ଜାରି ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶୁଳ୍କ ଉତ୍ତେଜନା ମଧ୍ୟରେ, ଭାରତ ଏବଂ ଯୁକ୍ତରାଷ୍ଟ୍ର ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପାଇଁ କାମ କରୁଛନ୍ତି, ଯାହାର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର-ନଭେମ୍ବର ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି। ଉଭୟ ଦେଶ ୨୦୩୦ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟରେ ୫୦୦ ବିଲିୟନ ଡଲାରରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ସମ୍ପ୍ରତି, ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ନେତୃତ୍ୱରେ ଏକ ଭାରତୀୟ ପ୍ରତିନିଧିମଣ୍ଡଳ ନ୍ୟୁୟର୍କ ଗସ୍ତ କରିଥିଲେ ଏବଂ ସେପ୍ଟେମ୍ବର ୧୬ରେ, ଯୁକ୍ତରାଷ୍ଟ୍ର ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟର ଅଧିକାରୀମାନେ ଭାରତ ଗସ୍ତ କରିଥିଲେ, ଯେଉଁଠାରେ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ହୋଇଥିଲା।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅତିଥି ସତ୍କାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଦାନଧର୍ମ କରିବେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ବିଦ୍ୟାର୍ଥୀ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ପେଟଜନିତ ସମସ୍ୟା ଦେଖାଦେଇପାରେ। ହସଖୁସିରେ ଦିନ ବିତିବ।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ ଆରମ୍ଭ କରିବେ। ନେଣ-ଦେଣ ମାମଲାରେ କାହା ଉପରେ ବିଶ୍ୱାସ କରନ୍ତୁନି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ଆଜି ଦିନଟି ସନ୍ତୋଷଜନକ ରହିବ। ପ୍ରତ୍ୟେକ କାମ ଶାନ୍ତି ଶୃଙ୍ଖଳାର ସହିତ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଜମି କିଣିପାରନ୍ତି।

**ସିଂହ:** ସାମାଜିକ କାର୍ଯ୍ୟରେ ଯୋଗଦାନ ରହିବ। ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। ଚକ୍ଷୁ ସମସ୍ୟା ଦେଖାଦେବ।

**କନ୍ୟା:** ସୁଖ-ସମୃଦ୍ଧି ବୃଦ୍ଧି ପାଇବ। ଧାର୍ମିକ ସ୍ଥାନକୁ ଯାଇପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ବରିଷ୍ଠ ଲୋକଙ୍କ ସହଯୋଗ ମିଳିପାରେ। ବ୍ୟକ୍ତିଗତ କାର୍ଯ୍ୟରେ ବାଧା ଉପୁଜିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଆୟ ଓ ବ୍ୟୟ ବୃଦ୍ଧି ହେବ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିପାରେ। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ହେବ।

## ଆଜିର ଇତିହାସ

- ୧୬୫୦-ଇଂଲଣ୍ଡରେ ପ୍ରଥମ ମ୍ୟାରେଜ୍ ବ୍ୟୁରୋର ଆରମ୍ଭ।
- ୧୮୩୬- ମାଡ୍ରାସ ଚାମ୍ବର ଅଫ୍ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରୀର ସ୍ଥାପନା।
- ୧୯୧୧- ଇଟାଲୀ ଓଟୋମନ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୭- ଆମେରିକା ଓ ମେକ୍ସିକୋ ମଧ୍ୟରେ ଟେଲିଫୋନ ସେବା ଆରମ୍ଭ ହେଲା।
- ୧୯୫୯- ଆରତି ଶାହ ଇଂଲିଶ୍ ଚ୍ୟାନେଲ୍ ଅତିକ୍ରମ କଲେ।
- ୧୯୭୮-ପୋପ୍ ଜନ୍ ପଲ୍ ପ୍ରଥମଙ୍କର ରହସ୍ୟମୟ ସ୍ଥିତିରେ ମୃତ୍ୟୁ।

## 'ଡନ୍ ୩'କୁ ମିଳିଲା ଖଳନାୟକ





ବିଗ୍ ବି ଅମିତାଭ, ଶାହାରୁଖ୍ ଖାନ୍‌ଙ୍କ ପରେ ଏବେ ରଣବୀର ସିଂହ ଡନ୍ ଭୂମିକାରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ 'ଡନ୍' ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ 'ଡନ୍ ୩'କୁ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଏଥିରେ ରଣବୀର ସିଂହଙ୍କ ସହ କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ। ଅନ୍ୟପକ୍ଷରେ ଫିଲ୍ମରେ ରଣବୀରଙ୍କୁ ଟକ୍କର ଦେବା ପାଇଁ ପ୍ରଯୋଜକ ଜଣେ ସାଉଥ୍ କଳାକାରଙ୍କୁ ଏଥିରେ ବ୍ରେକ୍ ଦେଇଛନ୍ତି। ତେବେ ଏଥିରେ ଖଳନାୟକ ଭୂମିକା ପାଇଁ ଫିଲ୍ମ ନିର୍ମାତା 'ମାଷ୍ଟର', 'କୈଥି', 'ବିକ୍ରମ' ଭଳି ହିଟ୍ ଫିଲ୍ମ ଦେଇଥିବା ତେଲୁଗୁ କଳାକାର ଅର୍ଜୁନ୍ ଦାସଙ୍କୁ ବାଛିଛନ୍ତି। ଯଦି ଏହା ସତ ହେଲା, ତେବେ ଅର୍ଜୁନ ଏହି ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବେ। ଫରହାନ୍ ଓ ତାଙ୍କ ଟିମ୍ ଏବେ ଅର୍ଜୁନଙ୍କ ସହ କଥାବାର୍ତ୍ତା କରୁଛନ୍ତି। ଅର୍ଜୁନ୍ ମଧ୍ୟ ଏହି ଫିଲ୍ମ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଏହାର ସୁଟିଂ ଆସନ୍ତାବର୍ଷ ଜାନୁଆରୀରୁ ଆରମ୍ଭ ହେବ। 'ଡନ୍ ୩'ର ଆକ୍ସନ୍ ସିନ୍‌ଗୁଡ଼ିକ ସୁଟ୍ ପାଇଁ ଆନ୍ତର୍ଜାତିକ ସ୍ତରର ଷ୍ଟଣ୍ଟ ଟିମ୍ ରହିବ।

## ବିଶ୍ୱ ହୃଦୟ ଦିବସ




ଆଜି ହେଉଛି ୱାର୍ଲ୍ଡ ହାର୍ଟ ଡେ' ବା ବିଶ୍ୱ ହୃଦୟ ଦିବସ। ହୃଦ୍‌ରୋଗ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ 'ବିଶ୍ୱ ହୃଦୟ ଦିବସ' ପାଳନ କରାଯାଏ। ସାରା ବିଶ୍ୱରେ ହୃଦ୍‌ଘାତ ମୃତ୍ୟୁ ସଂଖ୍ୟା ବଢୁଥିବାର ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶ୍ୱ ହୃଦୟ ଫେଡେରେସନ୍ ମିଳିତ ଭାବେ ବିଶ୍ୱ ହୃଦୟ ଦିବସର କଳ୍ପନା କରିଥିଲେ। ଏହି ବିଶେଷ ଦିନ ପାଳନ କରିବାର ଆରମ୍ଭ ପ୍ରଥମେ ୨୦୦୦ ମସିହାରେ ହୋଇଥିଲା। ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ, ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ରବିବାର ଦିନ ବିଶ୍ୱ ହୃଦୟ ଦିବସ ପାଳନ କରାଯିବ। ୨୦୧୪ରେ ଏଥିରେ ପରିବର୍ତ୍ତନ ଅଣାଯାଇ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃଦୟ ଦିବସ ଭାବେ ପାଳନ କରିବାକୁ ସ୍ଥିର କରାଗଲା। ଖାଦ୍ୟପେୟ ଅନିୟମିତତା ହେଉ ବା ଶାରୀରିକ ପରିଶ୍ରମର ଅଭାବ, ବର୍ତ୍ତମାନ ହୃଦ୍‌ରୋଗ ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ସଚେତନତା ଅଭାବରୁ ଅନେକ ଲୋକ ହୃଦ୍‌ଘାତର ଶିକାର ହେବା ସହ ପ୍ରାଣ ମଧ୍ୟ ହରାଉଛନ୍ତି। ବର୍ତ୍ତମାନ ସମୟରେ ଆଧୁନିକ ଜୀବନଶୈଳୀ ଅନେକ ରୋଗର କାରଣ ପାଲଟିଛି। ତା'ମଧ୍ୟରୁ ସବୁଠାରୁ ବଡ଼ ରୋଗ ହେଉଛି ହୃଦ୍‌ରୋଗ। ହୃତ୍‌ପିଣ୍ଡ ଆମ ଶରୀରର ମୁଖ୍ୟ ଅଙ୍ଗ। ହୃତ୍‌ପିଣ୍ଡ ସଠିକ ଭାବେ କାର୍ଯ୍ୟ ନ କଲେ ପୁରା ଶରୀରରେ ସମସ୍ୟା ଦେଖାଯାଇଥାଏ। ତେଣୁ ହାର୍ଟ ବା ହୃଦୟକୁ ସୁସ୍ଥ ରଖିବା ନିହାତି ଦରକାର।

ଫାଷ୍ଟଫୁଡ୍, ଜଙ୍କଫୁଡ୍, ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଖାଇବା, ମଦ୍ୟପାନ, ଧୂମପାନ ସହ ବ୍ୟାୟାମରୁ ଦୂରେଇ ରହିବା ଦ୍ୱାରା ହୃଦ୍‌ଯନ୍ତ୍ର ଦୁର୍ବଳ ଏବଂ ରୁଗ୍ଣ ହୋଇଯାଇଥାଏ। ଅତ୍ୟଧିକ ଚିନ୍ତା ଓ ଉଦ୍‌ବେଗ ମଧ୍ୟ ହୃଦ୍‌ରୋଗକୁ ଡାକିଆଣେ। ୫୦ ରୁ ଅଧିକ ବୟସ୍କ ଲୋକଙ୍କଠାରେ ଏହା ସାଧାରଣତଃ ଅଧିକ ଦେଖାଯାଏ। ତେବେ ସ୍ତ୍ରୀ ଲୋକଙ୍କ ତୁଳନାରେ ପୁରୁଷମାନେ କମ୍ ବୟସରେ ହୃଦରୋଗର ଶିକାର ହେବାର ସମ୍ଭାବନା ଅଧିକ ଥାଏ। ହୃଦୟ ମାନସିକ ଆଉ ଶାରୀରିକ ସୁସ୍ଥତାର ଏକ ପ୍ରମୁଖ ଅଂଶ। ତେଣୁ ହୃଦୟ ସୁସ୍ଥ ରହିବା ନିହାତି ଆବଶ୍ୟକ। ମାତ୍ର ବର୍ତ୍ତମାନ ପରିସ୍ଥିତି ଏପରି ହେଲାଣି, ହୃଦସ୍ପନ୍ଦନ କେତେବେଳେ ଠପ୍ ହୋଇଯାଉଛି, ତା'ର ସାମାନ୍ୟ ସଙ୍କେତ ବି ମିଳୁନି। ଉଚିତ ଖାଦ୍ୟ ପାନୀୟ ଗ୍ରହଣ, ନିୟମିତ ବ୍ୟାୟାମ, ଧୂମପାନ ବର୍ଜନ ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ। ଏହି ଦିବସ ମାଧ୍ୟମରେ ହୃଦ୍‌ରୋଗକୁ କିଭଳି ଦୂର କରାଯାଇପାରିବ, ସେ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ଚଳିତବର୍ଷ ବିଶ୍ୱ ହୃଦୟ ଦିବସର ଥିମ୍ ରହିଛି "Don't Miss a Beat"।

## ୬୩ ଦିନ ଧରି ଗୁମ୍ଫାରେ ରହିଲେ ବୈଜ୍ଞାନିକ

ମିସେଲ ସିଫ୍ରେ ନାମକ ଜଣେ ବୈଜ୍ଞାନିକ ୧୯୬୨ ମସିହାରେ ଏକ ନିଆରା ପରୀକ୍ଷା କରିଥିଲେ। ଫ୍ରାନ୍ସର ଆଲପସ୍ ପର୍ବତମାଳାର ଏକ ୧୩୦ ମିଟର ଗଭୀର ଗୁମ୍ଫାକୁ ସେ ଏକ ଗ୍ଲେସିୟର୍ ଠାବ କରିବାକୁ ଯାଇଥିଲେ। ଅବଶ୍ୟ ପରେ ସେ ମନ ପରିବର୍ତ୍ତନ କରି ନେଇଥିଲେ। ଘଣ୍ଟା, ସୂର୍ଯ୍ୟାଲୋକ, କ୍ୟାଲେଣ୍ଡର ବିନା ଏକ ମାହୋଲରେ ସେ ୬୩ ଦିନ ଜୀବନ ବିତାଇବା ପାଇଁ ସ୍ଥିର କରିଥିଲେ। ଏହି ସମୟରେ ସେ ମଣିଷର ଶରୀର ସମୟର ଉପସ୍ଥିତିକୁ କିପରି ଜାଣୁଛି ତାହା ଜାଣିବାକୁ ଚେଷ୍ଟା କରିଥିଲେ। ତାଙ୍କର ଏହି ପରୀକ୍ଷା ସେତେବେଳେ ଜୀବ ବିଜ୍ଞାନରେ ହଇଚଇ ସୃଷ୍ଟି କରିଥିଲା। ଗୁମ୍ଫାରେ ରହିବା ମିସେଲଙ୍କ ପାଇଁ ବେଶ୍ କଷ୍ଟକର ଥିଲା। କାରଣ ଏଠାରେ ତାପମାତ୍ରା ଶୂନ ଡିଗ୍ରୀ ରହୁଥିଲା। ହେଲେ ଗୁମ୍ଫାର ଶାନ୍ତ ପରିବେଶ ତାଙ୍କୁ ବହୁତ ଭଲ ଲାଗୁଥିଲା। ଏଠାରେ ଦିନ ରାତି ଜଣାପଡୁ ନ ଥିବାରୁ ତାଙ୍କର ଜୈବିକ ଚକ୍ର ବିଗିଡ଼ିବାକୁ ଲାଗିଲା। ଅତ୍ୟଧିକ ଥଣ୍ଡା ଏବଂ ଏକାକୀତ୍ୱ ତାଙ୍କ ମନ ଏବଂ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଲା। ଏହି ଯନ୍ତ୍ରଣାପୂର୍ଣ୍ଣ ଅଭିଜ୍ଞତା ତାଙ୍କୁ ମନୁଷ୍ୟ ଶରୀର ଉପରେ ଏକାକୀତ୍ୱର ପ୍ରଭାବ ବୁଝିବାରେ ସାହାଯ୍ୟ କଲା। ସୂର୍ଯ୍ୟାଲୋକ ଏବଂ ଘଣ୍ଟା ନ ଥିବା କାରଣରୁ ତାଙ୍କ ଶରୀରର ଜୈବିକ ଘଣ୍ଟା ୨୪ ଘଣ୍ଟାରୁ ବିଚ୍ୟୁତ ହୋଇଥିଲା। ଆରମ୍ଭରୁ ତାଙ୍କର ଜୈବିକଚକ୍ର ୨୪.୫ ଘଣ୍ଟା ଥିବାବେଳେ ପରବର୍ତ୍ତୀ ସମୟରେ ଏହା ୩୬ ଘଣ୍ଟାକୁ ବୃଦ୍ଧି ପାଇଥିଲା। କାରଣ ଏହି ସମୟରେ ମିସେଲ ୨୪ ଓ ୩୬ ଘଣ୍ଟା ମଧ୍ୟରେ ଅନ୍ତର ଜାଣି ପାରି ନ ଥିଲେ। ମଣିଷ ଶରୀର ତା'ର ନିଜସ୍ୱ ଆଭ୍ୟନ୍ତରୀଣ ଘଣ୍ଟା ଦ୍ୱାରା କାମ କରିଥାଏ ଓ ଏହା ବାହାର ଦୁନିଆରୁ ଅଲଗା ହୋଇଥାଏ ବୋଲି ମିସେଲଙ୍କ ଏହି ଆବିଷ୍କାର ପ୍ରମାଣ କରିଥିଲା। ଆରମ୍ଭରୁ ମିସେଲଙ୍କ ଗବେଷଣାକୁ ଅନ୍ୟ ବୈଜ୍ଞାନିକମାନେ ସନ୍ଦେହ ଦୃଷ୍ଟିରେ ଦେଖିଥିଲେ ହେଁ ପରେ ପରେ ତାଙ୍କ ପରୀକ୍ଷାର ଗୁରୁତ୍ୱ ବଢ଼ିଥିଲା। ଏହାପରେ କ୍ରୋନୋବାୟୋଲୋଜି, ନାମକ ଏକ ବିଜ୍ଞାନ ସାମ୍ନାକୁ ଆସିଥିଲା। ଏହା ଆମ ଶରୀର ସମୟ ସହିତ କିପରି ଖାପ ଖାଏ, ତାହା ସ୍ପଷ୍ଟ କରିଥିଲା।



## ନବରାତ୍ରୀରେ ୧୦୮ ନାମ ଜପ

ନବରାତ୍ରୀରେ ମନ୍ତ୍ର ଓ ନାମ ଜପକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହି ସମୟରେ ଦେବୀ ଦୁର୍ଗାଙ୍କ ୧୦୮ ନାମ ଜପ କରିବା ଉଚିତ। ଦୁର୍ଗା, ପ୍ରଥମା, ଜୟା, ଚନ୍ଦ୍ରଘଣ୍ଟା, ମହାତପା, ବୁଦ୍ଧି, ଶକ୍ତି, ଅନନ୍ତ, ଭବାନି, ରତ୍ନପ୍ରିୟା, ସର୍ବବିଦ୍ୟା, ବହୁରଙ୍ଗୀ, ପାତାଳବତୀ ଭଳି ଆହୁରି ଅନେକ ନାମ ଦେବୀ ଦୁର୍ଗାଙ୍କର ଅଛି। ତାଙ୍କ ନାମ ଓ ମନ୍ତ୍ର ଜପରୁ ଅନେକ ଲାଭ ମିଳିଥାଏ। ବିଶେଷକରି ନବରାତ୍ରୀରେ ଦୁର୍ଗା ମା'ଙ୍କ ନାମ ଜପ କଲେ ଅଲୌକିକ ଲାଭ ମିଳେ। ଏହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବି ଭଲ ପ୍ରଭାବ ପକାଏ। ଏହି ନାମ ଜପ ଦ୍ୱାରା ଆଧ୍ୟାତ୍ମିକ ଉନ୍ନତି ହେବା ସହ ଜୀବନର ବାଧା ବି ଦୂର ହୁଏ। ସେହିପରି ଶରୀରରେ ଶକ୍ତି ନିରନ୍ତର ବଢ଼ିଥାଏ। ଏହି ମନ୍ତ୍ର ଜପ ଦ୍ୱାରା ଦେବୀ ମା'ଙ୍କ ଅସୀମ କୃପା ପ୍ରାପ୍ତି ହୁଏ। ତେବେ ଏହାକୁ କେବଳ ପୂଜା ସମୟରେ ଜପ କରାଯିବ ତାହା ନୁହେଁ, ଦିନର ଯେକୌଣସି ସମୟରେ ଦେବୀ ମା'ଙ୍କ ନାମକୁ ଜପ କରାଯାଇପାରିବ।

ନବରାତ୍ରୀ ଭଳି ପବିତ୍ର ଅବସରରେ ଦୁର୍ଗା ମା'ଙ୍କ ୧୦୮ ନାମ ଜପ କରିବା ଅତ୍ୟନ୍ତ ଶୁଭ। ଏହି ନାମ ଜପ ଦ୍ୱାରା ମାନସିକ ଶାନ୍ତି, ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ ହୁଏ। ତା'ସହ ଜୀବନର ସମସ୍ତ ବାଧା ଦୂର ହୁଏ।



## ସ୍ମୃତି

## ପବିତ୍ର ବିଜୟା ଦଶମୀ



**ଆଶ୍ୱିନ ଶୁକ୍ଳ ଦଶମୀକୁ 'ବିଜୟା ଦଶମୀ' କୁହାଯାଏ। ଏହି ଦିନ ମାଆ ଦୁର୍ଗାଙ୍କୁ ପୂଜନ କଲେ ମାନବ ଦଶ ଜନ୍ମକୃତ ପାପରୁ ଉଦ୍ଧାର ପାଏ ବୋଲି, ଏହାକୁ "ଦଶହରା" କୁହାଯାଏ। ଏତଦ୍ଭିନ୍ନ ଏହି ତିଥିରେ ମାଆ ଦୁର୍ଗାଙ୍କ ପୂଜା ନିଷ୍ଠାର ସହ ପାଳନ କଲେ ଦଶ ବାଧାବିଘ୍ନ ଦୂର ହେଉଥିବାରୁ ଏହାର ନାମ ଦଶହରା। ଦଶହରା ବା ବିଜୟା ଦଶମୀ ହେଉଛି ଜଗତଜନନୀଙ୍କ ଶାରଦୀୟ ଦୁର୍ଗା ପୂଜାର ଶେଷ ଦିନ। ଏହିଦିନ ବିଭିନ୍ନ ଦୁର୍ଗା ମନ୍ଦିର ତଥା ପୂଜା ମଣ୍ଡପରେ ମା'ଙ୍କର ରୀତିନୀତିରେ ପୂଜାର୍ଚ୍ଚନା କରାଯାଏ।**

- ଦଶହରାରେ ଖଣ୍ଡା, ଢାଲ, ଲଙ୍ଗଳ, କରଣୀ ଆଦି ବିଭିନ୍ନ ପାରମ୍ପରିକ ଯନ୍ତ୍ର ଏବଂ ଉପକରଣ ପୂଜା କରାଯାଇଥାଏ। ଏହି ଦଶମୀ ପର୍ବକୁ ଅପରାଜିତା ପୂଜା ମଧ୍ୟ କୁହାଯାଏ। ତେବେ ଦୁର୍ଗା ମା'ଙ୍କୁ ଅପରାଜିତା ଫୁଲରେ ପୂଜା କଲେ ଦୁର୍ଗା ମା' ସନ୍ତୁଷ୍ଟ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି। ସେହିପରି ବିଜୟା ଦଶମୀରେ ଅପରାଜିତା ଫୁଲରେ ମା' ଦଶଭୂଜାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଏ।
- ପୁରାଣ ଅନୁସାରେ, ମହିଷାସୁର ଅତ୍ୟାଚାରରେ ଦେବତାମାନେ ତ୍ରାହି ତ୍ରାହି ଡାକିଲେ। ତେବେ ଏହି ରାକ୍ଷସର ଅତ୍ୟାଚାର ଅସହ୍ୟ ହେବାରୁ ଦେବତାମାନେ ଦୁର୍ଗାଙ୍କୁ ଆବାହନ କଲେ। ଦେବୀ ଦୁର୍ଗା ସିଂହବାହିନୀ ସାଜି ମହିଷାସୁରର ବଦ୍ଧ କରିଥିଲେ। ପାପୀ ମହିଷାସୁରକୁ ବଦ୍ଧ କରି ତିନିପୁରରେ ମା' ଦୁର୍ଗା ଶାନ୍ତି ପ୍ରତିଷ୍ଠା କରିଥିଲେ। ସେହିପରି ଦଶହରା ଦିନ ଶ୍ରୀରାମ ମାତୃଶକ୍ତି ବନଦୁର୍ଗାଙ୍କୁ ପୂଜା କରି ରାବଣକୁ ବଦ୍ଧ କରି ମା' ସୀତାଙ୍କୁ ଉଦ୍ଧାର କରିଥିଲେ। ଏଣୁ ଦଶହରାକୁ ଅଧର୍ମ ଉପରେ ଧର୍ମର ବିଜୟ ଉତ୍ସବ ଭାବେ ପାଳନ କରାଯାଏ। ଏହିଦିନ ଯାନବାହନ ପୂଜା କରାଯାଏ।
- ଦଶହରା ଦିନ ରାବଣପୋଡ଼ିର ପରମ୍ପରା ରହିଛି। ଏହା ହିଁ ହେଉଛି ଏଦିଦିନର ମୁଖ୍ୟ ଆକର୍ଷଣ। କୁହାଯାଏ, ରାବଣ ପୋଡ଼ି ଦ୍ୱାରା ଅସତ୍ୟର ଲୋପ ଘଟି ସତ୍ୟର ବିଜୟ ହୁଏ। ତେଣୁ ଅଧର୍ମ ଉପରେ ଧର୍ମର ବିଜୟ ପ୍ରତୀକ ଭାବେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷରେ ଦଶହରା ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ଭାବ ଓ ଭକ୍ତିମୟ ପରିବେଶ ଥାଏ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

ଶ୍ରୀମଦ୍ ଭାଗବତର ଚତୁର୍ଥ ସ୍କନ୍ଧ, ୨୫ ଠାରୁ ୨୮ ଅଧ୍ୟାୟରେ ଏକ ଭାବ ଉଦ୍ରେକ ମନୋଜ୍ଞ ଉପାଖ୍ୟାନ ରହିଅଛି। ଏହାର ଶୀର୍ଷକ ପୁରଞ୍ଜନ ଉପାଖ୍ୟାନ। ଜୀବାତ୍ମା ଓ ପରମାତ୍ମାଙ୍କ ସମ୍ପର୍କ ବିଷୟରେ ଅତ୍ୟନ୍ତ ତାତ୍ତ୍ୱିକ ଭାବରେ ଏକ କଥା ଛଳରେ ନାରଦ ମୁନୀ ପ୍ରାଚୀନବର୍ହିଙ୍କୁ ଏହି ଉପାଖ୍ୟାନ ଶୁଣାଇଛନ୍ତି।

ପ୍ରାଚୀନବର୍ହି କିଏ ପ୍ରଥମେ ଜାଣିବା। ଶ୍ରୀମଦ୍ ଭାଗବତରେ ଧୃବ ଏକ ପରିଚିତ ଚରିତ୍ର। ଧୃବଙ୍କ ପୁତ୍ର ହେଉଛନ୍ତି ଅଙ୍ଗ, ଅଙ୍ଗଙ୍କ ପୁତ୍ର ବେନ, ବେନଙ୍କ ପୁତ୍ର ପୃଥୁ, ପୃଥୁଙ୍କ ପୁତ୍ର ପ୍ରାଚୀନବରହୀ। ଅର୍ଥାତ ଧୃବ ମହାରାଜଙ୍କ ବଂଶ ପରମ୍ପରାରେ ପ୍ରାଚୀନବରହୀ ଜନ୍ମ ଗ୍ରହଣ କରିଥିଲେ।

ପ୍ରାଚୀନବରହୀ ଜଣେ କର୍ମ କାଣ୍ଡି ରାଜା ଥିଲେ। ସେ ଅନେକ କର୍ମ କାଣ୍ଡ ଓ ଯଜ୍ଞାଦି କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ଯଜ୍ଞ ଶେଷରେ ସେ ଅନେକ ପଶୁ ବଳି ଦେଉ ଥିଲେ। ନିରୀହ ପଶୁ ଗୁଡିକ ଅସମୟରେ ମୃତ୍ୟୁ ମୁଖରେ ପଡି କଷ୍ଟ ପାଉଥିଲେ ଓ ସ୍ୱର୍ଗରେ ଥାଇ ପ୍ରାଚୀନବରହୀଙ୍କୁ ଅଭିଶାପ ଦେଉ ଥିଲେ। ଏ କଥା ନାରଦ ମୁନୀଙ୍କ ଦୃଷ୍ଟି ଗୋଚର ହୁଅନ୍ତେ ସେ ପ୍ରାଚୀନବରହୀଙ୍କ ପାଖରେ ପହଞ୍ଚି କହିଲେ, "ଅସଲ ସୁଖ ଭଗବତ ପ୍ରାପ୍ତିରେ ଅଛି, ଯାହା କର୍ମକାଣ୍ଡ ଦ୍ୱାରା ହାସଲ ହୋଇ ପାରେ ନାହିଁ।" ପ୍ରାଚୀନବରହୀ ନାରଦଙ୍କୁ କହିଲେ, "ମୁନୀବର, କଅଣ କଲେ ସୁଖ ପ୍ରାପ୍ତି ହେବ ସେ ବିଷୟରେ ମୋତେ ଜ୍ଞାନ ଦିଅନ୍ତୁ।" ନାରଦ ମୁନି ପ୍ରାଚୀନବରହୀଙ୍କୁ ଏକ ଗଳ୍ପ ମାଧ୍ୟମରେ ଜୀବାତ୍ମା ଓ ପରମାତ୍ମାଙ୍କ ସମ୍ପର୍କ ବିଷୟରେ ଉପଦେଶ ଦେଲେ, ଯାହାର ନାମ " ପୁରଞ୍ଜନ ଉପାଖ୍ୟାନ ।" (କ୍ରମଶଃ)

କେଶୁରା,
ମୋ: ୮୨୪୯୨୧୩୦୪୦

ଅନେକ ସମୟରେ ଆର୍ଥିକ ସମସ୍ୟା ଯୋଗୁଁ ଧାର କରଜ କରିବାକୁ ପଡ଼େ। ତେବେ ଋଣ ଭାର କାହିଁକି ବଢ଼େ, ସେ ସମ୍ପର୍କରେ ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ କୁହାଯାଇଛି।

- ମଙ୍ଗଳବାର ଦିନ କାହାଠୁ ଧାର ଆଣନ୍ତୁ ନାହିଁ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହିଦିନ ମଙ୍ଗଳଗ୍ରହକୁ ସମର୍ପିତ। ମଙ୍ଗଳ ପ୍ରଭାବ ଯୋଗୁଁ ଋଣ ସୁଝି ହୁଏ ନାହିଁ ବୋଲି କୁହାଯାଏ।
- ଘରକୁ ମଙ୍ଗଳବାର ଓ ଶନିବାର ଲୁଣ କିଣିକି ଆଣିବା ଅନୁଚିତ। ଏହିଦିନ କିଣାଯାଉଥିବା ଜିନିଷ ଘରକୁ ନକାରାତ୍ମକ ଶକ୍ତି ସଞ୍ଚାର କରେ। ଫଳରେ ଆର୍ଥିକ ସଙ୍କଟ ବୃଦ୍ଧି ପାଏ।
- ଘରର ପୂର୍ବ ଦିଗରେ ଦର୍ପଣ ଲଗାଇବା ଦ୍ୱାରା ଋଣ ଭାର ବଢ଼ିଥାଏ। ଏହା ଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ଚିନ୍ତା, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଆର୍ଥିକ ସମସ୍ୟା ଉପୁଜି ହୋଇପାରେ।
- ଘରର ମୁଖ୍ୟ ଦ୍ୱାର ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହିଠାରୁ ଘରକୁ ମହାଲକ୍ଷ୍ମୀ ଏବଂ ସକାରାତ୍ମକ ଶକ୍ତିର ପ୍ରବେଶ ହୁଏ। ଘରର ମୁଖ୍ୟ ଦ୍ୱାରରେ ଡଷ୍ଟବିନ୍ ରଖିଲେ ସକାରାତ୍ମକ ଶକ୍ତି ବାଧାପ୍ରାପ୍ତ ହୁଏ।



## ଏସିଆ କପ୍‌ରେ ସ୍ପିନରଙ୍କ କମାଲ, ତିଳକ ବର୍ମାଙ୍କ ଅର୍ଦ୍ଧଶତକ

# ପାକିସ୍ତାନ ଧରାଶାୟୀ; ଭାରତକୁ ୯ମ ଟାଇଟଲ୍

ଦୁବାଇ, ୨୮।୯ (ଏଜେନ୍ସି):

ପାକିସ୍ତାନକୁ ୫ ୱିକେଟରେ ହରାଇ ବିଶ୍ୱ ଚାମ୍ପିଅନ୍ ଭାରତ ୨୦୨୫ ଏସିଆ କପ୍ ଟି-୨୦ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ତଥା ରୋମାଞ୍ଚକ ଫାଇନାଲରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୯.୧ ଓଭରରେ ୧୪୬ ରନ୍ କରିଥିଲା। ଜବାବରେ ଭାରତ ୨ଟି ବଲ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବାମହାତୀ ବ୍ୟାଟର ତିଳକ ବର୍ମା ଉଭୟ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ୫୩ ବଲ୍‌ରେ ୩ ଚୌକା ଓ ୪ଛକା ସହ ଅପରାଜିତ ୬୯ ରନ୍ କରିବା ସହ ଭାରତକୁ ୯ମଥର ଏସିଆ କପ୍ ଜିତାଇଥିଲେ। ଏହି ଫାଇନାଲରେ ୧୪୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ୨୦ ରନ୍‌ରେ ପ୍ରଥମ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ୫, ସୂର୍ଯ୍ୟକୁମାର ଯାଦବ ୧ ଓ ଶୁବମନ ଗିଲ୍ ୧୨ ରନ୍‌ରେ ଆଉଟ ହୋଇଥିଲେ। ଏହି ସମୟରେ ତିଳକ ୪ର୍ଥ ୱିକେଟରେ ସଞ୍ଜୁ ସାମସନଙ୍କ ସହ ୫୦ ବଲ୍‌ରୁ ୫୭ ଓ ୫ମ ୱିକେଟ ଯୋଡିରେ ଶିବମ ଦୁବେଙ୍କ ସହ ୪୦ ବଲ୍‌ରେ ୬୦ ରନ୍ ଉଠାଇବା ସହ ଭାରତକୁ ଆକର୍ଷଣୀୟ ବିଜୟ ପ୍ରଦାନ କରିଥିଲେ। ସଞ୍ଜୁ ୨୧ ବଲ୍‌ରେ ୨୪ ଓ ଦୁବେ ୨୨ ବଲ୍‌ରେ ୩୩ ରନ୍ କରିଥିଲେ। ୧୯ତମ ଓଭରରେ ଦୁବେ ଆଉଟ ହେବା ପରେ ତିଳକ ଓ ରିଙ୍କୁ ୪ଟି ବଲ୍‌ରୁ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିଥିଲେ।




ଭାରତ ଏହାକୁ ମିଶାଇ ଏସିଆ କପ୍‌ରେ ୯ମଥର ଚାମ୍ପିଅନ ହୋଇଛି। ଏହା ମଧ୍ୟରୁ ଦିନିକିଆ ଫର୍ମାଟରେ ୭ଥର ଓ ଟି-୨୦ ଫର୍ମାଟରେ ୨ଥର ଟାଇଟଲ ଜିତିଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଗୋଟିଏ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନକୁ ଭାରତ ୩ଟି ମ୍ୟାଚ୍‌ରେ ପରାସ୍ତ କରିବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛି। ଲିଗ୍ ପର୍ଯ୍ୟାୟରେ ୭ ୱିକେଟ, ସୁପର-୪ରେ ୬ ୱିକେଟ ଓ ଫାଇନାଲରେ ୫ ୱିକେଟରେ ପାକିସ୍ତାନକୁ ଭାରତ ହରାଇଥିଲା। ଏସିଆ କପ୍‌ର ୪୧ ବର୍ଷ ଇତିହାସରେ ଏହା ଉଭୟଙ୍କ ମଧ୍ୟରେ ପ୍ରଥମ ଫାଇନାଲ ଥିଲା ଓ ଏଥିରେ ଭାରତ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହୋଇଥିଲାବେଳେ ଭାରତ ଅପରାଜେୟ ରହିଛି।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଆରମ୍ଭରୁ ଭଲ ବ୍ୟାଟିଂ କରିଥିଲା। ଦଳ ଏକଦା କୌଣସି ୱିକେଟ ନ ହରାଇ ୮୪ ରନ୍ କରିଥିଲା। ଏହି ସମୟରେ ଫରହାନ୍‌ଙ୍କୁ ଆଉଟ କରି ପାକିସ୍ତାନର ରନ୍ ଇଞ୍ଜିନକୁ ଅକାମୀ କରିଦେଇଥିଲେ ବରୁଣ ଚକ୍ରବର୍ତ୍ତୀ। ଫରହାନ ୩୮ ବଲ୍‌ରେ ୫ ଚୌକା ଓ ୩ ଛକା ସହ ୫୭ ରନ୍ କରି ଆଉଟ ହୋଇଥିଲେ। ଫରହାନଙ୍କ ଆଉଟ ପରେ ପାକିସ୍ତାନ ବ୍ୟାଟରମାନେ ପଡ଼ିଆରୁ ପାଭିଲିୟନକୁ ଯିବାଆସିବା କରିଥିଲେ। ଦଳ ତାହାର ସମସ୍ତ ୧୦ଟି ଯାକ ୱିକେଟ ପରବର୍ତ୍ତୀ ୬୨ ରନ୍‌ରେ ହରାଇଥିଲା। ଏପରିକି ପାକିସ୍ତାନ ତାହାର ଶେଷ ୬ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା। ଭାରତ ପକ୍ଷରୁ କୁଳଦୀପ ଯାଦବ ୧୭ତମ ଓଭରରେ ୩ଟି ୱିକେଟ ନେଇ ପାକିସ୍ତାନର ବ୍ୟାଟିଂକୁ ଧ୍ୱଂସ କରିଦେଇଥିଲେ। ସେ ୩୦ ରନ୍‌ରେ ୪ଟି, ଅକ୍ଷର ପଟେଲ ସୁନ୍ଦର ବୋଲିଂ କରି ୨୬ ଓ ବରୁଣ ଚକ୍ରବର୍ତ୍ତୀ ୩୦ ରନ୍‌ରେ ୨ଟି ୱିକେଟ ନେଇଥିଲେ। ଏମାନେ ୧୨ ଓଭରରେ ୮୬ ରନ୍ ଦେଇ ୮ଟି ୱିକେଟ ନେଇଥିଲେ। ଅନ୍ୟ ଦୁଇଟି ୱିକେଟ ବୁମ୍‌ରାଙ୍କୁ ମିଳିଥିଲା।

## ଜୁନିଅର ସୁଟିଂ ବିଶ୍ୱକପ୍: ଅନୁଷ୍କାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ସ୍ଥାନୀୟ ଡ. କର୍ନି ସିଂହ ରେଞ୍ଜରେ ଚାଲିଥିବା ଜୁନିଅର ସୁଟିଂ ବିଶ୍ୱକପ୍‌ରେ ଭାରତର ଅନୁଷ୍କା ଥୋକୁର କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ ଇଭେଣ୍ଟରେ ଅନୁଷ୍କା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିରେ ସେ ୪୫ଟି ସଟ୍ ମାରି ମୋଟ୍ ୪୬୧ ସ୍କୋର କରି ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ ଥିଲା। ଏଥିପୂର୍ବରୁ ସେ ୫୦ ମିଟର ରାଇଫଲ୍ ପ୍ରୋନ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ରବିବାର ଅନୁଷ୍ଠିତ ୫୦ ମିଟର ରାଇଫଲ୍ ଥ୍ରି-ପୋଜିସନରେ ଭାରତର ଆଦ୍ରିୟାନ କର୍ମାକର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ବିଶ୍ୱକପ୍‌ର ୩ୟ ଦିବସ ଶେଷ ସୁଦ୍ଧା ୬୯ ଜଣିଆ ଭାରତୀୟ ସୁଟିଂ ଦଳ ୧୩ ପଦକ ଜିତି ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଯେଉଁଥିରେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ କାଂସ୍ୟ ପଦକ ରହିଛି।

## ୧୬ ବର୍ଷ ପରେ ସଫଳତା ଆଣିଲେ ନଟରାଜ

ଅହମ୍ମଦାବାଦ୍, ୨୮।୯ (ଏଜେନ୍ସି): ଦୀର୍ଘ ୧୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏସିଆନ୍ ଆକ୍ୱାଟିକ (ଜଳକ୍ରୀଡ଼ା) ଚାମ୍ପିଅନସିପ୍‌ରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି। ରବିବାରଠାରୁ ଏଠାରେ ଆରମ୍ଭ ହୋଇଥିବା ୧୧ତମ ଏସିଆନ୍ ଆକ୍ୱାଟିକ ଚାମ୍ପିଅନସିପ୍‌ର ପ୍ରଥମ ଦିବସରେ ଶ୍ରୀହରି ନଟରାଜ ରୌପ୍ୟ ଜିତି ଦୀର୍ଘ ବର୍ଷର ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି। ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟକୁ ଶ୍ରୀହରି ଏକ ମିନିଟ୍ ୪୮.୪୭ ସେକେଣ୍ଡରେ ଫିନିଶ କରି ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ଏଥିରେ ଚୀନର ୧୭ ବର୍ଷୀୟ ଜୁ ହାଇବୋ ୧ ମିନିଟ୍ ୪୬.୮୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ।



## ଓସିଏର ଅଭିନନ୍ଦନ

କଟକ,୨୮।୯ (ସମିସ): ବିସିସିଆଇରେ ୩ଜଣ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜାତୀୟ ସିନିଅର ଚୟନ କମିଟିରେ ଶିବସୁନ୍ଦର ଦାସ ଓ ପ୍ରଜ୍ଞାନ ଓଝା। ସେହିପରି ଦେବାଶିଷ ମହାନ୍ତି ଅଷ୍ଟ୍ରେଲିଆ ଗସ୍ତରେ ଥିବା ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଫାଷ୍ଟ ବୋଲିଂ କୋଚ୍ ଭାବେ କାମ କରୁଛନ୍ତି। ଏହି ୩ଜଣ ଓଡ଼ିଆଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ଓଡ଼ିଶା କ୍ରିକେଟ ସଂଘ (ଓସିଏ) ପକ୍ଷରୁ ସମ୍ପାଦକ ସଞ୍ଜୟ ବେହେରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଓସିଏ ପକ୍ଷରୁ ଆଇସିସି ଚେୟାରମ୍ୟାନ ଜୟ ଶାହ, ବିସିସିଆଇ ସଭାପତି ମିଥୁନ ମାନହାସ ଓ ସମ୍ପାଦକ ଦେବଜିତ ସାଇକିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମହିଳା ରଗ୍‌ବୀ ବିଶ୍ୱକପ୍ ଜିତିଲା ଇଂଲଣ୍ଡ

ଲଣ୍ଡନ, ୨୮।୯ (ଏଜେନ୍ସି): ମହିଳା ରଗ୍‌ବୀ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଆୟୋଜକ ଇଂଲଣ୍ଡ ଦଳ ଚାମ୍ପିଅନ ହୋଇଛି। ଟ୍ୱିକେନହାମରେ ରବିବାର ଖେଳାଯାଇଥିବା ଗ୍ରାଣ୍ଡ ଫାଇନାଲରେ ଇଂଲଣ୍ଡ ମହିଳା ଦଳ ୩୩-୧୩ ସ୍କୋରରେ କାନାଡାକୁ ପରାସ୍ତ କରି ୩ୟଥର ଲାଗି ଟାଇଟଲ୍ ହାସଲ କରିଛି। ଏଥି ପୂର୍ବରୁ ଇଂଲଣ୍ଡ ପ୍ରଥମଥର ଲାଗି ୧୯୯୪ରେ ଓ ଶେଷଥର ଲାଗି ୨୦୧୪ରେ ମହିଳା ରଗ୍‌ବୀ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ସେହିଭଳି ଇଂଲଣ୍ଡ ୨୦୦୨ରୁ କ୍ରମାଗତ ଭାବେ ଗତ ୭ଟି ବିଶ୍ୱକପ୍‌ରେ ଫାଇନାଲ ଖେଳିଆସୁଛି।

## ବିଶ୍ୱ ପାରା ଆଥଲେଟିକ୍ସରେ ୧୨ ଓଡ଼ିଆ କର୍ମକର୍ତ୍ତା



ଭୁବନେଶ୍ୱର,୨୮।୯ (ସମିସ): ଭାରତରେ ପ୍ରଥମଥର ନୂଆଦିଲ୍ଲୀରେ ଗତକାଲିଠାରୁ ଆରମ୍ଭ ହୋଇଛି ୱାର୍ଲ୍ଡ ପାରା ଆଥଲେଟିକ୍ ଚାମ୍ପିଅନସିପ୍। ଅକ୍ଟୋବର ୫ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ୧୨ଜଣ ଓଡ଼ିଆ ନ୍ୟାସନାଲ ଟେକ୍ନିକାଲ ଅଫିସିଆଲ ଭାବେ ନିଯୁକ୍ତ ହୋଇଛନ୍ତି। ଏପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରଥମଥର ଏତେ ସଂଖ୍ୟାରେ କର୍ମକର୍ତ୍ତା ସ୍ଥାନ ପାଇଛନ୍ତି। ସ୍ଥାନ ପାଇଥିବା କର୍ମକର୍ତ୍ତାମାନେ ହେଲେ ଦେବମୃତା ସାହୁ, ରଶ୍ମିରଞ୍ଜନ ମଲ୍ଲିକ, ପ୍ରିୟଞ୍ଜନ ନାୟକ, ଲକ୍ଷ୍ମୀଧର ମହାନ୍ତି, ଗୋପାଳ ସୋନି, ଶୋଭାରାଣୀ ଦୋରା, ପତ୍ରପୁଷ୍ପ ମହାନ୍ତି, ଲିପ୍‌ସା ମିଶ୍ର, ରୋନାଲି ସାହୁ, ପୂଜା ବେହେରା, ମାଳବିକା ମିଶ୍ର ଓ ସରିତା ସାହୁ।

## ଏସ୍‌ପିଡି ସ୍ମାରକୀ ଚେସ୍; ଦୀପ୍ତିରଞ୍ଜନ ଚାମ୍ପିଅନ



ଭୁବନେଶ୍ୱର,୨୮।୯ (ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆଉ ଏକ ଦିନିକିଆ ଓ ୫ ରାଉଣ୍ଡ ବିଶିଷ୍ଟ ୫ମ ସୁରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ବଡ଼ଗଡ କେନାଲ ରୋଡ୍‌ରେ ଥିବା ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରର ଦୀପ୍ତିରଞ୍ଜନ ନାୟକ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କନ୍ଧମାଳର ଲରେନ୍ସ ପ୍ରଧାନ ରନର୍ସ ଅପ୍ ଓ ଭୁବନେଶ୍ୱରର ଦିବ୍ୟାଂଶୁ କୁମାର ପଶାୟତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ସ୍କୁଲର ଚେୟାରମ୍ୟାନ୍ ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଚିତ୍ତରଞ୍ଜନ ଦେବତା ଖେଳ ଶେଷରେ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ୍‌ର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରସ୍କାର ପ୍ରଦାନ ଉତ୍ସବ ବିଳମ୍ବିତ

## ଦେଢ଼ ଘଣ୍ଟା ପରେ ଆସିଲେ ପାକିସ୍ତାନ ଖେଳାଳି

ଦୁବାଇ, ୨୮।୯ (ଏଜେନ୍ସି): ଏସିଆ କପ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳିମାନେ କରମର୍ଦ୍ଦନ ନ କରିବା ନେଇ ସୃଷ୍ଟି ହୋଇଥିବା ବିବାଦର ପ୍ରଭାବ ଫାଇନାଲ ପରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବରେ ପଡ଼ିଥିଲା। ପରାଜିତ ହେବା ପରେ ପାକିସ୍ତାନର ଖେଳାଳିମାନେ ଡ୍ରେସିଂ ରୁମ୍‌ରୁ ବାହାରି ନ ଥିଲେ। ପାକିସ୍ତାନର କୋଚ୍ ମାଇକ୍ ହେସନ ଓ ସଲମାନ ଅଲି ଆଘାଙ୍କ ସହ ଏସୀୟ ତଥା ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଆଲୋଚନା କରିବା ପରେ ଖେଳାଳିମାନେ ଦୀର୍ଘ ଦେଢ଼ ଘଣ୍ଟା ପରେ ପଡ଼ିଆକୁ ଆସିଥିଲେ ଓ ରନର୍ସ ଅପ୍ ପୁରସ୍କାର ମଧ୍ୟ ଗ୍ରହଣ କରିଥିଲେ। କିନ୍ତୁ ଚାମ୍ପିଅନ ହୋଇଥିବା ଭାରତୀୟ ଖେଳାଳି ବ୍ୟକ୍ତିଗତ ପୁରସ୍କାର ମଧ୍ୟ ଗ୍ରହଣ କରିଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ଟ୍ରଫି ଗ୍ରହଣ କରିବେ ନାହିଁ ବୋଲି ଜଣାଇବା ପରେ ପୁରସ୍କାର ବିତରଣ ଉତ୍ସବ ଶେଷ ହୋଇଥିଲା। ଏକାଧିକ ରିପୋର୍ଟ ଅନୁଯାୟୀ ପାକିସ୍ତାନ ସରକାରରେ ମନ୍ତ୍ରୀ, କ୍ରିକେଟ ବୋର୍ଡର ଅଧ୍ୟକ୍ଷ ତଥା ଏସୀୟ କ୍ରିକେଟ କାଉନ୍ସିଲର ସଭାପତି ଥିବା ମୋହସିନ ନକ୍‌ଭୀଙ୍କଠାରୁ ଭାରତ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ଜଣାଇଥିଲେ। ଏହା ଫଳରେ ସେମାନେ ଟ୍ରଫି ନେବାକୁ ଆସି ନ ଥିଲେ। ଫାଇନାଲରେ ଅପରାଜିତ ୬୯ ରନ୍ କରିଥିବା ଭାରତର ତିଳକ ବର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ଓ ମୋଟରେ ୧୭ଟି ୱିକେଟ ନେଇଥିବା ଭାରତର ବାମହାତୀ ସ୍ପିନର କୁଳଦୀପ ଯାଦବଙ୍କୁ ଟୁର୍ଣ୍ଣାମେଣ୍ଟର ମୋଷ୍ଟ ଭାଲ୍ୟୁଏବଲ ଓ ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ବିସିଏ ସଭାପତି ହେବାରେ ୨୪ ବର୍ଷୀୟ ହର୍ଷ ସର୍ବକନିଷ୍ଠ



ପାଟନା. ୨୮।୯ (ଏଜେନ୍ସି): ବିହାର କ୍ରିକେଟ୍ ସଂଘ (ବିସିଏ) ଇତିହାସରେ ହର୍ଷ ବର୍ଦ୍ଧନ ସର୍ବକନିଷ୍ଠ ସଭାପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ଅନୁଷ୍ଠିତ ବିସିଏର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ହର୍ଷ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଥିବା ନେଇ ଘୋଷଣା କରାଯାଇଥିଲା। ହର୍ଷ ହେଉଛନ୍ତି ବିସିଏର ପୂର୍ବତନ ସଭାପତି ରାକେଶ ତିୱାରୀଙ୍କ ପୁଅ। ହର୍ଷଙ୍କ ସମେତ ପ୍ରିୟା କୁମାରୀ ଉପ-ସଭାପତି, ଜିଆଲୁ ଆରିଫିନ ସମ୍ପାଦକ, ଅଭିଷେକ ନନ୍ଦନ କୋଷାଧ୍ୟକ୍ଷ ଓ ରୋହିତ୍ କୁମାର ଯୁଗ୍ମ ସମ୍ପାଦକ ଭାବେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ଆଇଏଏସ୍ ଏମ୍. ମୋଦାସିର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

# ମିଥୁନ ମାନ୍‌ହାସ୍ ବିସିସିଆଇର ନୂଆ ସଭାପତି

ମୁମ୍ବଇ,୨୮।୯ (ଏଜେନ୍ସି)



ଦିଲ୍ଲୀର ପୂର୍ବତନ କ୍ରିକେଟ ଅଧିନାୟକ ତଥା ଜମ୍ମୁ-କାଶ୍ମୀରର ପ୍ରଶାସକ ମିଥୁନ ମାନହାସ ଦେଶର ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ)ର ୩୭ତମ ନିର୍ବାଚିତ ସଭାପତି ହୋଇଛନ୍ତି। ଭାରତର ବିଶ୍ୱକପ୍ ବିଜୟୀ ଅଲରାଉଣ୍ଡର ରୋଜର ମାଇକେଲ ବିନ୍ନି ଚଳିତବର୍ଷ ଅଗଷ୍ଟମାସରେ ସଭାପତି ପଦରୁ ଅବ୍ୟାହତି ନେବା ପରେ ତାଙ୍କ ସ୍ଥାନରେ ୪୫ ବର୍ଷୀୟ ମିଥୁନ ସଭାପତି ପଦ ପୂରଣ କରିଛନ୍ତି। ଆଜି ବିସିସିଆଇର ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ ହୋଇଥିଲା। ଏଥିରେ ମିଥୁନ ଏକମାତ୍ର ପ୍ରାର୍ଥୀଭାବେ ମନୋନୟନ ପତ୍ର ଦାଖଲ କରିଥିଲେ। ଏଣୁ ସେ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସହ ବିସିସିଆଇର ଅନ୍ୟ ସମସ୍ତ ପଦବୀ ଗୁଡ଼ିକରେ ମନୋନୟନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରାଜୀବ ଶୁକ୍ଳା ଆଉ ଗୋଟିଏ ଟର୍ମ ଲାଗି ଉପସଭାପତି ଭାବେ ରହିଛନ୍ତି। ସେହିପରି ଦେବଜିତ ସାଇକିଆ ସମ୍ପାଦକ, ପୂର୍ବତନ କୋଷାଧ୍ୟକ୍ଷ ଥିବା ପ୍ରଭତେଜ ସିଂହ ଭାଟିଆ ନୂଆ ଯୁଗ୍ମ ସମ୍ପାଦକ, ଆଉଜଣେ ପୂର୍ବତନ କ୍ରିକେଟର ରଘୁରାମ ଭଟ୍ଟ ନୂଆ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଭଟ୍ଟ ଭାରତର ଜଣେ ପୂର୍ବତନ କ୍ରିକେଟ ହୋଇଥିଲାବେଳେ ୨୦୨୨ରୁ ୨୦୨୫ ଯାଏ କର୍ଣ୍ଣାଟକ କ୍ରିକେଟ ସଂଘର ସଭାପତି ରହିଥିଲେ। ପୂର୍ବପରି ଅରୁଣ ଧୂମାଲ ଆଇପିଏଲ କମିଶନର ରହିବେ।

ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ ସଂଘର ସଭାପତି ହେବା ମୋ ଲାଗି ଏକ ସମ୍ମାନର କଥା। ଏହି ସମୟରେ ଭାରତୀୟ କ୍ରିକେଟ ପ୍ରଶାସନକୁ ସମ୍ଭାଳିବା ମଧ୍ୟ ଏକ ଗୁରୁଦାୟିତ୍ୱ। ପ୍ରତିଶ୍ରୁତି ଦେଉଛି, ନିଜ ଦକ୍ଷତା ଅନୁଯାୟୀ ଭାରତୀୟ କ୍ରିକେଟର ଉନ୍ନତି କରିବାକୁ ମୁଁ ସମସ୍ତ ପ୍ରକାର ଚେଷ୍ଟା କରିବି ବୋଲି ମାନହାସ କହିଛନ୍ତି। ସଭାପତି ହେବା ଲାଗି ଆପଣଙ୍କର କେଉଁ ଦକ୍ଷତା ସହାୟକ ହେଲା ବୋଲି ପ୍ରଶ୍ନର ଉତ୍ତରରେ ସେ କହନ୍ତି, ବୋଧହୁଏ ଜମ୍ମୁ-କାଶ୍ମୀରର ପ୍ରଶାସକ ଭାବେ ଗତ ୪ ବର୍ଷ ଧରି ଯେଉଁ କାମ କରିଛି, ତାହା ମୋ ସପକ୍ଷରେ ଯାଇଛି ବୋଲି ମୁଁ ଅନୁଭବ କରୁଛି। ଆସନ୍ତା ଅକ୍ଟୋବର ମାସରେ ୪୬ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ମିଥୁନ ଦୀର୍ଘ ୨୦ ବର୍ଷ ଧରି କ୍ରିକେଟ ଖେଳିଛନ୍ତି। ଏହା ମଧ୍ୟରେ ୧୫୭ଟି ପ୍ରଥମଶ୍ରେଣୀ, ୧୩୦ଟି ଲିଷ୍ଟ-ଏ' (ଘରୋଇ ଦିନିକିଆ) ଓ ୯୧ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି।

### ଶରତ ଜୁନିଅର କମିଟି ଚେୟାରମ୍ୟାନ୍

ଅନ୍ୟପକ୍ଷରେ ଜାତୀୟ ସିନିଅର ସିଲେକ୍ଟର ପଦରୁ ବାଦ୍ ପଡ଼ିଥିବା ଶରତଙ୍କୁ ଜାତୀୟ ଜୁନିୟର ସିଲେକ୍ସନ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତି ମିଳିଛି। ସେ ତିଳକ ନାଇଡୁଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିବେ। ଜୁନିଅର କମିଟିରେ ହରବିନ୍ଦର ସିଂହ ସୋଢ଼ି, ରଣଦେବ ବୋଷ, ପଥିକ ପଟେଲ ଓ କ୍ରିଷ୍ଣା ମୋହନ ସଦସ୍ୟ ଭାବେ ରହିଛନ୍ତି। ସୌରାଷ୍ଟ୍ରର ପୂର୍ବତନ ଅଧିନାୟକ ତଥା ନିରଞ୍ଜନ ଶାହଙ୍କ ପୁଅ ଜୟଦେଶ ଶାହଙ୍କୁ ବିସିସିଆଇ ଆପେକ୍ସ କାଉନ୍ସିଲରେ ସଦସ୍ୟ ଭାବେ ରହିଛନ୍ତି। ସେ ମିଜୋରାମର ଖଇରୁଲ ଜମାଲ ମଜୁମଦାରଙ୍କ ସ୍ଥାନରେ ଏହି ଦାୟିତ୍ୱରେ ରହିବେ। ଅରୁଣ ଧୂମାଲଙ୍କୁ ଆଇପିଏଲ୍ ଚେୟାରମ୍ୟାନ୍ କରାଯାଇଥିଲାବେଳେ ଖଇରୁଲ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ କମିଟିରେ ସଦସ୍ୟ ଅଛନ୍ତି।

### ଅମିତା ଶର୍ମାଙ୍କୁ ମହିଳା ଚୟନ ଦାୟିତ୍ୱ

ଜାତୀୟ ସିନିୟର ମହିଳା ସିଲେକ୍ସନ କମିଟିର ଚେୟାରମ୍ୟାନ୍ ଭାବେ ନୀତୁ ଡେଭିଡ୍‌ଙ୍କ ସ୍ଥାନରେ ଅମିତା ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କମିଟିରେ ଶ୍ୟାମା ଦେ, ସୁଲକ୍ଷଣା ନାଏକ, ଜୟା ଶର୍ମା ଓ ଶ୍ରାବନ୍ତୀ ନାଇଡୁ ସଦସ୍ୟ ରହିଛନ୍ତି। ଦେ'ଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ସଦସ୍ୟ ପ୍ରଥମ କରି ସାମିଲ ହୋଇଛନ୍ତି। ମହିଳା ପ୍ରିମିୟର ଲିଗ୍‌ର ଚେୟାରମ୍ୟାନ୍ ଭାବେ ଜୟେଶ ଜର୍ଜଙ୍କୁ ଦାୟିତ୍ୱ ଦିଆଯାଇଛି।

## ପ୍ରଜ୍ଞାନ ନୂଆ ସିଲେକ୍ଟର, କମିଟିରେ ୨ ଓଡ଼ିଆ



ବିସିସିଆଇର ନୂଆ ସଭାପତି ଭାବେ ନିର୍ବାଚିତ ହେବା ପରେ ସିନିୟର ଓ ଜୁନିୟର ଚୟନ କମିଟିରେ ମଧ୍ୟ ପରିବର୍ତ୍ତନ ହୋଇଛି। ଜାତୀୟ ସିନିଅର ସିଲେକ୍ସନ କମିଟିରେ ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ପୂରିଯାଇଛି। ସେମାନେ ହେଲେ ଦକ୍ଷିଣାଞ୍ଚଳର ଏସ୍ ଶରତ ଓ ପୂର୍ବାଞ୍ଚଳର ସୁବ୍ରତ ବାନାର୍ଜୀ। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ସନ କମିଟିର ଅନ୍ୟ ଦୁଇ ଜଣ ସଦସ୍ୟ ହେଲେ ଅଜୟ ରାତ୍ରା ଓ ବିଦର୍ଭର ଓଡ଼ିଆ ଖେଳାଳି ଶିବସୁନ୍ଦର ଦାସ। ଏମାନଙ୍କ କାର୍ଯ୍ୟକାଳ ୨୦୨୬ରେ ଶେଷ ହେବ। ସିନିଅର ସିଲେକ୍ସନ କମିଟିରେ ଶରତଙ୍କ ସ୍ଥାନରେ ହାଇଦ୍ରାବାଦ୍‌ର ବାମହାତୀ ସ୍ପିନର ତଥା ଓଡ଼ିଆ ଖେଳାଳି ପ୍ରଜ୍ଞାନ ଓଝା ଏବଂ ବାନାର୍ଜୀଙ୍କ ସ୍ଥାନରେ ରୁଦ୍ରପ୍ରତାପ ସିଂଙ୍କୁ ନୂଆ ସିଲେକ୍ଟର ଭାବେ ଚୟନ କରାଯାଇଛି। ଏହା ଫଳରେ ଭାରତୀୟ କ୍ରିକେଟ ଇତିହାସରେ ଗୋଟିଏ ରାଜ୍ୟ ଓଡ଼ିଶାର ଦୁଇ ଖେଳାଳି ଜାତୀୟ ଚୟନ କମିଟିରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଛନ୍ତି। ଉଭୟ ଓଡ଼ିଶା ତଥା ଭୁବନେଶ୍ୱରର ଖେଳାଳି ହୋଇଥିଲାବେଳେ ପ୍ରଜ୍ଞାନ ଆରମ୍ଭରୁ ଅବସର ନେବା ଯାଏ ହାଇଦରାବାଦ୍ ପକ୍ଷରୁ ସମସ୍ତ ପ୍ରକାର କ୍ରିକେଟ ଖେଳିଛନ୍ତି। କିନ୍ତୁ ଶିବସୁନ୍ଦର ଦାସ କ୍ୟାରିୟରର ଶେଷ ଭାଗରେ ବିଦର୍ଭ ପକ୍ଷରୁ ଖେଳିଥିଲେ। ଜାତୀୟ ଦଳର ନେତୃତ୍ୱ ନେବାରେ ଶିବସୁନ୍ଦର ଓଡ଼ିଶାର ପ୍ରଥମ ଖେଳାଳି ହୋଇଥିଲେ। କିନ୍ତୁ ଜାତୀୟସ୍ତରର ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସଂଘରେ ୨ଜଣ ଓଡ଼ିଆ ଏକତ୍ର କାମ କରିବା ଓଡ଼ିଶା କ୍ରିକେଟ ଇତିହାସରେ ପ୍ରଥମ ଘଟଣା।

### ନୂଆ କର୍ମକର୍ତ୍ତା

**ବିସିସିଆଇ ନିର୍ବାଚତ କର୍ମକର୍ତ୍ତା**: ମିଥୁନ ମାନହାସ- ସଭାପତି, ରାଜୀବ ଶୁକ୍ଳା- ଉପସଭାପତି, ଦେବଜିତ ସାଇକିଆ- ସମ୍ପାଦକ, ପ୍ରଭତେଜ ସିଂହ ଭାଟିଆ- ଯୁଗ୍ମ ସମ୍ପାଦକ, ରଘୁରାମ ଭଟ୍ଟ- କୋଷାଧ୍ୟକ୍ଷ। ଆଇପିଏଲ୍ ପ୍ରତିନିଧି- ଅରୁଣ ଧୂମାଲ, ଖଇରୁଲ ଜମାଲ ମଜୁମଦାର।

**ପୁରୁଷ ସିନିଅର ଚୟନ କମିଟି**: ଅଜିତ ଅଗରକର (ଚେୟାରମ୍ୟାନ୍), ଶିବସୁନ୍ଦର ଦାସ, ଅଜୟ ରାତ୍ରା, ରୁଦ୍ରପ୍ରତାପ ସିଂ ଓ ପ୍ରଜ୍ଞାନ ଓଝା।

**ମହିଳା ସିନିଅର ଚୟନ କମିଟି**: ଅମିତା ଶର୍ମା (ଚେୟାରପର୍ସନ), ଶ୍ୟାମା ଦେ, ସୁଲକ୍ଷଣା ନାଏକ, ଜୟା ଶର୍ମା, ଶ୍ରାବନ୍ତୀ ନାଇଡୁ।

**ଜୁନିଅର ଚୟନ କମିଟି**: ଏସ୍ ଶରତ (ଚେୟାରପର୍ସନ), ହରବିନ୍ଦର ସିଂହ, ପାଥିକ ପଟେଲ, କ୍ରିଷ୍ଣା ମୋହନ ଓ ରଣଦେବ ବୋଷ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS







# ଭାରତ ୯ମ ଥର ଏସିଆ କପ୍ ଚାମ୍ପିଅନ



## ଏସିଆ କପ୍ ଫଳାଫଳ

| ବର୍ଷ | ଚାମ୍ପିଅନ | ରନର୍ସଅପ୍ | ଫର୍ମାଟ |
|---|---|---|---|
| ୧୯୮୪ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୧୯୮୬ | ଶ୍ରୀଲଙ୍କା | ପାକିସ୍ତାନ | ଦିନିକିଆ |
| ୧୯୮୮ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୧୯୯୦ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୧୯୯୫ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୧୯୯୭ | ଶ୍ରୀଲଙ୍କା | ଭାରତ | ଦିନିକିଆ |
| ୨୦୦୦ | ପାକିସ୍ତାନ | ଶ୍ରୀଲଙ୍କା | ଦିନିକିଆ |
| ୨୦୦୪ | ଶ୍ରୀଲଙ୍କା | ଭାରତ | ଦିନିକିଆ |
| ୨୦୦୮ | ଶ୍ରୀଲଙ୍କା | ଭାରତ | ଦିନିକିଆ |
| ୨୦୧୦ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୨୦୧୨ | ପାକିସ୍ତାନ | ବାଂଲାଦେଶ | ଦିନିକିଆ |
| ୨୦୧୪ | ଶ୍ରୀଲଙ୍କା | ପାକିସ୍ତାନ | ଦିନିକିଆ |
| ୨୦୧୬ | ଭାରତ | ବାଂଲାଦେଶ | ଟି-୨୦ |
| ୨୦୧୮ | ଭାରତ | ବାଂଲାଦେଶ | ଦିନିକିଆ |
| ୨୦୨୨ | ଶ୍ରୀଲଙ୍କା | ପାକିସ୍ତାନ | ଟି-୨୦ |
| ୨୦୨୩ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୨୦୨୫ | ଭାରତ | ପାକିସ୍ତାନ | ଟି-୨୦ |

ଫାଇନାଲ୍‌ରେ ପାକିସ୍ତାନକୁ ୫ ୱିକେଟ୍‌ରେ ହରାଇବା ସହ ଭାରତ ୯ମ ଥର ଲାଗି ଏସିଆ କପ୍ ଟାଇଟଲ୍ ହାସଲ କରିଛି । ଯେଉଁଥିରେ ଦିନିକିଆ ଫର୍ମାଟରେ ଭାରତ ୭ ଥର ଚାମ୍ପିଅନ୍ ହୋଇଥିବାବେଳେ ଟି-୨୦ ଫର୍ମାଟରେ ୨ଥର ବିଜୟୀ ହୋଇଛି ।







ପରାଜୟ ପରେ ମର୍ମାହତ ପାକିସ୍ତାନ ଖେଳାଳି


ପୁରସ୍କାର ଉତ୍ସବରେ ପାକିସ୍ତାନ ମନ୍ତ୍ରୀ ତଥା ଏସିଆ କ୍ରିକେଟ୍ ମୁଖ୍ୟ ମୋହସିନ ନକଭି